


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୨ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 JANUARY 2022
Vol.No. 33 ■ No. 2 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଲେ ମୋଦି

ନୂଆଦିଲ୍ଲୀ,୦୧/୦୧: ନବ ବର୍ଷରେ ଚାଷୀଙ୍କୁ ଟଙ୍କା ପଠାଇଲେ ମୋଦି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପିଏମ କିଷାନ ଯୋଜନାରେ ଦଶମ କିସ୍ତି ଭାବେ ୧୦.୦୯ କୋଟିରୁ ଅଧିକ ଚାଷୀଙ୍କୁ ୨୦,୯୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି। ଭିଡିଓ କନଫରେନ୍ସି ଜରିଆରେ ଏକ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଏହି ଟଙ୍କା ଦେଇଛନ୍ତି ମୋଦି। ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଯୋଗ୍ୟ ଚାଷୀମାନଙ୍କୁ ୩ଟି ଇନ୍‌ଷ୍ଟଲମେଣ୍ଟରେ ୨୦୦୦ କରି ବାର୍ଷିକ ୬୦୦୦ ଟଙ୍କା ପ୍ରଦାନ କରାଯାଇଥାଏ। ଏହି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଟ୍ରାନ୍ସଫର କରାଯାଇଥାଏ। ଏଥିସହ ଭର୍ଚୁଆଲ୍ ଇଭେଣ୍ଟ କାର୍ଯ୍ୟକ୍ରମରେ ମୋଦି ୩୫୧ ଚାଷୀ ଉତ୍ପାଦକ




ସଙ୍ଗଠକୁ (ରଚଡ)କୁ ୧୪ କୋଟିରୁ ଅଧିକ ଇକୁଇଟି ପ୍ରଦାନ କରିଛନ୍ତି। ଏଥିରେ ୧.୨୪ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ଦେଶର ୯ ଜଣ ମୁଖ୍ୟମନ୍ତ୍ରୀ, ବିଭିନ୍ନ ରାଜ୍ୟର ମନ୍ତ୍ରୀ ଏବଂ ବିଭିନ୍ନ କୃଷି ଅନୁଷ୍ଠାନର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି ଯେ, ନୂଆ ବର୍ଷର ପ୍ରଥମ ଦିନରେ ପ୍ରାୟ ୧୦.୦୯ କୋଟି ହିତାଧିକାରୀଙ୍କୁ ପ୍ରାୟ ୨୦.୯୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଉଛି। ସେ ଆହୁରି ମଧ କହିଛନ୍ତି ଯେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବାକୁ ପିଏମ କିଷାନ ଯୋଜନା ସହାୟ ହେବ। ଏହି ଯୋଜନାରେ ଏ ଯାଏଁ ୧.୮ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଲାଣି ।

## ବୈଷ୍ଣୋଦେବୀ ଯାତ୍ରାରେ ଦଳାଚକଟାରେ ଚାଲିଗଲା ୧୨ ଜଣଙ୍କ ଜୀବନ

ଭୁବନେଶ୍ୱର,୦୧/୦୧(ନି.ପ୍ର): ନୂଆବର୍ଷରେ ବୈଷ୍ଣୋଦେବୀ ଅଘଟଣକୁ ନେଇ ସାରା ଦେଶରେ ଚର୍ଚ୍ଚା । ତେବେ ମାଙ୍କ ଦର୍ଶନ ପାଇଁ ରାତିରୁ ଲମ୍ବା ଲାଇନ୍ ଥିଲା କିନ୍ତୁ ବଚସାରୁ ଠେଲାପେଲା ହେଲା ଆଉ ସୂର୍ଯ୍ୟୋଦୟ ହେବା ବେଳକୁ ଚାଲିଯାଇଥିଲା ୧୨ ଜୀବନ । ତେବେ ଏହି ମାମଲାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସରକାର । ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଜମ୍ମୁ ରାଜ୍ୟପାଳ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରାଯାଇଥିବା ବେଳେ ଆହତଙ୍କ ପାଇଁ ୫୦ ହଜାରରୁ ୨ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି



ସରକାର । ନୂଆବର୍ଷର ପ୍ରଥମ ସୂର୍ଯ୍ୟକିରଣ ଯେତେବେଳେ ଭାରତକୁ ଛୁଉଁଥିଲା ସେତେବେଳେ ବୈଷ୍ଣୋଦେବୀରେ ୧୨ ଜଣଙ୍କର ମୃତ୍ୟୁ ଘଟିସାରିଥିଲା । ୧୪ରୁ ଅଧିକ ଆହତ ହୋଇଥିଲେ । ନୂଆବର୍ଷର ପ୍ରଥମ ସକାଳକୁ ଯେତେବେଳେ ଲୋକେ ଆନନ୍ଦିତ ହେଉଥିଲେ । ସେତେବେଳେ କିନ୍ତୁ ବୈଷ୍ଣୋଦେବୀ ପୀଠରେ ଏହି ଅଘଟଣ ସମସ୍ତଙ୍କୁ ହତବାକ୍ କରିଥିଲା । ଦୁର୍ଘଟଣାରୁ ବର୍ତିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ନୂଆବର୍ଷରେ ଅଧିକ ଲୋକେ ଆସିବାର ସମ୍ଭାବନା ଥିଲା । ଅନେକ ଶ୍ରଦ୍ଧାଳୁ ମଧ ଆସିଥିଲେ । ଏପରି ସ୍ଥିତିରେ ଭିଡକୁ ନିୟନ୍ତ୍ରଣ କରିବାକୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା । ତେବେ ମା'ଙ୍କ ଦର୍ଶନ ପାଇଁ ରାତି ଗୋଟାଏରୁ ଲମ୍ବା ଲାଇନ୍ ଲାଗିବା ଆରମ୍ଭ ହୋଇଥିଲା । ହେଲେ ରାତି ୨ଟା ୪୫ ମିନିଟ୍ ବେଳକୁ ଲାଇନରେ ଛିଡା ହୋଇଥିବା ବ୍ୟକ୍ତି ଠେଲାପେଲା ହେବାରୁ ବିବାଦ ବଢିଥିଲା । ଆଉ ଗହଳି ଭିତରେ ଠେଲାପେଲା ଆରମ୍ଭ ହୋଇଥିଲା । ଯାହା ଦଳଚକଟା ଆଡକୁ ମୁହାଁଥିଲା । ଗହଳି ଭିତରୁ ଲୋକେ ବାହାରି ପାରୁନଥିଲେ । ହେଲେ ଠେଲାପେଲା ଭିତରେ ଯେଉଁମାନେ ▶▶ପୃଷ୍ଠା ୭

## ଗୋଟିଏ ପଟେ ଓମିକ୍ରନ ପାଇଁ କଟକଣା : ସେପଟେ ରାଲିରେ ହଜାର ହଜାର ଲୋକଙ୍କ ଭିଡ

ନୂଆଦିଲ୍ଲୀ,୦୧/୦୧: କରୋନାର ନୂଆ ପ୍ରଜାତି ଓମିକ୍ରନ ପାଇଁ ସାରା ଦେଶରେ ପୁଣିଥରେ ଆତଙ୍କ ଖେଳିଯାଇଛି । ଦ୍ରୁତ ଗତିରେ ବ୍ୟାପୁଥିବା ଓମିକ୍ରନ୍ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଅନେକ କଟକଣା ଲଗାଉଛନ୍ତି । ସାର୍ବଜନୀନ ସ୍ଥାନରେ ଗହଳି ନକରିବା, ନାଇଟ୍ କର୍ଫ୍ୟୁ ଲଗାଇବା ଭଳି ଅନେକ ନିୟମ ଲାଗୁ ହୋଇଛି । ହେଲେ ଉତ୍ତରପ୍ରଦେଶ ନିର୍ବାଚନ ରାଲିରେ ଏସବୁ କଟକଣାକୁ ଫୁ କରିଦିଆଯାଇଛି । ହଜାର ହଜାର ସଂଖ୍ୟକ ଲୋକ ଉତ୍ତରପ୍ରଦେଶର ବିଭିନ୍ନ ରାଲିରେ ଏଭଳି ରୁଣ୍ଡ ହୋଇଛନ୍ତି, ଯେପରି



ସେମାନଙ୍କୁ କରୋନା ପାଇଁ କୌଣସି ଭୟ ନାହିଁ । ଶୁକ୍ରବାର ଯେତେବେଳେ ଉତ୍ତରପ୍ରଦେଶ ବରେଲିରେ ନିର୍ବାଚନ ପ୍ରଚାର ପାଇଁ ପହଁଚିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ସେତେବେଳେ ଲକ୍ଷାଧିକ ଲୋକ ତାଙ୍କ ପ୍ରଚାର ରାଲିରେ ସାମିଲ ହୋଇଥିଲେ । ଯେତେବେଳେ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ପାଇଁ ଅନେକ କଟକଣା ଲଗାଯାଉଛି, ଲୋକଙ୍କୁ କରୋନା ଗାଇଡ୍ ଲାଇନ୍ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି, ସେଠି ନେତାଙ୍କ ର୍ୟାଲିରେ କଟକଣାକୁ ଭାଙ୍ଗୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ମୁହଁରେ ନାହିଁ ମାସ୍କ, ସାମାଜିକ ଦୂରତା ପଚାରେ କିଏ । କରୋନା ଏବେ ଦେଶରେ ଉପରମୁହାଁ ଥିବାବେଳେ ନିଜେ ନେତା ହିଁ କଟକଣାକୁ ବେଖାତିର କରୁଛନ୍ତି । ଯାହା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ରାଲି ସ୍ପଷ୍ଟ କରୁଛି । ଖାଲି ଅମିତ୍ ଶାହଙ୍କ ରାଲି କାହିଁକି ଶନିବାର ନୂଆବର୍ଷ ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ▶▶ପୃଷ୍ଠା ୭

## ୭ ଦିନ ହେଲା ଘରେ ବନ୍ଦୀ ଅଛନ୍ତି ବୃଦ୍ଧା ଓ ପୁଅ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ୭ ଦିନ ହେଲା ଘର ଭିତରେ ବନ୍ଦୀ ହୋଇ ରହିଛନ୍ତି ୭୬ ବର୍ଷୀୟା ବୃଦ୍ଧା ଅନୁସୂୟା ମହାନ୍ତି ଓ ତାଙ୍କ ପୁଅ । ଭୁବନେଶ୍ୱର ସିଆରପି ଛକ ନିକଟ ପ୍ରିୟଦର୍ଶିନୀ ମାର୍କେଟ ପଛପଟେ ଥିବା ଏକ ଘରେ ଦେଖିବାକୁ ମିଳିଛି ଏହିଭଳି ଅଭାବନୀୟ ଘଟଣା । ଜମିବାଡି ବିବାଦକୁ ନେଇ ୯ବର୍ଷ ହେଲା ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ବିବାଦ ଲାଗିରହିଥିଲା । ବିବାଦ ବଢିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ବୃଦ୍ଧାଙ୍କର ଘର ଫାଟକରେ ତାଲା ପକାଇ ଦେଇଛନ୍ତି । ଫଳରେ ୭ଦିନ ହେଲା ବୃଦ୍ଧା ଓ ତାଙ୍କ ପୁଅ ଘରବନ୍ଦୀ ଅବସ୍ଥାରେ ରହିଛନ୍ତି । ଘରର ପଟ୍ଟା ଅନୁସୂୟା ମହାନ୍ତି ଓ ତାଙ୍କ ସ୍ୱାମୀଙ୍କ ନାଁରେ ଥିବା ବେଳେ ୪ଜଣ ବ୍ୟକ୍ତି ସମ୍ପତି ହଡ଼ପ କରିବାକୁ ଯୋଜନା କରୁଥିବା ବୃଦ୍ଧାଙ୍କ ପୁଅ ଅଭିଯୋଗ କରିଛନ୍ତି। ଏନେଇ କୋର୍ଟ ମାମଲା ମଧ ଚାଲିଛି। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ପୋଲିସ ଘର ସମ୍ମୁଖରେ ନିୟୋଜିତ ହୋଇଛନ୍ତି।

## ଓମିକ୍ରନ ଭୟ ଭିତରେ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ

ଭୁବନେଶ୍ୱର,୦୧/୦୧(ନି.ପ୍ର): ସାରା ଦେଶରେ ଓମିକ୍ରନ ସଂକ୍ରମଣ ବଢୁଛି । ୟୁରୋପ ଏବଂ ଆମେରିକାରେ ସଂକ୍ରମଣ ହୁ ହୁ ହୋଇ ବଢୁଛି । ଏହାକୁ ନେଇ କେନ୍ଦ୍ର ସରକାର ଚିନ୍ତାପ୍ରକଟ କରିଛନ୍ତି । ତେଣୁ ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖି ସତର୍କ କରାଇଛି କେନ୍ଦ୍ର । ହସ୍ପିଟାଲରେ ବେଡ୍, ଅକ୍ସିଜେନ୍ ଓ ମେଡିସିନ୍ ମହଜୁଦ ରଖିବା ସହିତ ଶିଶୁ ଚିକିତ୍ସା କେନ୍ଦ୍ର ଉପରେ ଗୁରୁତ୍ୱ ଦେବାକୁ କହିଛି କେନ୍ଦ୍ର । ସଂକ୍ରମଣ ବୃଦ୍ଧି ପାଉଥିବା ଅଞ୍ଚଳରେ




କଣ୍ଟେନମେଣ୍ଟ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପରାମର୍ଶ ଦେଇଛନ୍ତି । ଅନ୍ୟପଟେ କୌଣସି ବି ରାଜ୍ୟ ଓମିକ୍ରନର ପ୍ରଭାବରୁ ବର୍ତ୍ତିପାରିବେ ନାହିଁ । ଭାରତର କରୋନା ସଂଖ୍ୟାକୁ ବିଶ୍ଳେଷଣ କରୁଥିବା କେମ୍ବ୍ରିଜ ପ୍ରଫେସର୍ ଏଭଳି ବୟାନ ଦେଇଛନ୍ତି । ତେବେ ଆଗକୁ ୫ ରାଜ୍ୟରେ ନିର୍ବାଚନ ହେବାକୁ ଥିବା ▶▶ପୃଷ୍ଠା ୭

## ନବବର୍ଷରେ ୧୦୦ ଦିବସୀୟ ପଠନ ଅଭିଯାନ 'ପଢ଼େ ଭାରତ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୧/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଇଂରାଜୀ ନବ ବର୍ଷ-୨୦୨୨ ଅବସରରେ ରାଷ୍ଟ୍ରୀୟ ଶିକ୍ଷା ନୀତି -୨୦୨୦ ଅନ୍ତର୍ଗତ ୧୦୦ ଦିବସୀୟ ପଠନ ଅଭିଯାନ 'ପଢ଼େ ଭାରତ'ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶର ନାଗରିକ ବିଶେଷ



ଭାବରେ ଯୁବପିଢ଼ିଙ୍କୁ 'ବହି ପଢ଼ିବା'କୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ କରିଛନ୍ତି। ▶▶ପୃଷ୍ଠା ୭

## ଅପରାଧୀଙ୍କୁ କ୍ଷମା ନାହିଁ : ଡିଜିପି

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ନୂଆ ବର୍ଷରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ନୂଆ ପୋଲିସ ଡିଜି ସୁନୀଲ କୁମାର ବଂଶଲ। ଭିଡ଼ିଓ ବାର୍ତା ମାଧ୍ୟମରେ ନବ ନିଯୁକ୍ତ ଡିଜିପି କହିଛନ୍ତି ବିଗତ ଦିନରେ ପୋଲିସ ବିଭାଗ ନିସ୍ୱାର୍ଥପର ଭାବେ ରାଜ୍ୟବାସୀଙ୍କୁ ସେବା ଯୋଗାଇ ଆସିଛି। ଆଗାମୀ ଦିନରେ ମଧ ସେହିଭଳି ଭାବେ କାର୍ଯ୍ୟ ଆଗକୁ ନେବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିବ। ଡିଜିପି କହିଛନ୍ତି ନିଃସହାୟ ପାଇଁ ସବୁବେଳେ ସାହା ହେବ ପୋଲିସ। ସମସ୍ତଙ୍କ ସୁରକ୍ଷା ଆମର ପ୍ରତିବଦ୍ଧତା ଓ ପ୍ରତିଶ୍ରୁତି। ଜନତାଙ୍କ ନିକଟରେ ଆମେ ପୂରା ସମର୍ପିତ ହେବୁ । ଏହି ନୂଆ ବର୍ଷରେ ଅପରାଧ ଦୁନିଆ ପାଇଁ କଡା ଚେତାବନୀ ଦେଇଛନ୍ତି ଡିଜିପି। ଅପରାଧୀମାନଙ୍କୁ କୌଣସି ସମୟରେ କ୍ଷମା ଦିଆଯିବ ନାହିଁ, ଗିରଫ କରାଯିବ ବୋଲି କହିଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ। କରୋନା ମହାମାରୀ ସମୟରେ ବି ସମସ୍ତଙ୍କୁ ସର୍ବଶ୍ରେଷ୍ଠ ସେବା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ସୁନୀଲ ବଂଶଲ । ଏହାଛଡା ନିଶା କାରବାର ଉପରେ କଡ଼ା ନଜର ରଖାଯିବା ସହ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ବନ୍ଧାଯିବ। ରାଜ୍ୟର ସୁରକ୍ଷା ଭାରକୁ ଆହୁରି ସୁଦୃଢ କରାଯିବ ବୋଲି କହିଛନ୍ତି ଡିଜିପି ବଂଶଲ। ସୂଚନାଯୋଗ୍ୟ, ଗତକାଲି ପୂର୍ବତନ ଡିଜିପି ଅଭୟଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ଡିଜିପି ସୁନୀଲ ବଂଶଲ।

## କିଶୋର ଟିକାକରଣ ପାଇଁ ପଞ୍ଜିକରଣ ଆରମ୍ଭ : ୩ରୁ ଟିକା

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ରାଜ୍ୟରେ ଆଜି (ଶନିବାର)ଠାରୁ ୧୫-୧୮ ବର୍ଷ ପିଲାଙ୍କ ଟିକାକରଣ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଯାବତ୍ ୪୫ ହଜାର ପିଲା ଟିକାକରଣ ଲାଗି ନାମ ପଞ୍ଜୀକରଣ କରିଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ୧୫ରୁ ୧୮ ବର୍ଷ ବୟସ୍କ କିଶୋରମାନେ କୋୱିନ୍ ପୋର୍ଟାଲରେ ଲଗ ଇନ କରି ମୋବାଇଲ ନମ୍ବର ଦେଇ ଓଟିପି ଜରିଆରେ ଟୀକାକରଣ ପାଇଁ ନାମ ପଞ୍ଜୀକରଣ କରିପାରିବେ। ଏହାପରେ ଉକ୍ତ ପୋର୍ଟାଲରେ ଆପଏଂଟମେଂଟ ବୁକ୍ କରି ୩ ତାରିଖ ପରଠାରୁ ଟିକା ନେଇପାରିବେ। ଏବେ ରାଜ୍ୟରେ ୨୬୦୦ ଟିକାକରଣ କେନ୍ଦ୍ର ଅଛି। ସେଥିମଧ୍ୟରୁ କିଛି ସମର୍ପିତ କିଶୋର



ଟିକାକରଣ କେନ୍ଦ୍ର ରହିବ। କିନ୍ତୁ ଅନ୍ୟ ସମସ୍ତ ଟିକାକରଣ କେନ୍ଦ୍ରରେ ବି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିଶୋର ଟିକା ନେଇପାରିବେ। ଏପରିକି ଟିକାକରଣ କେନ୍ଦ୍ରରେ ଅନସାଇଟ ସ୍ଲଟ ବୁକିଂ କରି ମଧ ଟିକା ନେଇପାରିବେ ୧୫ରୁ ୧୮ ବର୍ଷ ପିଲା। ସେ ଆହୁରି କହିଛନ୍ତି ଯେ ୨୦୦୫ ରୁ ୨୦୦୭ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଲାଙ୍କ ଟିକାକରଣ ପାଇଁ ପଞ୍ଜୀକରଣ କରାନ୍ତୁ ଅଭିଭାବକ। ଏବେ ରାଜ୍ୟରେ ୧୫ ଲକ୍ଷ ଡୋଜ କୋଭକ୍ସିନ ମହଜୁଦ ଅଛି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ କୋଭକ୍ସିନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା କୋୱିନ୍ ପୋର୍ଟାଲରେ ୪୫ ହଜାରରୁ ଅଧିକ ପିଲା ଟିକାକରଣ ପାଇଁ ବୁକ କରିସାରିଛନ୍ତି ।

## ଗୋଛାୟତ ମଧୁସୂଦନ ବିଦ୍ୟାପୀଠରେ ପୁରାତନ ଛାତ୍ରଛାତ୍ରୀ ଶିକ୍ଷକଙ୍କ ସସମାବେଶରେ ଗୁରୁପୂଜନ ଅନୁଷ୍ଠିତ




ବାଲେଶ୍ୱର, ୦୧/୦୧ (ନି.ପ୍ର): ଦଣ୍ଡିକା ଗୋଛାୟତ ମଧୁସୂଦନ ବିଦ୍ୟାପୀଠର ୧୯୯୭ ବର୍ଷର ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ସହ ସେହି ସମୟର ଶିକ୍ଷାଦାନ କରିଥିବା ଗୁରୁମାନଙ୍କୁ ପୂଜନ କରିବା ଭଳି ଏକ ପ୍ରଶଂସନୀୟ ଉତ୍ସବ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଯାଇଛି । ଯେଉଁ ଶିକ୍ଷକମାନେ ୪୪ବର୍ଷ ପୂର୍ବେ ଏହି ବିଦ୍ୟାପୀଠକୁ ନିଜ ହାତରେ ତିଆରି କରି ବହୁ ଶ୍ରମଦାନ ଦେଇ କଷ୍ଟ ସ୍ୱୀକାର କରି ଅସଂଖ୍ୟ ମେଧାବୀ ଛାତ୍ର ଛାତ୍ରୀ ନିର୍ମାଣ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରାଇଥିଲେ ସେହି ପ୍ରଣମ୍ୟ ଗୁରୁବୃନ୍ଦଙ୍କୁ ୧୯୯୭ ବର୍ଷର ପୁରାତନ ଛାତ୍ରଛାତ୍ରୀ ନିମନ୍ତ୍ରଣ କରି ଏକ ବର୍ଣ୍ଣାଢ୍ୟ ସମାବେଶରେ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରି ସସମ୍ମାନିତ କରିବା ଅବସରରେ ସ୍କୁଲ ପରିସରରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ପୂର୍ବତନ ପ୍ରଧାନଶିକ୍ଷକ ଚକ୍ରଧର ଗୋଛାୟତ, ଉମାକାନ୍ତ ମହାନ୍ତି, ସର୍ବେଶ୍ୱର ପାଣି, ପଞ୍ଚାନନ ନାୟକ, ପ୍ରଭାକର ନାୟକ, ସଂଜୟ ମିଶ୍ର, ସୁଦର୍ଶନ ପରିଡ଼ା ପ୍ରମୁଖ ଶିକ୍ଷକବୃନ୍ଦ ନିଜର ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ଏଭଳି ଶ୍ରଦ୍ଧା ଓ ଭକ୍ତି ନିଦର୍ଶନର ସମ୍ମାନ ଗ୍ରହଣ କରି ନିଜକୁ କୃତାର୍ଥ ମଣିବା ସହ ଅତୀତରେ ଅଭୁଲାସ୍ମୃତିକୁ ରୋମନ୍ଥନ କରି ଲୋତକାପ୍ଲୁତ ହୋଇଉଠିଥିଲେ । ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଦୈନିକ 'ଧ୍ୱନିପ୍ରତିଧ୍ୱନି'ର ପ୍ରତିଷ୍ଠାତା ଔପନ୍ୟାସିକ ସୃଷ୍ଟିଧର ପରିଡ଼ା। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ▶▶ପୃଷ୍ଠା ୭

## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ସଦର୍ ବିଜେପି ପକ୍ଷରୁ ବନ୍ଧୁମିଳନ



ବାଲେଶ୍ୱର,୧/୧ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଦର ବିଜେପି ପକ୍ଷରୁ ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ-ସଭ୍ୟାଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଅଛି। ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କ ସମେତ ମଣ୍ଡଳ ସ୍ତରୀୟ ନେତାମାନେ ଏଥିରେ ଯୋଗଦେଇ ରାଜନୈତିକ ଉପଲବ୍ଧି ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ। ଦିବଙ୍ଗତ ବିଧାୟକ ମଦନ ମୋହନ ଦତ୍ତ ଯେଭଳି ଜଣେ ଦଳୀୟ ସାଧାରଣ କାର୍ଯ୍ୟକର୍ତ୍ତାଙ୍କୁ ସହଯୋଗ କରି ସରପଞ୍ଚ ଓ ସମିତି ସଭ୍ୟ ଆସନରେ ବସାଇଥିଲେ ସେ କଥାକୁ ଜନ ପ୍ରତିନିଧିମାନେ ମନେ ପକାଇଥିଲେ। ଅନୁରୂପ ଭାବେ ସଦର ନେତା ମାନସ ଦତ୍ତ ମଧ୍ୟ ସଙ୍ଗଠନ ଜାରି ରଖିବା ସହିତ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଛନ୍ତି ବୋଲି ଉପସ୍ଥିତ ବିଜେପି କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ଯୁବନେତା ଶ୍ରୀ ଦତ୍ତ ,ଥିରେ ଯୋଗଦେଇ ପଞ୍ଚାୟତ ନିର୍ବାଚନରେ ତାଙ୍କ ବାପା ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ଭଳି ପଞ୍ଚାୟତ ନିର୍ବାଚନ ପରିଚାଳନାରେ ପ୍ରାର୍ଥୀଙ୍କୁ ସହଯୋଗ କରିବେ ବୋଲି କହିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ବୁଆଁଳ ପଞ୍ଚାୟତ ସମିତି ସଭ୍ୟ ରବିନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ସରପଞ୍ଚ ଶ୍ରୀକାନ୍ତ ମହାପାତ୍ର, ସର୍ବେଶ୍ୱର ମହାନ୍ତି, ସୁଭେଶ ନାୟକ, ସତ୍ୟଭାମା ରାଉତ, ଅମ୍ବିକା ବେହେରା, ରଶ୍ମିତା ମଣ୍ଡଳ, ସାନିଆ ମୁର୍ମୁ, ଅନିତା ବେହେରା, ରଶ୍ମିତା ସିଂ, ବାସନ୍ତି ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୁମତି ନାୟକ, ବସୁନ୍ଧରା ସିଂ, ସମିତି ସଭ୍ୟ ସାଗେନ ମାଝୀ, ଅଭିପ୍ସା ନାୟକ, ବନିତା ଭୂୟାଁ, ଝୁନୁ ଦାସ, ଜୟନ୍ତି ମୁର୍ମୁ, ଅନ୍ନପୂର୍ଣ୍ଣା ମଣ୍ଡଳ, ମଣ୍ଡଳ ସଭାପତି ଅନିଲ ପାତ୍ର, କାର୍ତ୍ତିକ ରାଉତ, ତପନ ଗିରି, ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ବରିଷ୍ଠ ନେତା ସୀତାକାନ୍ତ ସ୍ୱାଇଁ, ମିହିର ପାଣି, ରାଜେନ୍ଦ୍ର ଚାଟାର୍ଜୀ, ଭୁଦେବ ସାହୁ, ଭାଗ୍ୟଧର ଦାସ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଗୌରାଙ୍ଗ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ।

# ବରପାଲି ପଡା ଫଂଚସଖା ଗଳି ସିସିଟିଭିରୁ ଧରାପଡିଲା ଚୋର

ବଲାଙ୍ଗିର ,୧/୧ (ନି.ପ୍ର): ବଲାଙ୍ଗିର ବରପାଲି ପଡା ଫଂଚସଖା ଗଳି ରେ ଲାଗିଥିବା ସିସିଟିଭି ଯୋଗୁଁ ଚୋର ଧରା ପଡିବା ଦିଗରେ ସଫଳତା ମିଳିଛି। ଆଜି ଅପରାହ୍ନ ପ୍ରାୟ ୧.୩୦ ରେ କିଛି ରୋଗୀ ଗୋଟିଏ ଗାଡି ରେ ସେଠାରେ ରହୁଥିବା ଡାକ୍ତର ପଣ୍ଡା ଙ୍କ କ୍ଲିନିକ୍ କୁ ଆସିଥିଲେ। ଗାଡିରୁ ଓହ୍ଲାଇବା ବେଳେ ମୋବାଇଲ ଓ ମନିପର୍ସ ଭୁଲବଶତଃ ରାସ୍ତା ରେ ପଡିଯାଇଥିଲା। ସେମାନେ ଖୋଜାଖୋଜି କଲାପରେ ତାହା ଖୋଜଖବର ମିଳିନଥିଲା। ଡାକ୍ତର ପଣ୍ଡା ସେମାନଙ୍କୁ ସିସିଟିଭି ଫୁଟେଜ ଦେଖିବା ପାଇଁ ଆର୍ତତ୍ରାଣ ମିଶ୍ର ଙ୍କୁ ଫୋନ କରି କହିଥିଲେ। ଫୁଟେଜରୁ ଜଣାପଡ଼ିଥିଲା ଯେ ସେଠାରେ ପାଇପ୍ ସଜଡା କାମ କରିଥିବା ଲୋକେ ମୋବାଇଲ ଫୋନ ଓ ମନିପର୍ସ ପାଇ ଚାଲି ଯାଇଥିଲେ। ସଦାଇପାଳି ରାସ୍ତା ର ଏକ ନିଛାଟିଆ ବୁଦା ରେ ଲୁଚାଇ ରଖିଥିଲେ। ସେଠାର ବାସିନ୍ଦା ଗୋପଭୂଷଣ ନାଥ , ଆର୍ତତ୍ରାଣ ମିଶ୍ର ,ବିଷ୍ଣୁ ଚରଣ ସାହୁ,ଭବାନୀ ଶଙ୍କର ନାୟକ, ବୈକୁଣ୍ଠ ସ୍ୱାଇଁ, ନୃସିଂହ ଗୌଡଙ୍କର ସହାୟତାରେ ଏହା ଉଦ୍ଧାର କରାଯାଇ ହସ୍ତାନ୍ତର କରାଯାଇଥିଲା। ଏଥିରେ ପୁଲିସ ର ସହାୟତା ମଧ୍ୟ ନିଆଯାଇଥିଲା ସେମାନେ ପହଂଚି ଥିଲେ। ସ୍ଥାନୀୟ ବାସିନ୍ଦା ୪୦ ଘର ବ୍ୟକ୍ତିଗତ ପ୍ରଚେଷ୍ଟା ରେ ଚାନ୍ଦା କରି ସବୁଆଡ଼େ ସିସଟିଭି ଲଗାଇଥିବା ଯୋଗୁଁ ଅପରାଧ ରୋକିବା ଦିଗରେ ନିରାପତା ରକ୍ଷାରେ ସହାୟତା ହେଉଛି।

# ବିଦେଶୀ ମଦ ଦୋକାନରୁ ବେଧଡ଼କ ବସ୍ତା ବସ୍ତା ମଦ ବିକ୍ରି

ନୂଆପଡ଼ା,୧/୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ଠାରେ ଏକମାତ୍ର ବିଦେଶ ମଦ ଦୋକାନ ରହିଛି। ଏଠାରୁ ଚାଲିଛି ଦୈନିକ ବେଧଡ଼କ ବସ୍ତା ବସ୍ତା ମଦ ବିକ୍ରି। ବିଦେଶୀ ଠିପି ବନ୍ଦ ମଦ ଦୋକାନ ହୋଇଥିବାରୁ ୫ ଲିଟର ବାହାରେ ବିକ୍ରି ବଟା ବନ୍ଦ ରହିବା ନିୟମ ରହିଛି। ସମ୍ପୃକ୍ତ ବିଦେଶୀ ମଦ ଦୋକାନ ର ନାମ ରହି ବିଲ ଦେବା କଥା ହେଲେ ତାହା ବି ହେଉନି। ସିନାପାଲି ସହର ର ବିଜୁ ଏକ୍ସପ୍ରେସ ନିକଟରେ ରହିଛି ସିନାପାଲି ଠିପି ବନ୍ଦ ବିଦେଶୀ ମଦ ଦୋକାନ। ଏହି ଦୋକାନ ଚଳାଇବା ପାଇଁ ତୁକଲା ର ଜଣେ ଲୋକ ଲାଇସେନ୍ସ ପାଇଛନ୍ତି। ଗାଁ ଗାଁ ରେ ମଦ କୋଠି ବେପାରୀ ମାନେ ଆଉ ଏଠାରୁ ବସ୍ତା ବସ୍ତା ବିଦେଶୀ ମଦ ନେଉଛନ୍ତି। ନୂଆ ବର୍ଷା ଏବଂ ନିର୍ବାଚନ ସମୟ କୁ ଆଖି ଆଗରେ ରଖି ଏବେ ବିଦେଶୀ ମଦ ପାଇଁ ସିନାପାଲି ଠିପି ବନ୍ଦ ବିଦେଶୀ ମଦ ଦୋକାନ ରେ ଭିଡ଼ ଜମୁଛି। ଏପରି ଖୁଲୁମ ଖୁଲା ବସ୍ତା ବସ୍ତା ମଦ ବିକ୍ରି ଯୋଗୁ ଗାଁ ଗାଁରେ ମଦ ଦୋକାନ ବଢ଼ିବାରେ ଲାଗିଛି।ସିନାପାଲି ବିଜୁ ଏକ୍ସ ପ୍ରେସ ରାଜ୍ୟ ରାଜ ପଥ ରେ ଦୈନିକ କଲେଜ ଛାତ୍ର ଛାତ୍ରୀ, ମେଡିକାଲ କାମ, କୋର୍ଟ କାମ ରେ ଯାତାୟାତ କରିଥାନ୍ତି। ବିଦେଶୀ ମଦ ଦୋକାନ ଥିବାରୁ ପରିବେଶ ଅଶାନ୍ତିକର ସହ ମଦୁଆ ଙ୍କ ଉପଦ୍ରବ ବଢୁଛି। ଆବଶ୍ୟକ ପଦକ୍ଷେପ ପାଇଁ ଅନୁରୋଧ।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ




ବାସୁଦେବପୁର,୧/୧ (ନି.ପ୍ର): ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜାତୀୟ ସେବା ଯୋଜନା ଶିବିର କାଁଥି ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଅଧ୍ୟାପିକା କାନ୍ତା ରାଣୀ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ କବି ସୁଧାଂଶୁ ଶେଖର ମିଶ୍ର, ପ୍ରଧାନ ଶିକ୍ଷକ ପିତାମ୍ବର ମହାନ୍ତି, ଶିକ୍ଷକ ଦାମୋଦର ମହାରଣା, ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା, ଅରଣ୍ଟିଆ ସରପଞ୍ଚ ଅରୁଣ ମହାନ୍ତି, ଅଧ୍ୟାପକ ବେଣୁଧର ପରିଡ଼ା, ଅଙ୍କୁରା ମହାନ୍ତି । ସମସ୍ତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଅଧ୍ୟକ୍ଷ ଚିତ୍ତ ରଂଜନ ପଣ୍ଡା ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବ୍ରଜମୋହନ ଦାସ ଧନ୍ୟବାଦ ଦେଇଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଫେଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# କନ୍ଧମାଳ ଜିଲ୍ଲା କୋଟଗଡ ଅଂଚଳରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର: ଦୁଇ ଗିରଫ

କନ୍ଧମାଳ,୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲାର କୋଟଗଡ ଅଂଚଳରୁ ଏକ ଜୀବନ୍ତ ବଜ୍ରକାପ୍ତାକୁ ଚାଲାଣ ବେଳେ ଉଦ୍ଧାର କରାଯାଇଛି । କନ୍ଧମାଳ ଜିଲ୍ଲା କୋଟଗଡ ବନାଚଂଳ ଅନ୍ତର୍ଗତ ଶ୍ରୀରାମପୁର ଯୁବାଗୁଡା ଛକ ନିକଟ ଜଙ୍ଗଲ ମଧ୍ୟରେ ଜୀବନ୍ତ ବଜ୍ରକାପ୍ତା ଡିଲ ହେବାକୁ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୋଟଗଡ ରେଞ୍ଜର ବ୍ଲୁପ୍ରିଂଟ ପ୍ରସ୍ତୁତ କରି ଏକ ଟିମ ଗଠନ କରିଥିଲେ । ଡିଲ୍ ସମୟରେ ବନବିଭାଗ ଗଠିତ ଟିମ୍ ଛଦ୍ମ ବେଶରେ ସେହି ସ୍ଥାନରେ ପହଂଚି ବଜ୍ରକାପ୍ତାକୁ ଉଦ୍ଧାର କରିବା ସହ ଦୁଇଜଣ ବେପାରୀଙ୍କୁ ଗିରଫ କରିଥିବା ବେଳେ ଡିଲ ପାଇଁ ଆସିଥିବା ଅନ୍ୟଜଣେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ଗିରଫ ଅଭିଯୁକ୍ତ ମାନେ ହେଲେ ମାଟିଘରା ଅଂଚଳର ମିଥୁନ ପଦ୍ମସେଟ, ତ୍ରିପତି କପଟପାତ୍ର । ବଜ୍ରକାପ୍ତା ସହ ଉଭୟଙ୍କୁ କୋଟଗଡ଼ ରେଞ୍ଜ ଅଫିସରେ ଅଟକ ରଖାଯାଇ ଅଧିକ ପଚରାଉଚରା କରାଯାଉଛି । ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି କୋଟଗଡ ରେଞ୍ଜର ସୂର୍ଯ୍ୟକାନ୍ତ ବେହେରା।

# ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଏନଏସଏସ ବିଶେଷ ଶିବିର ଉଦ୍‌ଯାପିତ

ରାଇରଙ୍ଗପୁର,୧/୧ (ନି.ପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଏନଏସଏସ ବିଶେଷ ଶିବିର ଉଦଯାପିତ ହୋଇଯାଇଛି । ଅଧ୍ୟକ୍ଷ ଡାକ୍ତର ପ୍ରଦିପ ମିଶ୍ରଙ୍କ ମାର୍ଗଦର୍ଶନ ଓ କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ରାମଙ୍କ ଦିଗ୍ଦର୍ଶନରେ ଗତ ୨୪ ତାରିଖ ଠାରୁ ଅ ।ରମ୍ଭ ହୋଇଥିବା ଏହି ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମାନେ ସାଇବର କ୍ରାଇମ, ଶିକ୍ଷା ଓ ସ୍ୱାସ୍ଥ୍ୟ, ଜଙ୍ଗଲ ବଂଚାଅ, ଅନ୍ଧ ବିଶ୍ୱାସ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ, ଗୁଣ୍ଡୁରିଆ ସଂସ୍କାର ସହିତ ସିମିଳିନାଳିବାସୀଙ୍କ ଉପରେ ସର୍ଭେ କରିଥିଲେ । ଅଧ୍ୟକ୍ଷ ଡାକ୍ତର ପ୍ରଦିପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ରାମ ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।

# ଓମିକ୍ରମ ସଂକ୍ରମଣ ପ୍ରତିହତ ପାଇଁ ପୁଲିସର ତୁଣ୍ଡିଯାଞ୍ଚ ଅଭିଯାନ

## ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ପକ୍ଷରୁ କରୋନା ସଚେତନତା

ବାଲେଶ୍ୱର,୧/୧ (ନି.ପ୍ର): ଓମିକ୍ରମ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ସାଧାରଣରେ ସତର୍କତା ଅବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ସମେତ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ବିଶେଷ କରି ସାମାଜିକ ଦୂରତା ରକ୍ଷା ସାଙ୍ଗକୁ ତୁଣ୍ଡି ବ୍ୟବହାର କଡ଼ାକଡ଼ି କରାଯାଇଛି ।ପୂର୍ବରୁ ବହୁବାର ସଚେତନତା କରିବା ପରେ ପୁଲିସ ପକ୍ଷରୁ ଏବେ ଆରମ୍ଭ ହୋଇ ତୁଣ୍ଡି ଯାଞ୍ଚ ଅଭିଯାନ। ଜିଲା ପୁଲିସର ସ୍ୱତନ୍ତ୍ର ଟିମ ଗଠନ ସହରର ବଭିନ୍ନ ଅଞ୍ଚଳରେ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। କଚେରୀ ବଜାର, ମୁଖ୍ୟ ହସପିଟାଲ, ସିନେମାଛକ ପ୍ରଭୃତି ସ୍ଥାନରେ ପୁଲିସ ମୁହଁରେ ତୁଣ୍ଡି ବାନ୍ଧିନଥିବା ପଥଚାରୀଙ୍କୁ ଅଟକାଇ ତାଗିଦ କରିଛି । ଏମିତିକି ଯୁକ୍ତିତର୍କ କରୁଥିବା କିଛି ଅମାନିଆଙ୍କ ପୁଲିସ ଜରିମାନା ବି ଆଦାୟ କରଛି । ସେହିପରି ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ ସହରର ଫାଣ୍ଡିଛକଠାରେ ଆଜି ତୁଣ୍ଡି ବଣ୍ଟନ କରାଯାଇଛି । ସଙ୍ଘର ଜିଲା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସାମ୍ବାଦିକମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ସଚେତନ କରିବା ସହ ତୁଣ୍ଡି ପିନ୍ଧାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ବିନାୟକ ମହାପାତ୍ର, ରମଣୀ ରଞ୍ଜନ ଦାସ, ଅରୂପ ନାରାୟଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ନାମ୍ପୋ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ୩ ତାରିଖ ସୁଦ୍ଧା ସ୍ଥାୟୀ ଡାକ୍ତର ନିଯୁକ୍ତି ନ ହେଲେ ୪ରେ ଆମରଣ ଅନଶନ

ଜଳେଶ୍ୱର ,୧/୧ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମାଂଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ଅଂଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ମହିଳା ସଂଗଠନ ସେ ସମ୍ପର୍କରେ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଗତ ଡିସେମ୍ବର ୪ରେ ନାମ୍ପୋ ଅଂଚଳର ବହୁ ବ୍ୟକ୍ତି ବାଲେଶ୍ୱର ମୁଖ୍ୟଚିକିତ୍ସାଧିକାରୀଙ୍କୁ ଡାକ୍ତର ନିଯୁକ୍ତି ସଂପର୍କରେ ଦାବି ଜଣାଇଥିଲେ । କିନ୍ତୁ ଏହାର ସମାଧାନ ହୋଇନଥିବାରୁ ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ଲାଗି ଆଜି ଶୁକ୍ରବାର ଗୋପାଳ ଚନ୍ଦ୍ର ଦତ୍ତ, ସୁମତୀ ଦେ, ଜଗଦିଶ ପ୍ରଧାନ, ସତ୍ୟରଂଜନ ଦତ୍ତ, ରଣଜିତ୍ ସେନାପତି, ଅକ୍ଷୟ କୁମାର ଜେନା, ସର୍ବେଶ୍ୱର ଦାସ, ସଂଜୟ ଦାସ ପ୍ରମୁଖ ଜିଲା ମୁଖ୍ୟଚିକିତ୍ସାଧିକାରୀ ଏବଂ ଜଳେଶ୍ୱର ଆଇଆଇସି, ଏସ୍‌ଡିପିଓ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ଜାନୁଆରୀ ୩ ତାରିଖ ସୁଦ୍ଧା ଡାକ୍ତର ନିଯୁକ୍ତି ନ ହେଲେ ୪ ତାରିଖରୁ ଆମରଣ ଅନସନରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ମେଡିକାଲ କ୍ରିୟାନୁଷ୍ଠା କମିଟିର ବାର୍ଷିକ ସମ୍ମିଳନୀ ବାତିଲ

ବାଲେଶ୍ୱର,୧/୧ (ନି.ପ୍ର): କରୋନା ସଂକ୍ରମଣ ଆଶଙ୍କା ସାଙ୍ଗକୁ ସରକାରଙ୍କ ନୂତନ କୋଭିଡ ମାର୍ଗଦର୍ଶିକା କୁ ଗୁରୁତ୍ୱ ଦେଇ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ୧୬ଶ ବାର୍ଷିକ ସମ୍ମିଳନୀକୁ ସ୍ଥଗିତ ରଖାଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ନୂଆବର୍ଷ ଅର୍ଥାତ ତା୦୧-୦୧-୨୦୨୨ରିଖରେ ଏହି ସମ୍ମିଳନୀ ହେବାକୁ ଥିଲା। ମାତ୍ର ସରକାର ତଥା ଜିଲା ପ୍ରଶାସନ କଟକଣା ଓ ମାର୍ଗଦର୍ଶିକା ଜାରି ପରେ ଜିଲା କମିଟିର ଜରୁରୀ ବୈଠକରେ ଏହାକୁ ବାତିଲ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି କର୍ମକର୍ତ୍ତାମାନେ ପ୍ରେସ ବିବୃତ୍ତିରେ କହିଛନ୍ତି। ତେବେ ନୂଆବର୍ଷ ଶନିବାର ଦିନ ସକାଳ ୯ଟାରେ ପ୍ରତିବର୍ଷ ଭଳି ପ୍ରାକ୍ତନ ସଭାପତି ଡା. ହରିଶ୍ଚନ୍ଦ୍ର ଜେନାଙ୍କ ଜନ୍ମଦିନ ଅବସରରେ ତାଙ୍କ ବାସଭବନ ପରିସରସ୍ଥ ପ୍ରତିମୂର୍ତ୍ତିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯିବ ବୋଲି କମିଟିର ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଷ୍ଟାଫ ନର୍ସ ଶୈଳବାଳା ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ,୧/୧ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଷ୍ଟାଫ ନର୍ସ ଶୈଳବାଳା ରଥଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀଡା.ରମେଶ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଆକାଉଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ ଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଷ୍ଟାଫ ନର୍ସ ଶ୍ରୀମତୀ ରଥ ଭାବବିହ୍ୱଳ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ ତାଙ୍କ ଜ୍ଞାତ କିମ୍ବା ଅଜ୍ଞାତରେ ଯଦି ତାଙ୍କ ବ୍ୟବହାର କାହା ମନରେ ଦୁଃଖ ଦେଇଥାଏ, ସେଥିପାଇଁ ତାଙ୍କୁ କ୍ଷମା କରିଦେବାକୁ ଅଶ୍ରୁଳ ନୟନରେ କହିଥିଲେ । ଶ୍ରୀମତୀ ରଥ ଙ୍କ ସମୟାନୁବର୍ତ୍ତିତା , ସେବା ମନୋଭାବ , କର୍ତବ୍ୟ ନିଷ୍ଠା ଅନ୍ୟ ମାନଙ୍କ ପାଇଁ ଧ୍ୟେୟ ହେଉ ବୋଲି ଡା.ରମେଶ କୁମାର ସାହୁ ମତବ୍ୟକ୍ତ କରିଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜୟପୁର,୧/୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟ ପ୍ରକାଶ ଚନ୍ଦ୍ର ମିଶ୍ର ଆଜି ଅବସର ଗ୍ରହଣ କରିଛନ୍ତି । ଶ୍ରୀ ମିଶ୍ର ୧୯୮୫ ମସିହାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ବୈପାରିଗୁଡାରୁ ନିଜର ବୃତିଗତ ଜୀବନ ଆରମ୍ଭ କରି ପରବର୍ତୀ ସମୟରେ ବାଲିମେଳା ଓ ପାତ୍ରପୁଟ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଶେଷରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁରରୁ ୨୦୨୧ ମସିହା ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି । ଶ୍ରୀ ମିଶ୍ର ଜଣେ ଦକ୍ଷ ଇଂରାଜୀ ଶିକ୍ଷକ ଭାବରେ ଛାତ୍ରଛାତ୍ରୀ ଓ ଶିକ୍ଷକ ସମାଜର ପ୍ରିୟ ଭାଜନ ହୋଇ ପାରିଥିଲେ ।

# ଗଣଦୁଷ୍କର୍ମ ପୀଡିତାଙ୍କୁ ସାକ୍ଷାତ କଲେ ବିଜେପିର କେନ୍ଦ୍ରୀୟ ଟିମ୍

ଜୟପୁର,୧/୧ (ନି.ପ୍ର): ଜୟପୁର ବ୍ରାହ୍ମଣୀ ଗାଁ ଗଣଦୁଷ୍କର୍ମ ଘଟଣାର ୭ ଦିନ ପରେ ବି ମାମଲାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି । ଘଟଣାକୁ ନେଇ ଆଜି ବ୍ରାହ୍ମଣୀ ଗାଁ ସ୍ଥିତ ପୀଡିତାଙ୍କ ଘରେ ପହଂଚିଛି ବିଜେପିର ୪ ଜଣିଆ ମହିଳା ଦଳ। ପୀଡିତା ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ପୀଡିତାଙ୍କୁ ନ୍ୟାୟ ନମିଳିଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କେନ୍ଦ୍ରୀୟ ମହିଳା ମୋର୍ଚ୍ଚା ସମ୍ପାଦିକା ଐଶର୍ଯ୍ୟା ବିଶ୍ୱାଳ କହିଛନ୍ତି। ଜୟପୁର ବ୍ରାହ୍ମଣୀଗାଁ ଗଣଦୁଷ୍କର୍ମ ଘଟଣାକୁ ନେଇ ବଢୁଛି ଅସନ୍ତୋଷ। ଘଟଣାରେ ୭ ଦିନ ପରେ ବି ୨ ଅଭିଯୁକ୍ତ ଲାଲ ବାହାଦୂର ଓ ମୀନ ବେହେରା ପୋଲିସ ପଂଝାରୁ ବାହାରେ ।ପ୍ରତିବାଦରେ ଗତକାଲି ବିଜେପି ୧୨ ଘଂଟିଆ ଜୟପୁର ବନ୍ଦ ଡାକରା ଦେଇଥିଲା । ଶହ ଶହ ବିଜେପି ନେତା ଓ କର୍ମୀ ସହର ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୨୬ ର ଟ୍ରାଫିକ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ । ଫଳରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା । ଦୋକାନ ବଜାର ବି ବନ୍ଦ ରହିଥିଲା । ସେପଟେ ଆଜି ବିଜେପିର କେନ୍ଦ୍ରୀୟ ମହିଳା ମୋର୍ଚ୍ଚା ସମ୍ପାଦିକା ଐଶର୍ଯ୍ୟା ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାଶଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ପୀଡିତାଙ୍କ ଘରେ ପହଂଚିଛନ୍ତି। ଦୀର୍ଘ ୩ ଘଂଟା ଧରି ପୀଡିତାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛି ଏହି ଟିମ୍ । ଘଟଣାରେ ପୋଲିସର ଭୂମିକାକୁ ନିନ୍ଦା କରିବା ସହ ନାରୀ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି କେନ୍ଦ୍ରୀୟ ମହିଳା ମୋର୍ଚ୍ଚା ସମ୍ପାଦିକା ଐଶର୍ଯ୍ୟା ବିଶ୍ୱାଳ । ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ ନକଲେ ଏହି ଆନ୍ଦୋଳନ ରାଜ୍ୟ ବ୍ୟାପି ବ୍ୟାପକ ହେବ ବୋଲି କହିଛନ୍ତି ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାଶ । ପ୍ରକାଶ ଥାଉ କି, ଗତ ୨୪ ତାରିଖ ମଧ୍ୟ ରାତ୍ରରେ ପେଷାଦାର ଅପରାଧୀ ଲାଲ ବାହାଦୂର ଓ ମୀନ ବେହେରା ପୀଡିତାଙ୍କ ଘରେ ପଶିଥିଲେ । ତାଙ୍କ ପୁଅ ଓ ସ୍ୱାମୀଙ୍କୁ ବନ୍ଧୁକ ମୂନରେ ଭୟଭୀତ କରି ପୀଡିତାଙ୍କ ସହ ଦୁଷ୍କର୍ମ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ବି ଘଟଣାର ୭ ଦିନ ପରେ ବି ପୋଲିସ ହାତ ଖାଲି । ପୋଲିସ ତରଫରୁ ଏସଆଇଟି ଗଠନ କରାଯାଇଛି । ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ଦୁଇଟି ଟିମ ଗଠନ କରାଯାଇଛି । ଅଭିଯୁକ୍ତ ମାନେ ପୀଡିତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର ପାଇଁ ଧମକ ଚମକ ଦେଉଥିବା ବେଳେ ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି ପିଡିତା। ସେପଟେ ଘଟଣା ପରେ ଗ୍ରାମବାସୀ ଭୟରେ ଥିବା କହିଛନ୍ତି। ଅଭିଯୁକ୍ତ ମାନେ ଗଞ୍ଜେଇ କାରବାର ସହ ବହୁ ଅପରାଧୀକ କାର୍ଯ୍ୟରେ ସାମିଲ୍ ଅଛନ୍ତି । ତେଣୁ ଏମାନଙ୍କୁ ତୁରନ୍ତ ଗିରଫ ନକଲେ ଏଭଳି ଅନେକ ଅସାମାଜିକ କାର୍ଯ୍ୟ ଘଟାଇ ଅନେକ ପରିବା କୁ ପ୍ରଭାବିତ କରାଇବାର ଆଶଙ୍କା ଦେଖାଦେଇଛି।

# ଅଧ୍ୟାପକଙ୍କ ବିୟୋଗରେ ମହାବିଦ୍ୟାଳୟରେ ଶୋକାକୁଳ ପରିବେଶ

ପଟ୍ଟାମୁଣ୍ଡାଇ,୧/୧ (ନି.ପ୍ର): ଗତକାଲି ସଡକ ଦୁର୍ଘଟଣାରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସ୍ୱର୍ଗତ ଡ: ସଞ୍ଜୀବ କୁମାର ଦାଶଙ୍କ ଅକାଳ ବିୟୋଗରେ ପଟ୍ଟାମୁଣ୍ଡାଇ କଲେଜ ରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଆଜି ଅଧ୍ୟାପକ ସଞ୍ଜୀବଙ୍କ ମର ଶରୀରକୁ ତାଙ୍କର କର୍ମକ୍ଷେତ୍ର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟକୁ ଅଣାଯାଇଥିଲା। ଏଠାରେ ଶହଶହ ଛାତ୍ରଛାତ୍ରୀଙ୍କ ସହିତ ଛାତ୍ର ନେତା ରୁଦ୍ର ମାଧବ ରଥ, ଚିନ୍ମୟ କୁମାର ଦାସ, ଆନନ୍ଦ କୁମାର ସୁବୁଦ୍ଧି, ନିର୍ମାଲ୍ୟ ଦାସ, ଅଭିଜିତ ସାହୁ , ସତ୍ୟପ୍ରିୟ ସାହୁ, ସାଗରୀକା ନାୟକ, ସମିତା ଦାସ, ଅର୍ଚ୍ଚନା ଦାସ ଉପସ୍ଥିତ ରହି ସେମାନଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ କଲେଜର ଅଧ୍ୟକ୍ଷ ପ୍ରଭାକର ରାଉତ,ଅଧ୍ୟାପକ ମନୋଜ ପରିଡା,ଦୁଃଶାସନ ପରିଡା, ବିଶ୍ୱନାଥ ଦାଶ, ଗୋକୁଳ ଚନ୍ଦ୍ର ଦାଶ,ପ୍ରମୋଦ ସାମଲ,ରମେଶ ସାହୁ ଏବଂ ବାଣିଜ୍ୟ ବିଭାଗର ବହୁ ଛାତ୍ରଛାତ୍ରୀ ,କଲେଜ ଆଲମୁନି ସଦସ୍ୟ ରାଜେନ୍ଦ୍ର କୁମାର ଦାଶ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ତାଙ୍କର ମର ଶରୀରକୁ ତାଙ୍କ ନିଜ ଗ୍ରାମ ସଂସାରଫଳ କୁ ନିଆଯାଇଥିଲା ଓ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଶ୍ରମିକ ମାନଙ୍କୁ ନକଲି ଟଙ୍କା ଦେଇ ଠକିଥିବା ଠିକାଦାର ଗିରଫ

ମାଲକାନଗିରି,୧/୧ (ନି.ପ୍ର): ଶ୍ରମିକଙ୍କୁ ନକଲି ଟଙ୍କା ଦେଇ ଠକିବା ପଡିଲା ମହଙ୍ଗା । ଠକ ଠିକାଦାରକୁ ଗିରଫ କରି କୋର୍ଟ ଚାଲାଣ କରିଛି ଏମଭି-୭୯ ପୋଲିସ । ନକଲି ଟଙ୍କା ଦେଇ ଠକିଥିଲା ଠିକାଦାର ଶ୍ରମିକମାନଙ୍କୁ। କାମ କରୁଥିବା ଶ୍ରମିକମାନଙ୍କୁ ନକଲି ଟଙ୍କା ଦେଇ ଠକି ଏକ ସପ୍ତାହ ଧରି ଚମ୍ପଟ ମାରିଥିବା ଠିକାଦାରକୁ ଧରିବାରେ ସଫଳ ହୋଇଛି ଏମଭି-୭୯ ପୁଲିସ । ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଏମଭି – ୭୯ ଥାନା. ଅଧିନସ୍ଥ ଗୋରଖପାଲ୍ଲୀ ଅଞ୍ଚଳର ଶ୍ରମିକମାନଙ୍କ ଅଭିଯୋଗ ଆଧାରରେ ଏମଭି – ୭୯ ପୋଲିସ ଠିକାଦାରଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁ ଥିଲା । ଏମପିଭି – ୭୦ ଗ୍ରାମର ରସିକ ମଣ୍ଡଳ ନାମକ ଜଣେ ସ୍ଥାନୀୟ ଠିକାଦାର ଗୋରଖପାଲ୍ଲୀ ଗ୍ରାମର କିଛି ଶ୍ରମିକମାନଙ୍କୁ ନେଇ ଆନ୍ଧ୍ରରେ କାମ କରାଇ ଟଙ୍କା ଦେଉନଥିଲା । ଏକ ବର୍ଷ ହେଲା ଠିକାଦାର ଜଣଙ୍କ ଶ୍ରମିକମାନଙ୍କୁ ଟଙ୍କା ଦେବାକୁ ବାରମ୍ବାର ପ୍ରତିଶୃତି ଦେଉଥିଲେ ମଧ ଟଙ୍କାଟିଏ ଦେଉନଥିଲା । ତେବେ ଗତ କିଛି ଦିନ ତଳେ ଠିକାଦାର ଜଣଙ୍କ ରାତିରେ ଶ୍ରମିକମାନଙ୍କ ଘରକୁ ଯାଇ ଟଙ୍କା ଦେଇଆସିଥିଲା । ତେବେ ଶ୍ରମିକମାନେ ଏହି ଟଙ୍କା ନେଇ ଯେତେବେଳେ ଦୋକାନକୁ ସାମଗ୍ରୀ କିଣିବାକୁ ଗଲେ ସେତେବେଳେ ଦୋକାନୀମାନେ ଏହା ନକଲି ନୋଟ କହି ଫେରାଇ ଦେବାରୁ ଠିକାଦାର ଦେଇଥିବା ସବୁ ତକ ଟଙ୍କା ନକଲି ବୋଲି ଜଣାପଡ଼ିଥିଲା ବୋଲି ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଥିଲେ । ଏମଭି- ୭୯ ପୋଲିସ ଗତ ଏକ ସପ୍ତାହକ ଧରି ଠକ୍ ଠିକାଦାର ରସିକ ମଣ୍ଡଳକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଗତ ୩୦ ତାରଖ ଦିନ ଧରିବାରେ ସଫଳ ହୋଇଛି ପୋଲିସ । ଠିକାଦାର ନିକଟରୁ ୧୭୨୦୦ ଜାଲ ଟଙ୍କା ମଧ୍ୟ ଜବତ କରିଛି ପୋଲିସ । ଆଜି ଠିକାଦାର ରସିକ ମଣ୍ଡଳକୁ କୋର୍ଟ ଚାଲାଣ କରାଯାଇଛି ।

# ପାର୍ବତୀଗିରି ବାଲ ଆଶ୍ରମରେ ନବବର୍ଷ ପାଳିଲେ ସି ଆର୍ ପି ଏଫ୍ କମାଣ୍ଡେଣ୍ଟ

ବଲାଙ୍ଗିର ,୧/୧ (ନି.ପ୍ର): ସ୍ଥାନୀୟ ପଥର ଚେପା ସ୍ଥିତ ପାର୍ବତୀଗିରି ବାଲ ଆଶ୍ରମ ରେ ଅନ୍ତେବାସୀ ମାନକୁ ମିଷ୍ଟାନ୍ନ ବଣ୍ଟନ କରି ଗୋଟିଏ ଦିନ ପୂର୍ବରୁ ନବବର୍ଷ ପାଳନ କରିଛନ୍ତି ୧୮୯ ବାଟାଲିୟନ ସି ଆର୍ ପି ଏଫ୍ କମାଣ୍ଡେଣ୍ଟ ପବନ କୁମାର ତିୱାରୀ। ନୂତନ ବର୍ଷ ଅବସରରେ ତାଙ୍କର ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସେ ଅଗୁଆ ଆଜି ନିଜର ବାଟାଲିୟର ଅଧିକାରୀ ଓ ଯବାନ ମାନକ ସହିତ ଯାଇ ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର


ରବିବାର, ୦୨ ଜାନୁଆରୀ, ୨୦୨୨

email : rabibarachayan2015@gmail.com




## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପ୍ରୋକ୍ତ ବିଶ୍ୱସ୍ତ ଲୋକଠାରୁ ମୁଁ ଶୁଣିଲି, ରାଜବାଟୀରେ ସମବେତ ଲୋକଙ୍କ ସହିତ ମୋର ଶାସନ ସମ୍ବନ୍ଧରେ ଆଲୋଚନା ହେଉଅଛି । ମନ୍ତ୍ରଣାଳୟକୁ ଯାଇ ସ୍ୱଚକ୍ଷୁରେ ମନ୍ତ୍ରଣାକାରୀଙ୍କୁ ଦେଖିବା ଇଚ୍ଛା ମନରେ ଉଦିତ ହେଲା, କିନ୍ତୁ ତାହା ସମ୍ଭବ କିପରି ? ପୂଜା ଘରେ ମୋତେ ଗୋଟିଏ ଉପାୟ ଦିଶିଲା ଓ ତଦନୁସାରେ ମୁଁ କାର୍ଯ୍ୟରେ ଅଗ୍ରସର ହେଲି । ଷ୍ଟେଟ୍‌ର ଚମଡ଼ା ବ୍ୟବସାୟୀ ପଟ୍ଟାଦାର ଜଣେ କାବୁଲି । ତାହାଠାରୁ ମୋର ବିଶ୍ୱାସ ଥାଏ । ତାହାର ବ୍ୟବସାୟ ବ୍ୟତୀତ କାହିଁରେ ସେ ନଥାଏ । ତାକୁ ଦିନେ ତାହାର କାବୁଲି ପୋଷାକ ଅର୍ଥାତ୍ ଝାଲର ବିଶିଷ୍ଟ ପାଇଜାମା, ଲମ୍ବକୁର୍ତ୍ତା ଓ ପଗଡ଼ି ଆଣି ମୋ ସହିତ ରାତ୍ରିରେ ସାକ୍ଷାତ କରିବାକୁ କହିଲି । କଲିକତାରୁ କିଛି କାବୁଲି ଫଳ, ଛଦ୍ମବେଶ ସାଜିବା ସକାଶେ ଯାତ୍ରା ଆଦିରେ ବ୍ୟବହୃତ ହେଉଥିବା କୃତ୍ରିମ ନିଶଦାଢ଼ି ମଗାଇଲି । ସେ ସବୁ ଆସିଲାରୁ ମୁଁ ଉକ୍ତ କାବୁଲିକୁ କହିଲି ଯେ, ତାହାର ପୋଷାକ ପିନ୍ଧି ଓ ନିଶଦାଢ଼ି ଖଞ୍ଜି ମୁଁ ରାଜବାଟୀକୁ ଯିବି । ମୋ ସଙ୍ଗେ ସେ ମଧ୍ୟ ଯିବ ଓ ମୋତେ ତାହାର ଭତିଜା (ପୁତୁରା) ଦେଶରୁ ଆସିଛି ଓ ରାଜାସାହେବଙ୍କୁ ସଲାମ କରିବା ସକାଶେ ତାକୁ ଆଣିଛି ବୋଲି କହିବ ଓ ରାଜା ସାହେବ ବା ଆଉ କେହି ତାକୁ କିଛି ପଚାରିଲେ ଏ ଦେଶର ଭାଷା ବୁଝେନାହିଁ ବୋଲି କହିବ । ଏପରି ତାକୁ ଶିଖାଇଦେଲି । ଏହି ଅଭିନୟର ଦିନ ସ୍ଥିର ହେଲା । ସେ ଦିନ ସନ୍ଧ୍ୟା । ସାନ୍ଧ୍ୟ ଅନ୍ଧକାର ମାଡ଼ି ଆସୁଛି, ଝିପି ଝିପି ବର୍ଷା ଆରମ୍ଭ ହୋଇଛି, କାବୁଲି ସହିତ ମୁଁ ବାହାରିଲି । ଫଳ ଟୋକେଇଟା ସେ ହାତରେ ଧଇଲା । ରାଜବାଟୀକୁ ପହୁଞ୍ଚିବା ଅଳ୍ପଦୂର ଅଛି ମୁଁ ପୁନର୍ବାର ତାକୁ ସବୁ କହିଦେଲି । ଅତି ସନ୍ତର୍ପଣରେ ଆମ୍ଭେମାନେ ରାଜବାଟୀ ଅଭ୍ୟନ୍ତରସ୍ଥ ରାଜାଙ୍କ ବୈଠକଖାନା ସମ୍ମୁଖରେ ଉପସ୍ଥିତ ହେଲୁ । ଦ୍ୱାରରକ୍ଷ ଭୃତ୍ୟକୁ କାବୁଲି ଆସିଥିବା ସମ୍ବାଦ ରାଜା ସାହେବଙ୍କୁ ଜଣାଇଦେବାକୁ ସେ କହିଲା । ତନ୍ମୁହୂର୍ତ୍ତରେ ଆମ୍ଭେମାନେ ରାଜାସାହେବଙ୍କ ହୁକୁମରେ କକ୍ଷ ମଧ୍ୟରେ ପ୍ରବେଶ କଲୁ । ସେହି ସମୟରେ ଫଳ ଟୋକେଇଟା ମୁଁ ନିଜେ ବୋହିଥିଲି । ତାହା ତଳେ ରଖିଦେଇ ମୁଁ ଦ୍ୱାର ମୁହଁରୁ ରାଜାଙ୍କ ଆସନ ପର୍ଯ୍ୟନ୍ତ କୁର୍ଣ୍ଣିସ୍ କରି କରି ଚାଲିଲି ଓ ତାଙ୍କ ସମ୍ମୁଖରୁ ପଛଘୁଞ୍ଚା ଦେଇ ଦେଇ ସେହିପରି କୁର୍ଣ୍ଣିସ୍ କରି ଫେରିଲି । ଏହିପରି ଦୁଇତିନିବାର କଲି । ମୁଁ କେତେକ ବହି ପଢ଼ି ଜାଣି ନେଇଥିଲି ଯେ ଏହା ହେଉଛି ମୁସଲମାନ୍ ବାଦସାହଙ୍କ ଦରବାରର କାଇଦା; ପରେ ଫଳ ଟୋକେଇଟା ନେଇ ରାଜାସାହେବଙ୍କ ସମ୍ମୁଖରେ ରଖିଦେଲି । କାବୁଲି କହିଲା ଯେ, ମୁଁ ତାହାର ଭତିଜା । ସେହିଦିନ ମୁଁ ତାହା ଦେଶରୁ ଆସିଛି ଓ ମୋତେ ରାଜାସାହେବଙ୍କୁ ସଲାମ କରିବାକୁ ସେ ଆଣିଛି । ରାଜାସାହେବ ଛଦ୍ମବେଶଧାରୀ ଭତିଜା ଆଡ଼କୁ ଅନାଇ "ତୁମ୍ କବ୍ ଆୟା, ତୁମ୍‌ହାରା ନାମ କ୍ୟା" ଆଦି ପ୍ରଶ୍ନକଲେ । ଏହି ଦେଶର ଭାଷା ସେ ବୁଝେନାହିଁ କହି କାବୁଲି ଭାବି ପ୍ରଶ୍ନ ସୁଦ୍ଧା ବନ୍ଦ କରିଦେଲା । ମୁଁ ସେହି ଅଳ୍ପ ସମୟ ମଧ୍ୟରେ ସେଠାରେ ବସିଥିବା ଲୋକଙ୍କ ଉପରେ ଆଖି ବୁଲାଇଗଲି । ଏସବୁ କାମ ପାଞ୍ଚମିନିଟ୍‌ରୁ ଅଧିକ ଲାଗିନଥିଲା । ଆମ୍ଭେମାନେ ପୁଣି ରାଜାସାହେବଙ୍କୁ ସଲାମ କରି ଫେରିଲୁ । କାବୁଲିକୁ ଏହି କଥା ଗୁପ୍ତ ରଖିବାକୁ ହଲପ୍ ଦେଇ ରଖିନେଲି । ବସାକୁ ଫେରି ଏହି କଥା ମୋର ନୋଟ୍ ବହିରେ ଲେଖିପକାଇଲି । ପୋଲିଟିକେଲ୍ ଏଜେଣ୍ଟ ଫିଲିପ୍ ସାହେବ ଆସିବା ଦିନ ରାଜାସାହେବ ଓ ମୁଁ ତାଙ୍କ ଅଭ୍ୟର୍ଥନା ସକାଶେ ପାନପୋଷ ଷ୍ଟେସନରେ ଉପସ୍ଥିତ ଥିଲୁ । ଶ୍ରାବଣ ମାସ, ଘୋର ବୃଷ୍ଟି ହେଉଥାଏ । ପାନପୋଷରୁ ବଣେଇଗଡ଼ ୩୮ ମାଇଲ । ସଡ଼କ ପକ୍କା ନୁହେଁ, ପୁଣି ବାଟରେ ଅନେକ ନାଳ । କେତେକ ନାଳ ଉପରେ କାଠର ଅସ୍ଥାୟୀ ପୋଲ ନିର୍ମିତ ହୋଇଅଛି । କେତେକ ଉପରେ ପୋଲ ନାହିଁ । ପାନପୋଷରୁ ୧୨ ମାଇଲ ଦୂରରେ ଗାଙ୍ଗପୁର-ବଣେଇ ସୀମାରେ ବଣେଇ ଅନ୍ତର୍ଗତ ବାଙ୍କି ଥାନା । ସେଠାରେ ପ୍ରଥମ ଦିନ ରହି ପରଦିନ ପୋଲିଟିକେଲ୍ ଏଜେଣ୍ଟଙ୍କ ସହିତ ବଣେଇଗଡ଼ ଅଭିମୁଖରେ ଯାତ୍ରାକଲି । ସାହେବ ବାଇସାଇକେଲ୍‌ରେ ବାହାରିଲେ ଓ ତାଙ୍କ ସଙ୍ଗେ ମୁଁ ମଧ୍ୟ ବାଇସାଇକେଲ୍‌ରେ ବାହାରିଲି । ପ୍ରାୟ ସକାଳ ୭ଟା ବେଳେ ବାହାରି ଆମ୍ଭେମାନେ ଅଳ୍ପବାଟ ଯାଇଛୁଁ ବୃଷ୍ଟି ଆରମ୍ଭ ହେଲା । ଦୁହେଁ ବାଇସାଇକେଲ୍‌ରେ ଚାଲିଛୁ । ଯେଉଁଠାରେ ନାଳ ପଡ଼େ ସେଠାରେ ସାହେବ ବାଇସାଇକେଲରୁ ଓହ୍ଲାଇ ପଡ଼ନ୍ତି ଓ ଅଗଭୀର ଜଳ ଦେଖି ବାଇସାଇକେଲ୍‌କୁ ନିଜ କାନ୍ଧରେ ବୋହି ନାଳ ପାରି ହୁଅନ୍ତି । ତାଙ୍କ ଦେଖାଦେଖି ମୁଁ ମଧ୍ୟ ତାହା କରେ । ସାହେବମାନଙ୍କ ଏହି ଗୁଣ ଆମ୍ଭମାନଙ୍କ ଶିକ୍ଷଣୀୟ । ଏହିପ୍ରକାରେ ଦିନ ପ୍ରାୟ ୧୧ଟା ବେଳେ ଆମ୍ଭେମାନେ ବ୍ରାହ୍ମଣୀ ନଦୀକୂଳରେ ପହଞ୍ଚିଲୁ । ନଦୀର ଅପରପାର୍ଶ୍ୱରେ ବଣେଇଗଡ଼ । ସେଠାରେ ରାଜାଙ୍କ ଭାଇ କୁମାର ହରିଶ୍ଚନ୍ଦ୍ର ଦେଓ ଓ ଷ୍ଟେଟ୍‌ର ଅନ୍ୟାନ୍ୟ ଅଫିସରମାନେ ଉପସ୍ଥିତ ଥିଲେ । ସାହେବ ଡାକବଙ୍ଗଳାକୁ ଗଲେ ଓ ମୁଁ ମୋ ବସାକୁ ଗଲି ।

ସାହେବଙ୍କ ଆଠଦିନ ରହିବା ପ୍ରୋଗ୍ରାମ ଥିଲା । ଗଡ଼ରେ ଏଣିକି ମଫସଲ ଅଞ୍ଚଳର ଲୋକଙ୍କ ଅଧିକ ସମାଗମ ଲକ୍ଷ୍ୟକଲି । ସନ୍ଧ୍ୟାରେ ଦଳ ଦଳ ଲୋକ ଯାତାୟତ କରୁଥିବା ମୁଁ ଲକ୍ଷ୍ୟ କରୁଥାଏ । ଦିନେ ମୋର ସେହି ବିଶ୍ୱସ୍ତ ଲୋକଦ୍ୱାର ଜାରି କରାଇଦେଲି ଯେ, ହୁଏତ ଦେଓ୍ୱାନ ପୋଲିଟିକେଲ୍ ଏଜେଣ୍ଟଙ୍କୁ ରାଜବାଟୀରେ ଏହି ଲୋକସମାଗମ କଥା କହିଦେଇଛନ୍ତି ଓ ନିଜେ ସାହେବ ଏହା ଦେଖିବାକୁ ଆସିବେ । ଏହି ଲୋକଟି ରାଜା ସାହେବଙ୍କ ନିଜ ପାଖର ଲୋକ, ସେ ସମ୍ବଲପୁରବାସୀ । କେତେକ ଦିନ ହେଲା ରାଜବାଟୀରେ ଚାକିରିରେ ରହିଯାଇଥିଲା । ମୋତେ ପିଲାଦିନରୁ ସ୍ନେହ କରୁଥିଲା ବୋଲି ମୁଁ ତାକୁ ବିଶ୍ୱାସ କରିଥିଲି ଓ ମୋର ଆସନ୍ନ ବିପଦ ସମ୍ଭାବନାରେ ତହିଁରୁ ମୋତେ ରକ୍ଷା କରିବା ସକାଶେ ଗୁପ୍ତ ସମ୍ବାଦମାନ ଦେଇ ନିଜେ ଏଡ଼େ ବିପଦ ମୁଣ୍ଡେଇଥିଲା ।

ପୋଲିଟିକେଲ୍ ଏଜେଣ୍ଟଙ୍କ ସଙ୍ଗେ ଘୋଡ଼ା ଆସିଥିଲେ ଓ ତାଙ୍କ ସଙ୍ଗେ ଜଣ କେତେ ସବାର ମଧ୍ୟ ଥିଲେ । ଘୋଡ଼ା ଆଣିବା ଉଦ୍ଦେଶ୍ୟ, କାଳେ ମଫସଲକୁ ଯିବା ଆବଶ୍ୟକ ହୋଇପାରେ । କିନ୍ତୁ ବର୍ଷାଯୋଗୁଁ ମଫସଲ ଗସ୍ତରେ ଯିବା ହେଲାନାହିଁ । ଏହି ମଧ୍ୟରେ ଦିନେ କାବୁଲିକୁ ପୁଣି ଡାକି କହିଲି ଯେ, ସେ ନିଜ ଘୋଡ଼ାରେ ରାତିରେ ରାଜବାଟୀ ସମ୍ମୁଖକୁ ଯିବ ଓ ସିସି ଶବ୍ଦ ଶୁଣିଲା ମାତ୍ରକେ 'ପକଡ଼ୋ ପକଡ଼ୋ' ବୋଲି ଥରେ ଦୁଇଥର ପାଟିକରି ଘୋଡ଼ା ଦୌଡ଼ାଇ ଚାଲିଯିବ । ଏହି ବନ୍ଦୋବସ୍ତ ରହିଲା, ଏହି ବିଶ୍ୱାସରେ ଯେ, ହୁଏତ ଏହି ଶବ୍ଦ ଶୁଣି ରାଜବାଟୀରେ ଜମା ହୋଇଥିବା ଲୋକେ ମନେକରିପାରନ୍ତି ଯେ ସାହେବ ନିଜେ ଲୋକମାନଙ୍କୁ ଧରିବାକୁ ଆସିଛନ୍ତି । ଅବସ୍ଥା ଜାଣି ବ୍ୟବସ୍ଥା କରିବାକୁ ହୁଏ । ମୁଁ ଯେଉଁ ଅବସ୍ଥାରେ ପଡ଼ିଥିଲି, ଏହିପରି ଦୁଃସାହସିକ କାର୍ଯ୍ୟମାନ କରିବା ଛଡ଼ା ମୋର ଉପାୟ ନଥିଲା । ପୁଣି ଏହି ଗଡ଼ଜାତ ଅଞ୍ଚଳର ଲୋକଙ୍କ ବୁଦ୍ଧି ଓ ସାହସର ଦୌଡ଼ କେତେ ତାହା ମୋତେ ଅଜଣା ନଥିଲା ।

ରାଜବାଟୀକୁ ଯାଇଥିବା ସଡ଼କଟି କଚା । ବର୍ଷାଦିନ, କର୍ଦ୍ଦମାକ୍ତ ହୋଇଥାଏ । ପୋଲିଟିକେଲ୍ ଏଜେଣ୍ଟ ରାଜବାଟୀରେ ସାହେବଙ୍କୁ ଡିନର (ରାତ୍ରି ଭୋଜନ) ଦେବା କଥା ହେଲା । ସଡ଼କ ମରାମତି ସକାଶେ ଢିମା ପଥରମାନେ ଅଣାହେଲା । ଯାହା ସଡ଼କରେ ଲାଗିଲା ଲାଗିଲା । ଆଉ କେତେଗୁଡ଼ିଏ ପଥର ରାଜବାଟୀ ସମ୍ମୁଖସ୍ଥ ସଡ଼କରେ କିଛି ଅଂଶରେ ଉଭୟ କଡ଼ରେ ଧାଡ଼ି ଧାଡ଼ି କରି ରଖିଦିଆହେଲା । ଦିନେ ରାତିରେ ଝିପିଝିପି ବର୍ଷା ହେଉଥାଏ । ବାଇସାଇକେଲ୍‌ରେ ରାଜବାଟୀ ସମ୍ମୁଖରେ ଉପସ୍ଥିତ ହେଲି । ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ, ସଡ଼କର ଆଖପାଖରେ କେହି ଦେଖାଯାଉନାହାନ୍ତି । ମୋ ହାତରେ ଟର୍ଚ୍ଚ ବତୀ । କାବୁଲିକୁ ଆଗରୁ ଖବର ଦେଇଥିଲି, ଅନତିଦୂରରେ ସେ ଘୋଡ଼ା ପିଠିରେ ଥିଲା । ସିଟି ଦୁଇଥର ମାରିଦେଇ ବାଇସାଇକେଲ୍‌ରେ ମୁଁ ପଳାଇଗଲି ଓ ତନ୍ମୁହୂର୍ତ୍ତରେ ସେ ଦୁଇ-ଚାରିଥର 'ପକଡ଼ୋ' 'ପକଡ଼ୋ' କହି ଘୋଡ଼ା ଦୌଡ଼ାଇ ଚାଲିଗଲା । ଏହାର ପ୍ରତିକ୍ରିୟା ଜାଣିବା ସକାଶେ ତାହାର ଅପେକ୍ଷାରେ ମୁଁ ମୋ ବସାରେ ବସିଥାଏ । ରାତ୍ରି ପ୍ରାୟ ଏଗାରଟାବେଳେ ସେ ମୋ-ଠାକୁ ଆସି କହିଲା ଯେ, ତାହାର ପାଟି ଶୁଣି କେତେକ ଲୋକ ଇତସ୍ତତଃ ପଳାଇଥିବା ସେ ଜାଣି ପାରିଥିଲା ଓ ସେ ନିଜେ ନିରାପଦରେ ଫେରି ଆସିଥିଲା । ମୋ ଉପାୟର ଫଳ ହୋଇଥିବା ମୁଁ ଅନୁମାନ କଲି । ସକାଳେ ଡାକ୍ତରଖାନାକୁ ଯାଇ କେହି ଚିକିତ୍ସା ସକାଶେ ଯାଇଅଛନ୍ତି କି ନା ଦେଖିଆସି ମୋତେ କହିବି ବୋଲି କହିଲା । ପରଦିନ ସକାଳେ ଆସି ମୋତେ କହିଲା ଯେ, ଅନେକ ଲୋକ ଜଖମ ହୋଇ ଡାକ୍ତରଖାନାକୁ ଯାଇଅଛନ୍ତି । ମୁଁ ବୁଲିଲାପରି ଡାକ୍ତରଖାନାକୁ ଗଲି ଓ ଦେଖିଲି ଜଣେ ଲୋକର ହାତ ଭାଙ୍ଗିଯାଇଛି ଓ ତହିଁରେ ପଟି ବନ୍ଧା ହେଉଛି ଓ ପ୍ରାୟ ତିରିଶି ଚାଳିଶ ଜଣ ଲୋକଙ୍କ ଆଣ୍ଠୁଗଣ୍ଠି, କହୁଣୀ ପ୍ରଭୃତି ଛିଣ୍ଡି ଯାଇଥିବାରୁ ସେମାନଙ୍କ ଚିକିତ୍ସା ହେଉଛି । ଡାକ୍ତର ତାଙ୍କ ଖାତାରେ ନିୟମାନୁସାରେ ସେମାନଙ୍କ ନାମମାନ ଲେଖୁଛନ୍ତି । (କ୍ରମଶଃ)

## ପର୍ଦ୍ଦା ପଛର କଥା ଭାଗ-୩୦

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



### ॥ ଜୀବନଟା ବିନ୍‌ଦାସ ଖୋଲାବହି ॥

୨୦୦୭ ମସିହା ପ୍ରକୃତରେ ମୋ ପାଇଁ ଥିଲା ଟର୍ଣ୍ଣିଂ ପଏଣ୍ଟ । ଏମନ ମାନେନା ଓ ଜୟ ଜଗନ୍ନାଥ ଦୁଇଟି ଭିନ୍ନ ଭିନ୍ନ ରକମର ଚଳଚ୍ଚିତ୍ର । ଦୁଇଟି ଯାକ ବେଶ୍ ଚର୍ଚ୍ଚାରେ । ଏ ଦୁଇଟି ଚଳଚ୍ଚିତ୍ର ମୋର ସ୍ଥିତିକୁ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ମଜ୍‌ଭୁତ୍ କରିଦେଲା । ଅନ୍ତତଃ ଲୋକମାନଙ୍କର ମୋ ଉପରେ ବିଶ୍ୱାସ ଆସିଗଲା । ହେଲେ ମୋ ହାତରେ ଫିଲ୍ମ କାହିଁ !

କିଛି ନିର୍ଦ୍ଦିଷ୍ଟ ସଂଖ୍ୟକ ଗୀତିକାର, ସଂଳାପକାର ଓଡ଼ିଆ ଇଣ୍ଡଷ୍ଟ୍ରିକୁ କବ୍‌ଜା କରି ରଖିଥାନ୍ତି ।

ମୋର ପରିଚୟ ହେଲା ସିନେମାଟୋଗ୍ରାଫର ରଂଜନ ମିଶ୍ରଙ୍କ ସହ । ରଂଜନ ବାବୁ ମୁମ୍ବାଇରେ ବେଶ୍ କିଛି ଦିନ କାମ କରି ଅଭିଜ୍ଞତା ସାଉଁଟିଥାନ୍ତି । ଓଡ଼ିଶା ଫେରି ସିନେମାଟୋଗ୍ରାଫି ସହ ନିର୍ଦ୍ଦେଶନା ଦେବା ପାଇଁ ଯୋଜନାରେ ଥାନ୍ତି । ଗୋଟିଏ ସିଡି ଫିଲ୍ମ ବି କରିଥାନ୍ତି । ପ୍ରଯୋଜନା କରିଥାନ୍ତି ବାବୁ ସିଂ (ବର୍ତ୍ତମାନ ବିଜେପି ନେତା) । ଖୁବ୍ ଅମାୟିକ ବ୍ୟକ୍ତିତ୍ୱ ବାବୁ ସିଂଙ୍କର । ଜମି ତଥା କନ୍‌ଷ୍ଟ୍ରକସନ୍ କାରବାର ତାଙ୍କର । ବାବୁ ସିଂ ମନସ୍ଥ କଲେ ଫିଲ୍ମଟିଏ ନିର୍ମାଣ କରିବେ । ଅନେକ ଡିରେକ୍‌ଟର ତାଙ୍କୁ ଫିଲ୍ମ କରିବା ପାଇଁ ପ୍ରସ୍ତାବ ଦେଇଥାନ୍ତି । ମାତ୍ର କାହା ଉପରେ ବାବୁ ସିଂ ଭରସା କରି ପାରୁନଥାନ୍ତି । ତେବେ ସ୍ୱଳ୍ପ ବଜେଟ୍‌ରେ ଭଲ ଫିଲ୍ମ କରିବାର ନିର୍ଭର ପ୍ରତିଶ୍ରୁତି ଦେଲେ ରଂଜନ ମିଶ୍ର । ମତେ ନେଇ ବାବୁ ସିଂଙ୍କ ଅଫିସ୍‌ରେ ଦେଖା କରାଇଲେ । କାହାଣୀଟିଏ କହିଲେ ବାବୁ ସିଂ । ସତ୍ୟ ଘଟଣା ଉପରେ ଆଧାରିତ । କାହାଣୀଟି ମତେ ଭଲ ଲାଗିଲା । ନାୟକର ମୃତ୍ୟୁ ଘଟୁଛି । ଘରେ ନବ ବିବାହିତା ପତ୍ନୀ । ଏଭଳି ଖବର ନଦେବା ପାଇଁ ଡାକ୍ତରଙ୍କ ପରାମର୍ଶ । ଘର ଲୋକେ ଏ ଖବର ନାୟିକାଙ୍କୁ ଦେଇ ନାହାନ୍ତି । ଆଶ୍ଚର୍ଯ୍ୟଜନକ ଭାବରେ ଅନ୍ୟଜଣେ ସମାନ ଚେହେରାର ଯୁବକଙ୍କ ସାକ୍ଷାତ ମିଳେ । ସେ ନାୟକର ଅଭିନୟ କରନ୍ତି । ଘରେ ସମସ୍ତେ ଆଶ୍ଚର୍ଯ୍ୟ । ପରିଶେଷରେ ସତ୍ୟ ଜଣାପଡ଼େ । ପିଲାଦିନରୁ ହଜି ଯାଇଥିବା ଯମଜ ସନ୍ତାନ । ଅବିକଳ ଚେହେରା, ଏମିତି ଏକ ନାଟକୀୟ ମୋଡରେ କାହାଣୀ ଗତିଶୀଳ । ଚିତ୍ରନାଟ୍ୟ ମୁଁ ପ୍ରସ୍ତୁତ କରୁଥାଏ ସ୍ୱାଧୀନ ଭାବରେ । ବହୁତ ସତର୍କତା ଅବଲମ୍ବନ କରିବାକୁ ପଡୁଥାଏ । ସ୍କ୍ରିପ୍ଟ ସରିବା ପରେ ରିଡିଙ୍ଗ୍ । ସମସ୍ତେ ପସନ୍ଦ କଲେ ।

ସଂଗୀତ ନିର୍ଦ୍ଦେଶନା ଦେବା ପାଇଁ ରଂଜନ ବାବୁଙ୍କ ସାନଭାଇ ବୁବୁ ମିଶ୍ରଙ୍କୁ ସ୍ଥିର କରାଗଲା । ବୁବୁବାବୁ ବୃତ୍ତିରେ ଜଣେ ଇଂଜିନିୟର । କିନ୍ତୁ ସଂଗୀତରେ ରୁଚି ଅନେକ । କେତେଗୁଡ଼ିଏ କ୍ୟାସେଟ୍‌ରେ ସଂଗୀତ ନିର୍ଦ୍ଦେଶନା ଦେଇଥାନ୍ତି । ଗୀତ ଲେଖିବା ପାଇଁ ମୋହିତ ଚକ୍ରବର୍ତ୍ତୀ, ନିଜାମ୍ ଭାଇ, ମାନସ ସାସମଲ ଓ ମୁଁ । ସିକ୍ୟୁଏନ୍ସ ଅନୁସାରେ ଗୀତ ରଚନା ହେଲା । ମୋ ଭାଗରେ ଜୀବନ ଧର୍ମୀ ଗୀତଟିଏ ନାୟକର ଦ୍ୱିତୀୟ ଭୂମିକାର ଇଣ୍ଟ୍ରୋଡକସନ ଗୀତ । ଅନ୍ୟ ଗୋଟିଏ ଗୀତ ପଛରେ ସଂଯୋଜିତ ହେଲା । ଯଦିଓ ଚଳଚ୍ଚିତ୍ରରେ ତା'ର କୌଣସି ଭୂମିକା ହିଁ ନଥିଲା । ମୋର ବାରଣ ସତ୍ତ୍ୱେ ଗୀତଟି ସ୍ଥାନିତ ହେଲା । ତେବେ ଗୀତଟି କେବଳ ଟାଇଟିଲ୍ ସ୍କ୍ରୋଲିଂ ଉପରେ ହିଁ ବ୍ୟାକ ଗ୍ରାଉଣ୍ଡ ଭାବରେ ବ୍ୟବହାର ହେଲା ।

ଚଳଚ୍ଚିତ୍ରରେ ଗୀତ ରଚନାର ଧାରା ଟିକେ ସ୍ୱତନ୍ତ୍ର । ସିକ୍ୟୁଏନ୍ସ ଅନୁସାରେ କରାଯାଏ । ପୁଣି ଗୀତର ଶବ୍ଦ ଓ ଉପମାର ବ୍ୟବହାରରେ କିଛି ଯତ୍ନବାନ ହେବାର ଥାଏ । ଏହି ଚଳଚ୍ଚିତ୍ରରେ ଗୋଟିଏ ରୋମାଣ୍ଟିକ ଡୁଏଟ୍ ସଂଯୋଜିତ ହୋଇଥିଲା ଯେଉଥିରେ ଏପରି କିଛି ଲାଇନ୍ ସଂଯୋଜିତ ହୋଇଥିଲା ଯାହା ଫଳରେ ସମୁଦ୍ର କୂଳରେ ଏକ ବିରାଟକାୟ ସେଟ୍ ପ୍ରସ୍ତୁତି କରିବାକୁ ପଡ଼ିଲା । ଚିତ୍ରଗ୍ରହଣ ଦୃଷ୍ଟିରୁ ଠିକ୍‌ଠାକ୍ ଥିଲା ହେଲେ ସାମାନ୍ୟ ବ୍ୟୟବହୁଳ ହୋଇ ପଡ଼ିଥିଲା । ମୋ ଗୀତଟି କାହାଣୀର ଏକ ନିର୍ଣ୍ଣାୟକ ମୋଡରେ ଆସିଥିଲା । ଅନେକ ମୁଖୁଡ଼ା ଭାବିଲି । ହେଲେ କୌଣସି ଗୋଟିଏ ମନକୁ ଆସୁନଥାଏ । କିଛି ମୁଖୁଡ଼ା ନିଜାମ୍ ଭାଇଙ୍କୁ ଟେଲିଫୋନ୍‌ରେ ଶୁଣାଇଲି । ନିଜାମ୍ ଭାଇଙ୍କ ସହିତ ମୋର ସଂପର୍କ ନିଆରା । ମତେ ସାନଭାଇର ସ୍ନେହ ଦିଅନ୍ତି । ମୋର ଗୋଟିଏ ମୁଖୁଡ଼ାକୁ ସାମାନ୍ୟ ପରିବର୍ତ୍ତନ କରି ଦୁଇ ଲାଇନ୍ ଶୁଣାଇଦେଲେ । 'ଜୀଇଁବାର ମାନେ ଯଦି ଜୀବନ ହୁଏ ଜୀଇଁବା ପାଇଁ ମୁଁ ବାଟ ଚାଲୁଥିବି ।" ଗୀତଟିକୁ ବୁବୁ ମିଶ୍ରଙ୍କୁ ଶୁଣାଇବା ମାତ୍ରେ ସେ ଟ୍ୟୁନ୍ କରିଦେଲେ । ମାତ୍ର ୧୨ ମିନିଟ୍‌ରେ ଗୀତଟି ଲେଖା ହୋଇ ଟ୍ୟୁନ୍ ହୋଇଗଲା । ବୁବୁ ମିଶ୍ର ଚମତ୍କାର ଟ୍ୟୁନ୍ କରିଥାନ୍ତି । ଏହି ଗୀତରେ ମୋର ଗୋଟିଏ ଧାଡ଼ି ଥିଲା 'ଜୀବନଟା ବିନ୍‌ଦାସ ଖୋଲାବହି ପ୍ରଶ୍ନ ନାହିଁ କି ଉତ୍ତର ନାହିଁ ।" ମୋର ଗୋଟିଏ କବିତାରୁ ଉଦ୍ଧୃତ । ଗୀତଟିକୁ ଗାଇଥିଲେ ବିଭୁ ଦାସ । ବିଭୁ ଦାସ ଯେପରି ଗୀତଟିକୁ ଜୀବନ୍ୟାସ ଦେଇଥିଲେ । ସିଦ୍ଧାନ୍ତଙ୍କ ଉପରେ ଏହି ଗୀତଟି ପିକ୍‌ଚରାଯାଇସନ୍ କରାଯାଇଥିଲା । ସ୍ୱଳ୍ପ ଲାଇଟ୍ ବ୍ୟବହାରରେ ଚମତ୍କାର ଭାବରେ ରଂଜନବାବୁ ସଜାଇଥିଲେ କ୍ୟାମେରାରେ ।

ଏହି ଚଳଚ୍ଚିତ୍ରରେ ନାୟକ ଭାବରେ ପ୍ରଥମେ ବୁଦ୍ଧାଦିତ୍ୟଙ୍କୁ ସ୍ଥିର କରାଯାଇଥିଲେ ହେଁ ପରେ ସିଦ୍ଧାନ୍ତଙ୍କୁ ନିଆଯାଇଥିଲା । ଅନ୍ୟାନ୍ୟଙ୍କ ମଧ୍ୟରେ ମିହିରଦାସ, ଅପରାଜିତା ମହାନ୍ତି, ପିଣ୍ଟୁ ନନ୍ଦ ପ୍ରମୁଖ ବଳିଷ୍ଠ ଅଭିନୟ କରିଥିଲେ । ଚଳଚ୍ଚିତ୍ରଟି ଏପ୍ରିଲ ୧୧ ଦୁଇହଜାର ଆଠ ମସିହାରେ ସମଗ୍ର ଓଡ଼ିଶାରେ ମୁକ୍ତିଲାଭ କରିଥିଲା । ଚଳଚ୍ଚିତ୍ରଟିକୁ ସମସ୍ତେ ତାରିଫ୍ କରିଥିଲେ । ମୋର ନିଜ ଉପରେ ଆଉ ଟିକିଏ ଆତ୍ମ ବିଶ୍ୱାସ ବଢ଼ିଗଲା । କିନ୍ତୁ ଚଳଚ୍ଚିତ୍ରଟିର କାଷ୍ଟିଂରେ ଚିତ୍ରନାଟ୍ୟ ଲେଖକ ଭାବରେ ନିର୍ଦ୍ଦେଶକଙ୍କ ନାଁ ଦେଖି ମୁଁ କ୍ଷୁବ୍ଧ ହୋଇଥିଲି । କାରଣ ଚଳଚ୍ଚିତ୍ରଟିର ଚିତ୍ରନାଟ୍ୟ ମୁଁ ପ୍ରସ୍ତୁତ କରିଥିଲି ଓ ସେଥିରେ ନିର୍ଦ୍ଦେଶକଙ୍କର ଭୂମିକା କିଛି ହିଁ ନଥିଲା । ଅବଶ୍ୟ ଓଡ଼ିଆ ଚଳଚ୍ଚିତ୍ରରେ ଏ ଫଣ୍ଡା ନୂଆ ନୁହେଁ । କାହାଣୀର ଶ୍ରେୟ ପ୍ରଯୋଜକଙ୍କ ନାଆଁରେ ଯାଏ ପ୍ରାୟତଃ । ମୁଁ କିନ୍ତୁ ଏସବୁର ଘୋର ବିରୋଧୀ । (କ୍ରମଶଃ)

## କବିତା.... ଆମ ସମୟର

### ସୁରେନ୍ଦ୍ର ପାଣିଗ୍ରାହୀ

#### ॥ ନୂଆ ବର୍ଷ ॥



ନୂଆ ବର୍ଷ ଆସେ ଲୁଚି ପୋକଶୁଂଘା ଅମରୀ ବାଡ଼ରେ
କୁହାଟଇ ଶୀତ ରାତି ପାଳ ଭୂତ ହେଇ ନଈ କୂଳେ
ନୂଆବର୍ଷ ଆସେ ପୁଣି ଶୀତ ସଂଜ ଉମେଇଁ ନିଆଁରେ
ମାଇଲ୍ ମାଇଲ୍ ବ୍ୟାପି ଫାକାବିଲ ଶୂନ୍ୟ ସଂହିତାରେ ।


ନୂଆବର୍ଷ ନାଚୁଥାଏ ଢୋଲମାଦଳ ବଇଁଶୀର ସୁରେ
ନୂଆବର୍ଷ ଶୋଇଥାଏ ହେଁସ ଘୋଡ଼ି ରାଜରାସ୍ତା ପରେ,
ବିପିଏଲ୍ ଭାଗ୍ୟ ଚକ୍ର ଭୋଗୁଥାଏ ମାଟିର ମଣିଷ
ନୂଆବର୍ଷ ଲୁଟି ନିଏ ଜମି ଜମା ଖଳା ଖାଦାନରେ ।

ନୂଆବର୍ଷ ଲେଖି ଦିଏ ମହାମାରୀ ଲୁହର ସ୍ୟାହିରେ
ଅରଖ ବାସଂଗ ବନେ ହାଇମାରେ ସକାଳର ଖରା,
ନୂଆବର୍ଷ କାଂଦୁଥାଏ କନ୍ୟା ଶିଶୁକ୍ରନ୍ଦନ କୋହରେ
ଖାଁ ଖାଁ ବନବିଲେ ଖେଦୁଥାଏ କ୍ଷୁଧା- ଖଂଜଣିରେ ।

ନୂଆ ବର୍ଷ ନୁଚିଥାଏ ଉର୍ବଶୀର ଦେହ ଦର୍ପଣରେ
ନୂଆ ବର୍ଷ ଫେରିଯାଏ ନିଉଛୁଣା ନୁଖୁରା ନିଦରେ ।

♥ ବରି, ସିମୁଳିଆ, ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

### ଅଧ୍ୟାପକ ବିଶ୍ୱରଂଜନ



#### ॥ କଥାର ବ୍ୟଥା ॥

କଥା ଦେଇ କଥା ରଖି ହୁଏନା
କଥାଠାରୁ ବଳିପଡ଼େ ବ୍ୟଥା
ବ୍ୟଥା ବି ବେଳେବେଳେ
ବାତ୍ୟାର ରୂପ ନିଏ
ଝଙ୍କାର ତୋଳେ ମନ-ଗହନରେ
ଚେରମୂଳ ସହ ଭୁଷୁଡ଼ି ପଡ଼େ
ସବୁରି ଅଲକ୍ଷ୍ୟରେ ।
ନିମୂଳୀ ଲତା ଭଳି ଦୋଳାୟିତ ମନ
ଝୁଲୁଥାଏ ଏପଟରୁ ସେପଟ
ଓ ସେପଟରୁ ଏପଟ ।

ଦୁଇ କୂଳ ଖାଇ ଉଚ୍ଛୁଳୁଥାଏ ନଈ
ମଝିରେ ଭାସୁଥାଏ ଶୂନ୍ୟ ନାଆ
ନିଖୋଜ ନାଉରିଆ ।
ଅପହଂଚ କୂଳ
ଅତଳ ତଳ ନଦୀର ଜଳ ।

କଥା ଭାସିଯାଏ ପବନରେ
ବ୍ୟଥା ସଂଚରିଯାଏ ମନରେ ଓ ମନରେ
ଦୁଇମନକୁ ଯୋଡ଼ିବା ପାଇଁ ତ କଥା
କଥାରୁ କବିତା, ତା' ପରେ ପୂର୍ଣ୍ଣ ନୀରବତା ।

ମୁଁ ଏବେ ନୀରବତାରେ ଅଛି
ନିଭୃତରେ ଅଛି
କଥା ଦେଇ କଥା ରଖିପାରିଲିନି ବୋଲି
ନଦୀ ଗର୍ଭରେ ଝାସ ଦେଇଛି
ଖୋଜୁଛ କି ମୋର ଶବ
କରନାହିଁ ବୃଥା ଚେଷ୍ଟା
ଶବ ଥରେ କଥା କହିବାକୁ ଆରମ୍ଭ କଲେ
ଭୟରେ ପଳେଇଯିବାକୁ ବାଟ ପାଇବ ନାହିଁ ।

ବାଟରେ ଥାଅ ବଂଧୁ
ବାଟ ଚାଲୁଥାଅ
କଥା ଦେଇ କଥା ରଖି ପାରିଲିନି ବୋଲି
ଦୁଃଖ କର ନାହିଁ,
କଥାଠାରୁ ବ୍ୟଥା ବଳି ନଯାଉ
ବ୍ୟଥା ନ ନେଉ ମହାବାତ୍ୟାର ରୂପ ।

♥ (ମୋ) ୮୭୬୩୨୩୬୨୧୨

### ଗଂଗାଧର ବିଶ୍ୱାଳ

#### ॥ ଜାଣିଗଲିଣି ॥



ଜାଣି ଗଲିଣି;
ମୋତେ ଅନୁକରଣ କରୁଥିବା ମୋ ଛାଇ
ଆଉ ମୋର ହେଇ ରହିନାହିଁ ।
ନିରାମିଷ ପାଟିକୁ ରୋଚକ ଆଇଁଷିଆ କଥା
ଦେହ ଭୋକକୁ ଦେହ ସାଥେ
ନିଶାପାଣି କେଇ ଢ଼ୋକ
କେମିତି ଲାଗେ; ଜାଣିଗଲିଣି ।

ସଂଜସରିକି ଖପରାକାତିର ବେସୁରା ସଂଗୀତ
କୁମ୍ଭାଟୁଆ ଯୋଡ଼ିଙ୍କ ରମଣ ପୂର୍ବର ସଂକେତ
ରାତିନିଦର ଡେଣାଭର୍ତ୍ତି ସ୍ୱପ୍ନ
ଉତ୍ତୀର୍ଣ୍ଣ ଅପରାହ୍ନର ବିଦାୟ ସମ୍ଭାଷଣ ।

ଜାଣିଗଲିଣି;
ସଂସାରୀ ମୁହଁମାନଙ୍କ ଟାଙ୍ଗରା ଭୂମିରୂପ
ଫଟା ଓଠକୂଳେ ଦି'ଧାଡ଼ି ଭୋକ ଶୋଷ
ଆତୁର ଅସହାୟଙ୍କ କାକୁସ୍ଥପଣିଆ ।

ଜାଣିଗଲିଣି;
ବୈରାଗ୍ୟର ହାତଧରି ବାଟ ଚାଲୁଥିବା
ଫଟା କପାଳର ଭାଗ୍ୟରେଖା
ପାପୁଲିଏ ଓଦାଶୁଖିଲା ରୋଗଶୋକ
ନିଜନିଜ କର୍ମଫଳ ।

ଧୂଳିବାଲିର ରାସ୍ତା ଉପରେ ଠିଆ
ସମୟର ସ୍ମୃତିଲିପି ଏଣିକି ଅନେକ ପଛରେ ।

ଜାଣିଗଲିଣି;
ପାଦଚଲା ବାଟ
ହାତଗଢ଼ା ସୌନ୍ଦର୍ଯ୍ୟ
ଜ୍ଞାତିକୁଟୁମ୍ବଙ୍କୁ ଛାଡ଼ି
ଯାତ୍ରା ଆରମ୍ଭ କରିବାକୁ ହେବ
ବଡ଼ି ଭୋର୍‌ରୁ ଏକାଏକା ।

ଜାଣିଗଲିଣି;
ଆଉ ଗୋଟେ ଜୀବନ
ମୋ ଅପେକ୍ଷାରେ ଅଛି କେତେଦିନରୁ ।

♥ ଆମଘର, ନିଉକଲୋନୀ, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
(ମୋ)୯୪୩୭୧୨୯୨୬୫

### ମହାଦେବ ପ୍ରଧାନ

#### ॥ ଜହ୍ନରାତିର କାବ୍ୟ ॥



କିଛି ଲୋକ ଦେଖି ପାରନ୍ତି ଜହ୍ନ
କିଛି ପାରନ୍ତିନି
ଯଦିଓ ଉଭୟ ପିନ୍ଧି ଥାଆନ୍ତି ଆଖି..

ଯେତେବେଳେ ବଉଦର ଚିରା ଶାଢ଼ି ଭିତରୁ
ଫୁଟି ବାହାରି ଆସେ ଅଶିଣର ଜହ୍ନ,
ସେତେବେଳେ କେହି କେହି ଅନୁଭବ କରନ୍ତି
ମାଟିରେ ଅମୃତର ବନ୍ୟା
କିଛି ହତଭାଗା ପାରନ୍ତିନି !

ସେମାନେ ହୁଏତ କଟି ସାରିଥା'ନ୍ତି
ଶାଣଦିଆ ଚନ୍ଦ୍ରାତପରେ
ନଚେତ୍ କାଟି ଦିଅନ୍ତି
ଚନ୍ଦ୍ରକୁ କଳଙ୍କି ଲଗା ଛୁରୀରେ !
ଓ ନିଜେ ପାଲଟି ଯା'ନ୍ତି
ଗୋଟେ ଗୋଟେ କବନ୍ଧ
ଆଉ ଝୁଲି ରହନ୍ତି ଅପ୍ରଶମିତ
ଶୋଷଟେ ହେଇ ଶୁନ୍ୟରେ !
କିଛି କିଛି ବି ସେଥିରୁ
ତରଳି ଖସି ପଡ଼ନ୍ତି
ମହମ ପରି ତାରାମାନଙ୍କ ଉତ୍ତାପରେ..

ସେମିତି କିଛି ଗୋଟେ ଖସି ପିଡିଲା
ଅଧରାତିକୁ ମୋ ହାତରେ !
କଣ ସେ ?
ହଜାର ବର୍ଷ ପୂର୍ବେ
ଜହ୍ନକୁ ଚଢ଼ିଯାଇଥିବା ଠେକୁଆ !
ଯା' ରକ୍ତ ଜହ୍ନ ପରି ଧଳା
କିନ୍ତୁ ତୋଳି ଧରିଲା ବେଳକୁ
ଫର୍ଦ୍ଦେ ସାଦାକାଗଜ ପରି କୁହୁଳି ଯାଉଥିଲା ଜହ୍ନ
ମୂର୍ଚ୍ଛା ଯାଇଥିଲା ଠେକୁଆ !!

♥ ଗାରୋଇ, ନାଉଗାଁ, ଜଗତସିଂହପୁର
(ମୋ) ୮୨୪୯୫୧୬୭୬୫

### ପ୍ରଶାନ୍ତ କୁମାର ଦାଶ

#### ॥ ଲାଲ୍ ରଙ୍ଗର ସୂର୍ଯ୍ୟ ॥



ବେଳାଭୂମି କାନ୍ଦୁଛି
ସମୁଦ୍ର ଆଡ଼କୁ ପିଠି କରି,
ତା' ଆଖିରୁ ଜନ୍ମ ନେଉଥିଲା
ଆଉ ଗୋଟେ ଲୁଣିଆ ସମୁଦ୍ର
ତଫାତ୍ ଖାଲି ଏତିକି
ପିଠି ପଛର ସମୁଦ୍ର ବହେ ଗର୍ଜୁଥିଲା,
ଆଖିର ସମୁଦ୍ର ଗୋଟାପଣେ ଗୁମସୁମ୍ ।

ସମୁଦ୍ର ଓ ବେଳାଭୂମି ଅନେକ ଥର
ହାତ ଧରାଧରି ହୋଇ ବୁଲୁଥିବାର ଦୃଶ୍ୟ
ଶଙ୍ଖ ବିକାଳି ପିଲାଠୁ ଆରମ୍ଭ କରି
ଆଖପାଖର ଛୋଟ ବଡ ପ୍ରାୟ ଦୋକାନୀ
ଓ ଆଖିକୁ କମ୍ ଦେଖାଯାଉଥିବା
ଅଠାବନ ବର୍ଷିଆ
ଫୋଟୋଗ୍ରାଫର୍ ଦୟାର ଲେନ୍ସରୁ ମଧ୍ୟ
ବାଦ୍ ପଡିନି ।

କେବେ ବେଳାଭୂମିର କୋଳରେ ସମୁଦ୍ର
କେବେ ସମୁଦ୍ର କୋଳରେ ବେଳାଭୂମି,
ଗପନ୍ତି, ଗପନ୍ତି ଓ ଗପନ୍ତି
ସେମାନଙ୍କ ଗପସପରେ ଥାଏ ଗୁଡ଼ାଏ ଗପ
ଛୋଟ ଗୋଟେ ତେଲ ଲୁଣର ସଂସାର
ଛାତ ତଳେ ଛ' ଆଖି
ଚାରି ଚଉତା ହୋଇ ରହିଥିବା
ସ୍ୱପ୍ନମାନଙ୍କ ଏକ ସାଢେ
ପାଞ୍ଚଫୁଟିଆ ଆଲମୀରା
କାନ୍ଦ ପାଇଁ କାନ୍ଧ
ଗେଲ ପାଇଁ ଗାଲ ।

ସକାଳ ହଉ ହଉ ହିଁ
ସମୁଦ୍ର ମଥାରେ
ଲାଲ୍ ରଙ୍ଗର ସୂର୍ଯ୍ୟ ଫି' ଦିନ ଉଠେ,
କାନ୍ଦୁଛି, ବେଳାଭୂମି କାନ୍ଦୁଛି
ଦୁଇଆଣ୍ଠୁ ସନ୍ଧିରେ ମୁହଁ ଜାକି ।

♥ ରେଗଡା, ଏମ୍.ରାମପୁର, କଳାହାଣ୍ଡି
(ମୋ) ୭୭୩୫୪୧୯୫୭୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୨ ଜାନୁଆରୀ, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୨୯)



### ॥ କୋଟି ପୁଣ୍ୟ ତୀର୍ଥ ସ୍ଥାନ ॥


ତୁମ ଦୁଇ ଆଖି ମୋ' ପାଇଁ ଗୋ' ସଖୀ!
କୋଟି ପୁଣ୍ୟ ତୀର୍ଥ ସ୍ଥାନ,
ଯେଉଁଠୁ ଶିଖିଛି ଜିଇବାର କଳା
ଆଜି ଏହି ଅକିଞ୍ଚନ ।

ଗୋଟିଏ ଆଖିର ଇସାରରୁ ମୋତେ
ମିଳିଗଲା ସ୍ୱର୍ଗ ସୁଖ,
ଆଉ ଆଖି ଲୁହ ବୁଝାଇ ଦେଇଛି
ଜୀବନର ମାନେ ଦୁଃଖ
ସୁଖ ଆଉ ଦୁଃଖ ଏ ପାଖ ସେ ପାଖ
ଯେମିତିକା ରାତି ଦିନ ।

ତୁମରି ଆଖିର ତୀର୍ଥ ଭୂମିରେ
ଖୋଜିଛି ମୁଁ ମୁକ୍ତି ମୋକ୍ଷ,
ତୁମରି ପ୍ରେମର ଅବଗାହନରେ
ତଉଲିଛି ସୁଖ ଦୁଃଖ,
ତୁମ ପ୍ରେମ ବିନା ଏ ଜୀବନ ସିନା
ସତେ କେଡ଼େ ହୀନିମାନ ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ■ ସାଂପ୍ରତିକ ■

# ବୁଦ୍ଧଂ ଶରଣଂ ଗଚ୍ଛାମି

ଡକ୍ଟର ମନୋରଞ୍ଜନ ବିଷୋୟୀ



ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ ।

ବସ୍ତୁତଃ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ; ଅନୁରୂପ ଭାବରେ ସାଂଖ୍ୟ, ନ୍ୟାୟ, ବୈଶେଷିକ ଓ ଯୋଗ ସେହିପରି ପ୍ରାଧାନ୍ୟଲାଭ କରିଥାଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ ।

ଏ ପରିପ୍ରେକ୍ଷୀରେ କହିରଖେ; ଯେତେବେଳେ ଧାର୍ମିକ ତଥା ସାଂସ୍କୃତିକ ଭାବଧାରାକୁ ନେଇ ବିଭିନ୍ନ ବାଦାନୁବାଦ ଓ ମତବାଦ ମୁଣ୍ଡ ଟେକି ଉଠିଥିଲା, ସେତେବେଳେ ବୌଦ୍ଧଧର୍ମ ଓ ସଂସ୍କୃତିର ଆବିର୍ଭାବ ହୋଇଥିଲା । ମସ୍କରୀ ଗୋପଳ ନାମକ ଧର୍ମଗୁରୁଙ୍କ 'ସଂସାର ବିଶୁଦ୍ଧି ମାର୍ଗ' ଠାରୁ ଆରମ୍ଭ କରି ପୂର୍ଣ୍ଣ କାଶ୍ୟପଙ୍କ 'ଅକ୍ରିୟାବାଦ', ପକୁଧ କାଚ୍ଚାୟନଙ୍କ 'ଅଶ୍ୱାଶତବାଦ', ଚାର୍ବାକ୍ଙ୍କ 'ବିକ୍ଷେପବାଦ' ଭଳି ଦର୍ଶନ ଆମ ସାଂସ୍କୃତିକ ପୃଷ୍ଠଭୂମିକୁ ଆଚ୍ଛନ୍ନ କରି ରଖିବା ସହ ସନାତନବାଦୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବୈଦିକ ପରମ୍ପରା ମାନବ ସମାଜକୁ ଜଟିଳତର କରି ରଖିଥିଲା । ଏସବୁ ଧର୍ମ ଓ ମତବାଦ ପରସ୍ପର ବିରୋଧି ଥିଲେ ହେଁ; ପ୍ରତ୍ୟେକ ଆର୍ଯ୍ୟ ପରମ୍ପରାଭିତ୍ତିକ ବୋଲି ଯୁକ୍ତ ବାଢ଼ିବା ଫଳରେ ଏକ ସାଂସ୍କୃତିକ ସଂକଟର ସମୟ ଆସି ଉପନୀତ ହୋଇଥିଲା । ଏଭଳି ଏକ ସଂକଟର ସନ୍ଧିକ୍ଷଣରେ ଗୌତମବୁଦ୍ଧଙ୍କର ଆର୍ବିଭାବ ।

ଏ ପରିପ୍ରେକ୍ଷୀରେ କହିରଖେ, ସେ ସମୟରେ ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ । ତେଣୁ ଲୋକମୁଖରେ କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଗୌତମ ବୁଦ୍ଧ ମଧ୍ୟ ପ୍ରାକୃତ ଭାଷାକୁ ଧର୍ମପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରିଥିଲେ । ଫଳସ୍ୱରୂପ ଗୌତମ ବୁଦ୍ଧଙ୍କ ଲବ୍ଧ ସତ୍ୟ ଲୋକାନୁଭବର ସ୍ତରକୁ ଆସି ପାରିଥିଲା । କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେଲେ । ପ୍ରାକୃତ ଭାଷା ମଧ୍ୟ ପ୍ରତିଷ୍ଠିତ ହେବା ସହ ବୁଦ୍ଧଙ୍କ ପ୍ରଚାରିତ ଧର୍ମ ମଧ୍ୟ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା । ଅଙ୍ଗୁଳିମାଳା ଦସ୍ୟୁ, ଶାକ୍ୟ ରାଜପରିବାରର ନାପିତ ଉପାଳି, ବୈଶାଳୀର ଜନପଦ-ବଧୂ, ନର୍ତ୍ତକୀ ଅମ୍ବାପାଲି, ସମ୍ରାଟ ପ୍ରସେନଜିତ ଓ ବିମ୍ବିସାର ଆଦି ସମସ୍ତେ ଏ ଧର୍ମ କୋଳରେ ଆଶ୍ରୟ ନେଇଥିଲେ ।

ବହୁ ଧର୍ମରେ ପ୍ରଚଳିତ ଥିବା ଜଟିଳ ତତ୍ତ୍ୱରୁ ବୁଦ୍ଧ ଚାରୋଟି ସତ୍ୟ ଆବିଷ୍କାର କରିଥିଲେ । ଯଥା- (୧) ଦୁଃଖ ସତ୍ୟ (୨) ଏହାର କାରଣ ସତ୍ୟ (୩) ଏହାର ନିରୋଧ ହୋଇପାରିବା କଥାଟା ସତ୍ୟ (୪) ଏହି ଦୁଃଖ-ନିରୋଧର ଉପାୟ ମଧ୍ୟ ସତ୍ୟ ।

ଏଠି ପ୍ରଶ୍ନ ଉଠେ ଦୁଃଖ ପୁଣି କ'ଣ ? ଏହାର ମଧ୍ୟ ଉତ୍ତର ଦେବାକୁ ଯାଇ ଗୌତମ ବୁଦ୍ଧ ଉଲ୍ଲେଖ କରିଛନ୍ତି- ସଂସାର ସହିତ ସମ୍ପର୍କରୁ ଦୁଃଖର ଜାତ । ଯଥା- ଜନ୍ମ, ବୃଦ୍ଧାବସ୍ଥା, ରୁଗ୍ଣାବସ୍ଥା, ମୃତ୍ୟୁ, ଇପ୍ସିତ ବସ୍ତୁଟିର ଅପ୍ରାପ୍ତି । କାରଣ ଇନ୍ଦ୍ରିୟ ଜନିତ ସୁଖର ବସ୍ତୁଟି ଅପସରି ଗଲେ ଦୁଃଖ ଆସିଥାଏ । ବୁଦ୍ଧଙ୍କ ମତରେ - ଜୀବନ ପ୍ରତି ଅତ୍ୟଧିକ ମୋହ ମଣିଷକୁ ସଂସାର ପ୍ରତି ଆକୃଷ୍ଟ କରାଏ । ତେଣୁ ସେ ବାରମ୍ବାର ଏ ସଂସାରରେ ଜନ୍ମ ନେଇ ଦୁଃଖ ଭୋଗ କରିଥାଏ । ଅତଏବ ଦୁଃଖ ହେଉଛି- ମଣିଷର ନିଜର ସୃଷ୍ଟ କାମନା ଓ ବାସନାରୁ ସମ୍ଭୁତ । ଏହାର ବିନାଶରେ ଦୁଃଖର ବିନାଶ । ଏହି କାମନା ଓ ବାସନାର ବିନାଶ ଲାଗି ଗୌତମ ବୁଦ୍ଧ ଏକ ପନ୍ଥା ଦେଖାଇଥିଲେ । ଯାହା ଅଷ୍ଟାଙ୍ଗ ମାର୍ଗ ଭାବେ ପ୍ରସିଦ୍ଧ । ଏଥିରେ ସମ୍ୟକ ଦର୍ଶନ, ଉତ୍ତମ ଅଭୀପ୍ସା, ଉତ୍ତମ କଥା, ଉତ୍ତମ ସ୍ୱଭାବ, ଉତ୍ତମ ମାର୍ଗ, ଉତ୍ତମ କର୍ମ, ଉତ୍ତମ ଚିନ୍ତା, ଉତ୍ତମ ସମାଧିସ୍ଥ ଆନନ୍ଦ ଲାଭ କରିବାକୁ ହୋଇଥାଏ ।

ଏହି ଅଷ୍ଟାଙ୍ଗ ମାର୍ଗରେ ଗତି କଲେ ସତ୍ୟର ସନ୍ଧାନ ପାଇବା ସହ ଦୁଃଖକୁ ଚିହ୍ନଟ କରି ସେଥିରୁ ମୁକ୍ତି ପାଇବାର ପଥ ପରିଷ୍କାର ହେବ । ଏହି ମୁକ୍ତି ହିଁ ହେଉଛି ନିର୍ବାଣ । ଏହି ନିର୍ବାଣ ପାଇବାକୁ ବୁଦ୍ଧ ଚାରିଗୋଟି ମାର୍ଗ ଦର୍ଶାଇଥିଲେ । ଯଥା- ୧. ସୋତାପତ୍ତିମାଗ୍ଗ, ୨. ସକଦାଗାମି ମାଗ୍ଗ, ୩. ଅନାଗାମି ମାଗ୍ଗ, ୪. ଅର୍ହତ ମାଗ୍ଗ । ଅର୍ଥାତ୍ ଯେଉଁ ବ୍ୟକ୍ତି ବୁଦ୍ଧଙ୍କ ବାଣୀ ଓ ଅନୁଶାସନକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଗ୍ରହଣ କରନ୍ତି; ସେମାନେ ହେଲେ ସୋତାପତ୍ତି ମାଗ୍ଗ । ଯେଉଁମାନେ ସକଦାଗାମି ମାଗ୍ଗର ଅନୁବର୍ତ୍ତୀ ସେମାନଙ୍କୁ ଅତି କମ୍‌ରେ ସାତଥର ଜନ୍ମଗ୍ରହଣ ପରେ ନିର୍ବାଣ ମିଳିଥାଏ । ଅନାଗାମି ମାଗ୍ଗ ଅନୁବର୍ତ୍ତୀ ବ୍ୟକ୍ତିଙ୍କୁ ଆଉ ଏ କାମ, କ୍ରୋଧମୟ ସଂସାରକୁ ଆସିବାକୁ ପଡ଼ିନଥାଏ । ଅର୍ହତମାଗ୍ଗ ହେଉଛି ସର୍ବଶ୍ରେଷ୍ଠ । ସେମାନଙ୍କ ସକଳ କାମନାର ବିନାଶ ଘଟିଥାଏ । ସେମାନେ ଦେହତ୍ୟାଗ ପରେ ନିର୍ବାଣ ଲାଭ କରିଥାନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବାକୁ ବାଧ୍ୟବାଧକତା ନଥିଲା । ଯାହାକୁ ଯେଉଁ ପନ୍ଥା ସୁବିଧା ହେଲା ସେ ନିର୍ବାଣ ନିମନ୍ତେ ସେହି ପନ୍ଥା ଚୟନ କରିପାରୁଥିଲା । ଫଳତଃ ଏହି ଧର୍ମ ବାସ୍ତବବାଦୀ ଦୃଷ୍ଟିକୋଣ ଯୋଗୁଁ ଅଳ୍ପ ସମୟ ଭିତରେ ଜନପ୍ରିୟ ଧର୍ମର ମାନ୍ୟତା ଲାଭ କରିପାରିଥିଲା । ଏହି ଧର୍ମ ବା ବୌଦ୍ଧ ସଂସ୍କୃତିର ଭିତ୍ତି ଥିଲା- ବୁଦ୍ଧ, ଧର୍ମ ଓ ସଂଘ । ଏହାକୁ ତ୍ରିରତ୍ନ ବୋଲି କୁହାଯାଏ । ପ୍ରତ୍ୟେକ ଉପାସକଙ୍କୁ ଏହି ତିନୋଟିର ଶରଣ ନେବାକୁ ହୋଇଥାଏ । ସେମାନେ କହିଥାନ୍ତି- "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।"

ଖୁବ୍ ଲୋକପ୍ରିୟତା ହାସଲ କରିଥିବା ବୌଦ୍ଧଧର୍ମର ଶୃଙ୍ଖଳାରେ ଅବକ୍ଷୟ ବିଶେଷକରି ବୁଦ୍ଧଙ୍କ ମୃତ୍ୟୁ ପରେ ପରିଲକ୍ଷିତ ହୋଇଥିଲା । ସଂଘ ମଧ୍ୟରେ ବିଭାଜନର ସୂତ୍ରପାତ ଘଟିଥିଲା । ଶେଷରେ ବୌଦ୍ଧମାନେ ଥେରବାଦୀ ଓ ମହାସାଙ୍ଘିକ ଭାବେ ଦୁଇଟି ଗୋଷ୍ଠୀ ହୋଇଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧଧର୍ମର ବିଧିବଦ୍ଧ ଭାବେ ହୀନଯାନ ଓ ମହାଯାନ ନାମକ ଦୁଇ ଗୋଷ୍ଠୀ ଗଢ଼ି ଉଠିଥିଲା । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ବିଶ୍ୱ କଲ୍ୟାଣ ହିଁ ଥିଲା ଏହି ବୌଦ୍ଧ ସଂସ୍କୃତିର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖିଥିଲା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
(ମୋ)୮୮୯୫୧୪୧୭୨୭

## ଧାରାବାହିକ ଉପନ୍ୟାସ

# ରାଜନୀତି

ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ୍, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୭
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମୌସୁମୀର ନୀରବତାକୁ ଲକ୍ଷ୍ୟ କରି ଓଁକାରନାଥ କହିଥିଲେ - ତୁମେ ହେଉଛ ତାର ମା' । ମା' ହିଁ ପୁଅର ଭଲମନ୍ଦ ଅଧିକ ବୁଝିପାରେ । ଏହାକୁ ଯଦି ତମେ ସମସ୍ୟା ବୋଲି ଭାବୁଛ ତେବେ ତୁମେ ଚାହିଁଲେ ହିଁ ସବୁ ସମସ୍ୟାର ସମାଧାନ କରିପାରିବ । ଏ କ୍ଷେତ୍ରରେ ନ ରାଗି ବରଂ ତାକୁ ବୁଝାଇ ସୁଝାଇ ଠିକ୍ ବାଟକୁ ଆଣିବାକୁ ଚେଷ୍ଟା କର । ମୋତେ ତା' ଭିତରେ ପୁରାଅନି । ଅଯଥା ପ୍ରସଙ୍ଗରେ ଘାଣ୍ଟି ହେବାକୁ ମୋର ସମୟ ନାହିଁ ।

ରାଗିଗଲା ମୌସୁମୀ ।

ତୁମେ କଣ ଭାବୁଛ ଅଭି କେବଳ ମୋ ପୁଅ, ତା' ପ୍ରତି ତୁମର କୌଣସି କର୍ତ୍ତବ୍ୟ ନାହିଁ ? ଅନ୍ତତଃ ତମେ ତାକୁ ଥରେ ତ ଆକଟ କରିପାରନ୍ତ ! ଆଜିଯାଏ ମୋତେ ତ ତୁମର କରିପାରିଲ ନାହିଁ ଅନ୍ତତଃ ପୁଅଟିକୁ ନିଜର କର ।

କିଛି କ୍ଷଣ ମୌସୁମୀର ମୁହଁକୁ ଚାହିଁଲେ ଓଁକାରନାଥ । ଉଠି ଯାଉଯାଉ କହିଥିଲେ, ତମକୁ ଯାହା ମନେ କରିଥିଲି ତମେ ଠିକ୍ ସେଇଆ ନୁହଁ ସୁମି, ଭାବିଥିଲି ତମେ ମୋର ସବୁଠୁ ବଡ ସହଯୋଗୀ । ବାହାରେ, ଘରେ ଯେତେବେଳେ ଯୋଉ ସମସ୍ୟା ଆସିବ ତମେ ତାକୁ ସମାଧାନ କରି ମୋତେ ଲୋକଙ୍କ ସେବା କରିବାର ସୁଯୋଗ ହେବ । କିନ୍ତୁ...

ମୌସୁମୀ ଉତ୍ତର ଫେରେଇବା ବେଳକୁ କିନ୍ତୁ ସେଠାରେ ନଥିଲେ ଓମ୍ । ମୌସୁମୀର ଇଚ୍ଛା ହେଉଥିଲା ସେ ଚିତ୍କାର କରି କହନ୍ତା, ଲୋକଙ୍କ ସେବା କରିବାକୁ ଆହୁରି ନିରୋଳା ପରିବେଶ ଦରକାର ତମକୁ । ଯୋଉମାନେ ରାଜନୀତି କରୁଛନ୍ତି ସେମାନେ କ'ଣ ତାଙ୍କ ସଂସାରକୁ ଫିଙ୍ଗି ଦେଇଛନ୍ତି ସମୁଦ୍ରକୁ ? ତମେ ବି ଫିଙ୍ଗିଦିଅ । ଏଭଳି ଲୋକଦେଖାଣିଆ ସଂସାର କରିବାରେ ଲାଭ କଣ ?

ନିଜ କ୍ରୋଧକୁ ନିଜେ ଢୋକିନେଲା ମୌସୁମୀ । ଏତେକଥା କହିକି ଲାଭ କଣ । ଓମ୍ ତ ଆଉ ସେଦିନର ଓମ୍ ହୋଇ ନାହାନ୍ତି ! ତାଙ୍କ ପାଖରେ ରାଗ-ରୋଷ, ମାନ-ଅଭିମାନର ମୂଲ୍ୟ ତ କୋଉଦିନୁ ମୂଲ୍ୟହୀନ ହୋଇଗଲାଣି । ଆଜି ଭାଂଗି ପଡିବା ବେଳେ କିଏ ତାକୁ ସାହାରା ଦେବ ! ଆଗରୁ କିଛି ଗୋଟିଏ ଆଲୋଚନା ବେଳେ ତାଙ୍କର ଲୋଡା ପଡୁଥିଲା ମୌସୁମୀ । କିଛି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲାବେଳେ ଖୋଜା ହେଉଥିଲା ମୌସୁମୀ । ଅଥଚ ଏବେ ? କେତେବେଳେ କଣ କରନ୍ତି, କୁଆଡେ ଯାଆନ୍ତି, କୋଉଠୁ କଣ ଆଣନ୍ତି, କାହାକୁ କଣ ଦିଅନ୍ତି କିଛିର ହିସାବ ମୌସୁମୀ ପାଖରେ ନାହିଁ । ନା ଆଲୋଚନା ବେଳେ ନା ପର୍ଯ୍ୟାଲୋଚନା ବେଳେ ।

ଏବେ ମୌସୁମୀ ଦେଖେ ଆଲମାରୀରେ ଥାକଥାକ ଟଙ୍କା । କେତେବେଳେ ସେତକ ଆସେ, ପୁଣି କୁଆଡେ ଯାଏ ତା'ର ପତ୍ତା ପାଏ ନାହିଁ । ବିସ୍ମିତ ହୁଏ । ଓମ୍‌ଙ୍କୁ ପଚାରିଲେ ସବୁବେଳେ ଓମ୍‌ଙ୍କର ସେଇ ଗୋଟିଏ ଉତ୍ତର ପରେ କହିବି ।

ପ୍ରଥମେ ପ୍ରଥମେ ଟଙ୍କା ବିଡାମାନଙ୍କର ଆବିର୍ଭାବ ସମ୍ପର୍କରେ ନଜାଣିଲେ ବି ପରେ ଜାଣୁଥିଲା ଏସବୁ ମନ୍ତ୍ରୀ ବିଜୟାନନ୍ଦଙ୍କ ସୌଜନ୍ୟରୁ ଆସେ । ଏସବୁ ଯେ କଳାଧନ; ଏହା ଯେ ପୁଞ୍ଜିପତି, କଳାବଜାରୀ ଓ ଉଚ୍ଚ ପଦବୀରେ ଚାକିରୀ କରିଥିବା ଅଧିକାରୀଙ୍କ ଠାରୁ ମିଳିଛି ଭଲଭାବେ ଜାଣିପାରେ ମୌସୁମୀ ।

ଓଁକାରନାଥଙ୍କ ଚରିତ୍ରରେ ଯେ ଅଧପତନ ଆସିଛି ଏକଥା ଅଛପା ନଥିଲା ମୌସୁମୀକୁ । ଓମ୍ କିଛି ନକହିଲେ ବି ଏ ବାବଦରେ ତାଙ୍କୁ ଅନେକ ଥର ପଚାରିଛି । ହେଲେ ଓମ୍‌ଙ୍କର ସେହି ଗୋଟିଏ କଥା ଏତେ କଥା ବୁଝି ତୁମର ଲାଭ କଣ । ତମେ ତୁମ କାମ କର । ସବୁଥିରେ ମୁଣ୍ଡ ଖେଳେଇଲେ କଷ୍ଟ ପାଇବ ।

ମୌସୁମୀ ଜାଣେ ତା' ପ୍ରତି ଓମ୍‌ଙ୍କର ପୂର୍ବର ଆନ୍ତରିକତା କି ଭଲ ପାଇବା ଆଉ ନାହିଁ । ପ୍ରଥମ ଘର ସଂସାର ବେଳର ଅନ୍ତରଙ୍ଗତା, କେତେ ଆପଣାର ମୁହୂର୍ତ୍ତ ତାଙ୍କ ସହ ବିତାଇଥିବା ବେଳେ ଓମ୍ ଯେ ତା' ଠାରୁ ଅଲଗା, ସେମିତି କେବେ ଲାଗୁନଥିଲା । ଲାଗୁଥିଲେ ଦୁଇଟି ଶରୀର ଅଲଗା ହେଲେ ବି ହେଲେ ବି ଆତ୍ମା ଗୋଟିଏ । ଅଥଚ ଆଜି ? ପାଖରେ ଥାଇ ମଧ ଆଚରଣ କରୁଛନ୍ତି ପରଲୋକ ପରି ।

ଓମ୍ ମଣିଷ ନା ଯନ୍ତ୍ର ?

ତାଙ୍କର କଣ ହୃଦୟ ନାହିଁ ?

ସିଏ କଣ ବୁଝି ପାରନ୍ତି ନାହିଁ ଆଉ କାହାର ଆବେଗ, ଭଲପାଇବା ?

ସବୁବେଳେ ରାଜନୀତିକୁ, ବାହାର ଲୋକଙ୍କୁ ନେଇ ବ୍ୟସ୍ତ । ସତସତିକା ବ୍ୟସ୍ତ ନା ବ୍ୟସ୍ତତା ଆଳରେ ତା'ଠୁ ଦୂରେଇ ରହିବାର ଇଏ ଗୋଟାଏ ଯୋଜନା ତା' ବୁଝିପାରେନା ମୌସୁମୀ । ତାକୁ ବିଜୟାନନ୍ଦର ନିକଟବର୍ତ୍ତୀ ହେବାକୁ ଛାଡିଦେଇ ନିଜେ ତା'ଠାରୁ ଦୂରେଇ ରହିବା କଥା କେମିତି ଖାପଛଡା ଲାଗେ ମୌସୁମୀକୁ । ଆଲୁଅ ଜଳିଲେ ଯେପରି ପୋକମାନେ ଆଲୁଅକୁ ଘେରି ଯାଆନ୍ତି ସେମିତି ଶହଶହ ଲୋକ ରାତି ପାହିଲା ପାଖରୁ ତାଙ୍କୁ ଘେରି ରହିଥାନ୍ତ । ତାଙ୍କ ସହ କଳି କରିବାକୁ ବି ବେଳ ମିଳେନାହିଁ ମୌସୁମୀକୁ । ଅବଶ୍ୟ ଏଣିକି ତାଙ୍କ ସହ କଳି କରିବାକୁ ଆଉ ସ୍ପୃହା ଆସେନାହିଁ ମୌସୁମୀର । ସେ ଜାଣି ପାରୁନଥିଲା ଯେଉଁ ରାଜନୀତିକୁ ସିଏ ଘୃଣା କରୁଥିଲା ତାରି ଜାଲରେ ନିଜ ପରିବାରକୁ, ନିଜକୁ ଛନ୍ଦିବାକୁ ସେ ଛାଡିଦେଲା କେମିତି ? କେମିତି ତା' ଅନିଚ୍ଛା ସତ୍ତ୍ୱେ ଖସି ଖସି ଚାଲିଛି ତା' ହାତରୁ ତା' ସଂସାରର ଡୋର ?

ସତରେ କଣ ରାଜନୀତିର ମାୟାଜାଲ ମଣିଷକୁ ଏମିତି ମାୟାଚ୍ଛନ୍ନ କରିପାରେ ?

ଓମ୍‌ଙ୍କ ଚାରିକଡରେ ରାଜନୀତିର ବଳୟ ଦିନକୁ ଦିନ ଦୃଢ ହେଉଛି ସିନା କିନ୍ତୁ ସିଏ ଯେ ଯା' ଭିତରେ ସମଗ୍ର ପରିବାର ନିକଟରୁ ଦୂରେଇ ଯାଉଛନ୍ତି, ଏକଥା କାହିଁକି ସିଏ ଜାଣିପାରୁ ନାହାନ୍ତି ? ଓମ୍‌ଙ୍କ ପାଇଁ ଯୋଉ ବ୍ୟୁହ ରଚନା କରିଛନ୍ତି ବିଜୟାନନ୍ଦ ସେଥିରୁ ମୁକୁଳିବା ସହଜ ନୁହେଁ । ସେ ଚକ୍ରବ୍ୟୁହ ବିଜୟାନନ୍ଦଙ୍କର, ପୁଞ୍ଜିପତିମାନଙ୍କର, ବିତ୍ତଶାଳୀ ବ୍ୟକ୍ତିମାନଙ୍କର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର । ଏମାନେ ନିଜ ସ୍ୱାର୍ଥ ହାସଲ ପାଇଁ ଓମ୍‌ଙ୍କ ପଦଲେହନ କରିବାରେ ବ୍ୟସ୍ତ । ଓମ୍‌ର ଗୋଟିଏ ସୁପାରିଶର ମୂଲ୍ୟ ବି ବହୁ ଅଧିକା । ବିଜୟାନନ୍ଦ ମନ୍ତ୍ରୀ ଥାଇକି ବି କୋଉଥିରେ ନଥାନ୍ତି, ସମସ୍ତଙ୍କୁ ପଠେଇ ଦିଅନ୍ତି ଓମ୍‌ଙ୍କ ପାଖକୁ । ସେଇଥିରେ ଓମ୍ ଭାବନ୍ତି ବିଜୟାନନ୍ଦ ତାଙ୍କୁ ଦେଇଛନ୍ତି ରାଜନୀତିର ସାମ୍ରାଜ୍ୟ । ତାଙ୍କୁ ରାଜଚକ୍ରବର୍ତ୍ତୀ କରିବାରେ ବିଜୟାନନ୍ଦଙ୍କ ନିଃସ୍ୱାର୍ଥ ସାହାଯ୍ୟ ଭୁଲିବାର ନୁହେଁ ।

କିନ୍ତୁ ବିଜୟାନନ୍ଦ ନିଃସ୍ୱାର୍ଥ ? ମନେମନେ ହସେ ମୌସୁମୀ । କେମିତି ଓମ୍ ବୁଝି ପାରୁନାହାନ୍ତି ଯେ ଏସବୁ ବିଜୟାନନ୍ଦର ଗୋଟାଏ ବଡ ଚାଲ୍ । ଯେତେବେଳେ ସଙ୍କଟ ସମୟ ଆସିବ ସେତେବେଳେ ସିଏ ସ୍ୱଚ୍ଛ ପ୍ରମାଣିତ ହେବେ । କିନ୍ତୁ ରାଜନୀତି କଳଙ୍କର ପଙ୍କରେ ଘାଣ୍ଟି ହେଲାବେଳେ ଓମ୍ ବୁଡି ବୁଡି ଯିବେ ସିନା କେହି ତାଙ୍କୁ ଉଦ୍ଧାର କରିପାରିବେନି ।

ଯୋଉଦିନ ଓମ୍ କମ୍ ନିଶାରେ ଥା'ନ୍ତି ତାଙ୍କୁ ଆଦର୍ଶର କଥା କୁହେ ମୌସୁମୀ । ଅନ୍ତତଃ ଶୋଇବାବେଳେ ଯେତିକି ସମୟ ମିଳେ ସେତିକିର ସଦୁପଯୋଗ କରିବାକୁ ବି ଭୁଲେନାହିଁ ମୌସୁମୀ ।

କହେ, ଏ ଦେଶର ଭିକାରୀ ଠାରୁ ରାଜା ପର୍ଯ୍ୟନ୍ତ ସମସ୍ତେ ଅର୍ଥ ରୋଜଗାର କରୁଛନ୍ତି । ଅର୍ଥକୁ ନେଇ ଜଣେ ଏତେମାତ୍ରାରେ ବ୍ୟାଧିଗ୍ରସ୍ତ ହୋଇ ସମସ୍ତଙ୍କୁ ଭୁଲିଯିବା ଠିକ୍ ନୁହଁ ।

କହେ - କାହାପାଇଁ ତୁମେ ରୋଜଗାର କରୁଛ ?

ପ୍ରତି ଉତ୍ତରରେ ଓମ୍ କହନ୍ତି - ଆମପାଇଁ ?

ମୌସୁମୀ କହେ - କେବେ ଥରେ ପଚାରିଛ ଆମର ଏତେ ପରିମାଣର ଅର୍ଥ ଦରକାର କି ନାହିଁ ? କେବେ ବୁଝିଛ ଆମ ପାଇଁ ରୋଜଗାର କରୁଥିବା ଅର୍ଥ ପରିବାର ପାଇଁ କେତେ ଆବଶ୍ୟକ ? କିଏ କହୁଛି ଏମିତି ଉପାୟରେ ରୋଜଗାର କରିବାକୁ ?

ତା' ମାନେ ତମେ କହୁଛ ଏସବୁ ମୁଁ ମୋ ପାଇଁ କରୁଛି ?

ନୁହେଁ ତ ଆଉ କଣ । ଆମ ପରିବାର ପାଇଁ କେତେବେଳେ ଅଧିକା ଅର୍ଥ ପାଇଁ ଆମେ କେହି ତମ ପାଖରୁ ଦାବି କରିଛୁ ? ଏଭଳି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରିବା ପାଇଁ ଥରୁଟିଏ ବାଧ କରିଛୁ ? ଏସବୁ ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରିବା ପାପ ନୁହେଁତ ଆଉ କ'ଣ ?

ତମେ ତ ମୋତେ ଦସ୍ୟୁ ରତ୍ନାକର ସଜେଇ ଦଉଛ ସୁମୀ । ମୁଁ ଯାହା କରୁଛି ତମ ପାଇଁ, ଅଭି ପାଇଁ, ମୋ ପରିବାର ପାଇଁ । ଆଉ ତମେ କହୁଛ କଣ ନା ପାପଧନ ? ଧନ୍ୟ ! ମୁଁ ମୂର୍ଖ । ଯୋଉମାନଙ୍କ ପାଇଁ କରିବି ସେଇମାନେ ମୋତେ ପାପୀ କହି ପାପ ଭୋଗିବାକୁ ଏକେଲା ଛାଡିଦେବେ । ବିଚିତ୍ର ଏ ସଂସାର ।

ଏ ହାତ ପାପ ସେ ହାତ ନେଇନି ଓମ୍ । ଆମେ ଆଉ କି ଭାଗ ନେଇପାରିବୁ ? ତମେ ଜାଣିନ, ତମେ ଯେମିତିକା କର୍ମ କରିବ, ଆମେମାନେ ସେମିତିକା ଫଳ ଭୋଗ କରିବୁ । କଥାରେ ନାହିଁ, ଯେମିତି ଅନ୍ନ, ସେମିତି ମନ । ପବିତ୍ର ମନଟିଏ ପାଇଁ ପବିତ୍ର ଅନ୍ନର ଆବଶ୍ୟକତା ଅଛି ଓମ୍ । କେବେ ବୁଝିବ ଏ କଥା ?

ମୋତେ ଆଉ ନୀତି ନିୟମ ଶିଖାଅନି ସୁମୀ, ମୁଁ ବହୁତ ଜୀବନ ଦେଖିଲିଣି । ଧନ ନାହିଁ ତ ମନକୁ କିଏ ପଚାରେ ? ଏସବୁ ଫମ୍ପା ଦର୍ଶନ । କହିବାକୁ ଶୁଣିବାକୁ ଭଲଲାଗେ । କିନ୍ତୁ କାମରେ ଲଗେଇଲା ବେଳକୁ ଓଲଟା । ଏ ଦୁନିଆରେ ଯାହା ପାଖରେ ଅର୍ଥ ନଥାଏ କ୍ଷମତା ତା ପାଖକୁ ଆସେନାହିଁ । ଅର୍ଥ ହିଁ ଏହି ମଣିଷକୁ କ୍ଷମତା ପ୍ରତିପତ୍ତି ଆଉ ସମ୍ମାନ ସବୁକିଛି ଆଣି ଦେଇଥାଏ ।

ଚୁପ୍ ହୋଇଯାଏ ମୌସୁମୀ । ସେ ବୁଝେ ଯେ ଓମ୍ ଏମିତି ନିଶାଗ୍ରସ୍ତ ଯେ ତାଙ୍କୁ ଠିକ୍ ମାର୍ଗ ଆଉ ଦିଶିବନାହିଁ । ଜୀବନ ଦର୍ଶନ ହେଉ କି ଜୀବନ ତତ୍ତ୍ୱ, ସବୁକିଛି ମୂଲ୍ୟହୀନ ତାଙ୍କ ପାଖରେ । ତଥାପି ମନ ବୁଝେନାହିଁ ମୌସୁମୀର ।

କହେ, ଜୀବନ ପାଇଁ ଟଙ୍କା ସବୁକିଛି ନୁହଁ ଓମ୍ । ଜୀବନକୁ ଟିକେ ଭିନ୍ନ ଦୃଷ୍ଟିରେ ଦେଖିବାକୁ ଚେଷ୍ଟାକର । ଦେଖିବ ଏସବୁ କେତେ ମୂଲ୍ୟହୀନ ଲାଗିବ । କେତେ ସୁନ୍ଦର ଆଉ ସରଳ ହୋଇଯିବ ଜୀବନଯାତ୍ରା । ଦିନେ ତୁମେ ତ ସରଳତାକୁ ପୁଞ୍ଜି କରି ଆରମ୍ଭ କରିଥିଲ ଜୀବନଯାତ୍ରା ! ଅଥଚ ଆଜି ? କେଇଦିନ ଭିତରେ ବଦଳି ଗଲା ତୁମ ଦର୍ଶନ ? ମଣିଷ ଆଗକୁ ପାଦ ବଢେଇଲାବେଳେ ଯଦି ତାର ଅତୀତକୁ ଭୁଲିଯାଏ, ଭୁଲିଯାଏ ଯଦି ନିଜ ସହ ନିଜେ କରିଥିବା ଚୁକ୍ତିକୁ, ସେ କେବେ ମହାନ୍ ହୋଇପାରେନା ।

ଓମ୍ ବିରକ୍ତ ହୁଏ । କହେ, ସବୁବେଳେ ତମ ସଂଳାପ ଭଳି କଥା ଭଲଲାଗେ ନାହିଁ ସୁମୀ, ସ୍କୁଲ ମାଷ୍ଟ୍ରାଣୀଙ୍କ ଭଳି ଉପଦେଶ ଦେବା ଛାଡ । ଅସାଧାରଣ ନୁହେଁ ସାଧାରଣ ମଣିଷ ପରି କଥା କୁହ । ତମ ଭାଷଣ ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ ।

ଶୁଣିବାକୁ ଇଚ୍ଛା ନଥିଲେ ସବୁକଥା ଏମିତି ଭାଷଣ ପରି ଲାଗେ ଓମ୍ । ହେଲେ ରାସ୍ତା ଭୁଲିଯାଉଥିବା ଓମ୍‌ଙ୍କ ପାଇଁ ମୋ ପାଖରେ ରାସ୍ତା ଦେଖେଇବା ବ୍ୟତୀତ ଅଲଗା ରାସ୍ତା ନାହିଁ । ତମେ ଯେତେ ଅଭିଜ୍ଞ ରାଜନୈତିକ ଦୃଷ୍ଟିଭଙ୍ଗୀର ମଣିଷ ହେଇଥାଅନା କାହିଁକି, କିନ୍ତୁ ତମ ନୀତି ଯେ ତମକୁ ଆଦର୍ଶଚ୍ୟୁତ କରୁଛି, ଏଥିରେ ସନ୍ଦେହ ନାହିଁ । ଆଜି ତମେ ବୁଝି ପାରୁନ, କିନ୍ତୁ ବୁଝିବା ବେଳକୁ ହାତରୁ ସବୁକିଛି ଖସି ଯାଇଥିବ, ଏହା ସତ୍ୟ । ମଣିଷ ନିଜର ସାମର୍ଥ୍ୟ ଶକ୍ତିକୁ ବୁଝି ପାରିଲେ ଶାନ୍ତିରେ ରହେ ।

କଥା ସରିବା ବେଳକୁ ଓଦା ହୋଇ ଆସିଥାଏ ମୌସୁମୀର କଣ୍ଠସ୍ୱର । କିନ୍ତୁ ନିଦ୍ରା ଘରି ସାରିଥାଏ ଓମ୍‌ଙ୍କୁ । ଓମ୍ ଶୋଇ ସାରିଥାନ୍ତି ପରମ ନିଶ୍ଚିନ୍ତରେ । ନିଶା ଅଧିକାର କରିସାରିଥାଏ ତାଙ୍କର ସମଗ୍ର ସତ୍ତା । (କ୍ରମଶଃ)

## ଅନୁବାଦ ଗଳ୍ପ

# କଇଁଚି

ମୂଳହିନ୍ଦୀ- ସୀମା ବ୍ୟାସ



ଅନୁସୃଜନ-
ବିନୟ କୁମାର ଦାସ

ସେନସର ବୋର୍ଡର ସଦସ୍ୟଗଣ ଧ୍ୟାନର ସହିତ ଫିଲ୍ମଟିକୁ ଦେଖୁଥିଲେ । ପ୍ରତିଟି ଡାଇଲଗ୍ ଆଉ ସିନ୍‌କୁ ସେମାନେ ଗୁରୁତ୍ୱ ଦେବା ସହିତ ଆପତିଜନକ ଦୃଶ୍ୟକୁ ପୁର୍ନବାର ଆଉ ଥରେ ପ୍ରଦର୍ଶିତ କରାଯାଉଥିଲା । ସେମିତି କିଛି ଡାଇଲଗ୍ କିମ୍ବା ଦୃଶ୍ୟ ସେମାନଙ୍କ ନଜରକୁ ଆସିଲେ, ସେହି ଦୃଶ୍ୟକୁ ଫିଲ୍ମରୁ ବାଦ୍ ଦେବାର କ୍ଷମତା ସେମାନଙ୍କ ପାଖରେ ରହିଥିଲା । ତେଣୁ ଯଥାଯଥ ପରୀକ୍ଷା ନିରୀକ୍ଷା ଆଉ ଆଲୋଚନା ପରେ କିଛି ବିଶେଷ ସିନ୍‌କୁ ଓକେ କରାଯାଉଥାଏ । ତେବେ ଗୋଟିଏ ଦୃଶ୍ୟରେ ଜଣେ ବରିଷ୍ଠ ସଦସ୍ୟ ଅବଜେକ୍ସନ ଆଣିଲେ ।

"ଏ ଡାଇଲଗ୍ ଚଳିବ ନାହିଁ । ଏତେ ଅଶ୍ଳୀଳ ଶବ୍ଦରେ ଗାଳିକୁ ଆମର ସମର୍ଥନ କରିବା ଉଚିତ ହେବନି । ଏକ ଶିକ୍ଷିତ ପରିବାରରେ ଝିଅବୋହୂଙ୍କ ସାମ୍ନାରେ ଏତେ ବାଜେ ରକମର ଗାଳି ? ପୂରା ଥାର୍ଡ କ୍ଲାସ ଗାଳି । ଛି ଛି...ସ୍କ୍ରିପ୍ଟ ରାଇଟରର ଏତେ ଟିକେ ବି ଅକଲ ନାହିଁ ? ଏମିତି ଭାଷା ପ୍ରୟୋଗ ସେ କରିପାରିଲେ କେମିତି ? ଏଇଠି ଆମ କଇଁଚି କାମ କରୁ । ଏ ଦୃଶ୍ୟକୁ ଫିଲ୍ମରୁ ବାଦ୍ ଦିଆଯାଉ ।"

"କିନ୍ତୁ ଏଥିରେ ଅଶ୍ଳୀଳତା ରହିଲା କୋଉଠି ?" କହିଲେ ଜଣେ ନବାଗତ ସଦସ୍ୟ ।

"ଆପଣ ଏମିତି କେମିତି କହି ପାରୁଛନ୍ତି ଏ ବୋର୍ଡର ସଦସ୍ୟ ହୋଇ ? ଏ ଡାଇଲଗ୍‌କୁ ଦର୍ଶକ ଗ୍ରହଣ କରିବେ ନାହିଁ ...ଏହି ଦୃଶ୍ୟ ସହିତ ଫିଲ୍ମଟି ରିଲିଜ୍ ହେଲେ ବିକ୍ଷୋଭ ହୋଇପାରେ । ସେମାନେ ଆମକୁ ହିଁ ଦୋଷ ଦେବେ । ସେତେବେଳେ କିଏ ପଡିବ ଆମ ପିଠିରେ ?" ସେହି ବରିଷ୍ଠ ସଦସ୍ୟ ଜଣକ କହିଲେ ।

"ମୋ ମତରେ କେହି ଏହାକୁ ବିରୋଧ କରିବେ ନାହିଁ । ଏବେ ତ ଏଇମିତି ଶବ୍ଦ ସବୁ ପ୍ରତି କଥାରେ ସମାଜରେ ଚାଲୁଛି । ସେଥିରେ ଆମେ ସବୁ ବି ଅଭ୍ୟସ୍ତ ହୋଇଗଲୁଣି । ଏମିତି କି ଆମେ ଚା ଖଟିରେ ବି ଏମିତି ଶବ୍ଦକୁ ବ୍ୟବହାର କରୁଛୁ । ଏ ଶବ୍ଦ ସେମିତି କିଛି ଆପତିଜନକ ଶବ୍ଦ ନୁହେଁ ଯାହାକୁ ଏ ଦୃଶ୍ୟରୁ ବାଦ୍ ଦିଆଯାଇପାରେ । ବରଂ ମୁଁ ତ କହିବି, ଏମିତି ଶବ୍ଦର ଗାଳି ଏ ଦୃଶ୍ୟକୁ ଜୀବନ୍ତ କରି ପାରୁଛି ।"

"କଣ ଏମିତି ବାଜେ ଧରଣର ମନ୍ତବ୍ୟ ଦେଉଛନ୍ତି ଆପଣ ? ଗୋଟିଏ ସଭ୍ୟ ପରିବାରରେ ଏମିତି ଶବ୍ଦ ପ୍ରୟୋଗ କରି ଜଣେ ଆଉଜଣକୁ ଗାଳି ଦେଇ ପାରେ ? ଟିକେ ସୁସ୍ଥ ମସ୍ତିଷ୍କରେ ଆଉ ଥରେ ଚିନ୍ତା କରନ୍ତୁ ଆପଣ? ଆମ ହାତରେ କଇଁଚି ରହିଛି । ସେ କଇଁଚି ଏମିତି ସବୁ ଦୃଶ୍ୟ ବେଳେ କାମ କରିବା ଉଚିତ ।"

"ମୁଁ କିଛି ଭୁଲ କହି ନାହିଁ । ସମାଜ ଆଉ ଯୁଗ ସହିତ ତାଳ ଦେଇ ଆମକୁ ଚାଲିବାକୁ ପଡିବ । ଦର୍ଶକଙ୍କ ରୁଚି ବଦଳି ଚାଲିଛି । ସେମାନଙ୍କ ଭାବାବେଗକୁ ଆମର ସମ୍ମାନ ଦେବା ଉଚିତ । ସେ ପୁରୁଣାକାଳିଆ ଚିନ୍ତାଧାରାକୁ ବଦଳିବାକୁ ପଡିବ ଏବେ ।"

"ହଁ, ସବୁ ବଦଳି ପାରେ, କିନ୍ତୁ ଶ୍ଳୀଳ ଅଶ୍ଳୀଳର ପରିଭାଷା ବଦଳିବ କେମିତି ? ତେବେ ଠିକ୍ ଅଛି, ଆପଣମାନେ ଏଥିରେ ସମ୍ମତି ପ୍ରକାଶ କରି ପାରନ୍ତି, କିନ୍ତୁ ମୁଁ ଏହାକୁ ବରଦାସ୍ତ କରି ପାରୁନାହିଁ । ତେଣୁ ମୁଁ ଏହି ଦୃଶ୍ୟର ସପକ୍ଷରେ ନୁହେଁ । ଏତକ ବିବରଣୀରେ ବି ଉଲ୍ଲେଖ କରାଯାଉ ।"

ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ ଏହି ବିଷୟରେ ବେଶ୍ ଗରମାଗରମ ଆଲୋଚନା ଚାଲିଲା । ବିରତି ପରେ କଇଁଚି ତା କାମ କଲା, ସେ ଦୃଶ୍ୟ ପାଖରେ ନୁହେଁ, ଜଣେ ବରିଷ୍ଠ ସଦସ୍ୟଙ୍କ ନାମ ପାଖରେ ।



ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଜାନୁଆରୀ, ୨୦୨୨
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ସ୍ମରଣୀୟେଷୁ...

# ଭକ୍ତକବି ବଳରାମ ଦାସ



ପୁରୀ ବେଳାଭୂମିର ଦୃଶ୍ୟ ଅପୂର୍ବ । ଯାହାକୁ ଦେଖିବାପାଇଁ କାହିଁ କେତେ ଦୂରରୁ ଧାଇଁ ଆସନ୍ତି ପର୍ଯ୍ୟଟକମାନେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ସେମାନେ ଭରପୁର ଆନନ୍ଦ ଉଠାଇଥାନ୍ତି ଏହି ବେଳାଭୂମିର । ନୀଳ ସାଗର, ତରଙ୍ଗମାଳା ଓ ସମୁଦ୍ରର ଗର୍ଜନ ମନ ମୋହିନିଏ । ଏବେ ବେଳାଭୂମିରଅନ୍ୟ ଏକ ଆକର୍ଷଣ ପାଲଟିଛି ବାଲୁକା କଳା । ଶିଳ୍ପୀମାନଙ୍କ ହାତର କାଉଁରୀ ସ୍ପର୍ଶରେ ବାଲି ସତେ ଯେମିତି ଏଠି ଜୀବନ ପାଏ, ଗୀତ ଗାଏ ଆଉ କଥା କହେ । ସେହି କଥା ଭିତରେ ମନେପଡେ ପନ୍ଦରଶ ଶତାବ୍ଦୀର ଏକ ଭାବ ଭକ୍ତିର କଥା, ଯେଉଁ କଥା 'ଭାବ ସମୁଦ୍ର' ନାମକ ଏକ ପ୍ରାଚୀନ ଗ୍ରନ୍ଥରେ ବର୍ଣ୍ଣିତ । ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ଚାଲିଥାଏ । ବଡଦାଣ୍ଡରେ ଭକ୍ତଙ୍କ ଗହଳି । ରଥଟଣା ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ । ଏତିକିବେଳେ ଜଣେ ବୈଷ୍ଣବ ନନ୍ଦିଘୋଷ ରଥ ଉପରକୁ ଚଢିଗଲେ । ତାଙ୍କର ଅସଜଡା ବେଷଭୂଷା ଦେଖି ରଥ ଉପରେ ଥିବା ସେବକମାନେ ଗାଳିମନ୍ଦ କରିବା ଆରମ୍ଭ କରିଦେଲେ । ବିଚରା ନୀରିହ ବୈଷ୍ଣବ ଅନ୍ୟୋନପାୟ ହୋଇ ରଥରୁ ଓହ୍ଲାଇଲେ । ମହାପ୍ରଭୁଙ୍କୁ ପ୍ରଣାମ କରି ଦୁଃଖ ଓ ଅଭିମାନରେ ସମୁଦ୍ର ଅଭିମୁଖେ ଚାଲିଗଲେ ।

ବିସ୍ତୀର୍ଣ୍ଣ ବେଳାଭୂମି । ନୀଳ ସାଗରର ଉତ୍ତାଳ ତରଙ୍ଗ । ସେଇଠି ବୈଷ୍ଣବ ଜଣକ ବାଲିରେ ତିନିଗୋଟି ରଥ ଗଢିଲେ ଓ ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାଲିମୂର୍ତ୍ତୀଙ୍କୁ ବସାଇ ଭକ୍ତିର ସହ ଆରାଧନା କଲେ । ମହାପ୍ରଭୁ ଭକ୍ତର ଭାବରେ ବନ୍ଧା । ଭକ୍ତ କୁ ଅପମାନ ଅର୍ଥ ତାଙ୍କୁ ମଧ୍ୟ ଅପମାନ । ବୈଷ୍ଣବଙ୍କ ଭାବାବେଗ ମହାପ୍ରଭୁଙ୍କ ହୃଦୟକୁ ଛୁଇଁଗଲା ଯେମିତି । ତେଣୁ ଚତୁର୍ଦ୍ଧାମୂର୍ତ୍ତି କାଠ ରଥ ଛାଡି ବାଲିରଥରେ ବିଜେ ହୋଇଗଲେ ।

ତେଣେ ବଡଦାଣ୍ଡରେ ସୁସଜ୍ଜିତ ରଥ ତ୍ରୟ ଆଉ ଇଞ୍ଚେ ମଧ୍ୟ ଆଗକୁ ଘୁଞ୍ଚିଲା ନାହିଁ । ବଡଦାଣ୍ଡରେ ଚହଳ ପଡିଗଲା । ପଣ୍ଡା ପଢିଆରୀ ସେବକ ସମସ୍ତେ ବ୍ୟସ୍ତ ହୋଇପଡିଲେ । କଥାଗଲା ଗଜପତିଙ୍କ କାନକୁ । କେହିଜଣେ କହିପକାଇଲା ଜଣେ ବୈଷ୍ଣବଙ୍କୁ ରଥ ଉପରେ ଦୁର୍ବ୍ୟବହାର କରାଯିବା ଯୋଗୁ ଏ ଅଘଟଣ ଘଟିନିତ ! ବୈଷ୍ଣବଙ୍କୁ ଖୋଜିବା ପାଇଁ ରାଜ କର୍ମଚାରୀମାନଙ୍କୁ ଚତୁର୍ଦ୍ଦିଗକୁ ପଠାଗଲା । ବେଳାଭୂମିରେ ବାଲିଳଥ ସମ୍ମୁଖରେ ପାଗଳ ପ୍ରାୟ ଉଦଣ୍ଡ ନୃତ୍ୟ ରତ ବୈଷ୍ଣବ ।

ଖବର ପାଇ ଠାକୁର ରାଜା ବେଳାଭୂମିରେ ପହଂଚିଲେ । ବୈଷ୍ଣବଙ୍କୁ କ୍ଷମା ପ୍ରାର୍ଥନା କରି ସିହଂଦ୍ୱାର ନିକଟକୁ ପାଛୋଟି ଆଣିଲେ । ବୈଷ୍ଣବ ରଥରେ ମହାପ୍ରଭୁଙ୍କ ଶରଣ ଯାଆନ୍ତେ ରଥ ଗଡିଲା । ହରିବୋଲ ଜୟ ଜଗନ୍ନାଥ ଧ୍ୱନୀରେ ମୂଖରିତ ହେଲା ଗଗନ ପବନ । ମହାପ୍ରଭୁ ପୁଣି ପ୍ରମାଣ କରିଦେଲେ ସେ ଯୋଗ କି ଯୋଗୀଙ୍କ ନିକଟରେ ନୁହେଁ ଅଛନ୍ତି ଭକ୍ତଙ୍କ ହୃଦୟରେ ।

ସେହି ଲୋକକଥା ବା କୀମ୍ବଦନ୍ତୀରୁ ମନେ ହୁଏ ଆମ ବାଲୁକା କଳାର ଇତିହାସ ଛଅଶହ ବର୍ଷର ପୁରୁଣା, ଆଉ ସେଦିନର ସେହି ବୈଷ୍ଣବ ହେଉଛନ୍ତି ଜଗନ୍ନାଥଙ୍କ ପରମ ଭକ୍ତ, ଅନନ୍ୟ ସାରସ୍ୱତ ସାଧକ ଓ ଭକ୍ତି ଯୁଗୀୟ ପଞ୍ଚସଖାଙ୍କ ମଧ୍ୟରେ ସର୍ବଜ୍ୟେଷ୍ଠ ବଳରାମ ଦାସ ।

ଦାଣ୍ଡି ବା ଜଗମୋହନ ରାମାୟଣ ଓ ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କର ସବୁଠାରୁ ଲୋକପ୍ରିୟ ସାହିତ୍ୟ କୃତି । ଏ ଟେଲିଭିଜନ ଓ ସୋସିଆଲ ମିଡିଆ ଯୁଗରେ ମଧ୍ୟ ଗାଁ ମାନଙ୍କରେ ସେହି ରାମାୟଣ ପାଠ ଦେଖିବାକୁ ମିଳେ । ଯାହାକୁ ଶୁଣିବା ନିମନ୍ତେ ଶ୍ରୋତାମାନେ ଆଗ୍ରହର ସହ ସମବେତ ହୋଇଥାନ୍ତି । ଆଉ ଲକ୍ଷ୍ମୀ ପୁରାଣ କଥା କହିଲେ ତ ସରିବନି । ତାହା ବହୁଳ ବିକ୍ରି ହେଉଥିବା ପୁରାଣ ବହିମାନଙ୍କ ମଧ୍ୟରୁ ଅନ୍ୟତମ । ରାଜ୍ୟର ଅଧିକାଂଶ ଦୃଶ୍ୟ ଶ୍ରାବ୍ୟ ପ୍ରତିଷ୍ଠାନ ନାମିଦାମୀ କଣ୍ଠଶିଳ୍ପୀଙ୍କ କଣ୍ଠରେ ସେହି ପୁରାଣକୁ ରେକର୍ଡ କରିବା ସହିତ ସୁନାମଧନ୍ୟ କଳାକାର ମାନଙ୍କୁ ନେଇ ଚିତ୍ରାୟିତ କରିଛନ୍ତି । ମାର୍ଗଶିର ମାସ ଆସିଲେ ପ୍ରତି ଗୁରୁବାର ଦିନ ସେସବୁ ପ୍ରାୟ ସମସ୍ତ ଓଡ଼ିଆ ଟେଲିଭିଜନ ଚାନେଲ୍‌ମାନଙ୍କରେ ପ୍ରସାରିତ ହୋଇଥାଏ ଓ ସୋସିଆଲ ମିଡିଆରେ ଛାଇ ହୋଇଯାଇଥାଏ । ମାର୍ଗଶିର ଗୁରୁବାର ପ୍ରଭାତରେ ପ୍ରତି ଓଡ଼ିଆ ଘର ମୂଖରିତ ହୋଇଥାଏ ଲକ୍ଷ୍ମୀ ପୁରାଣରେ । ଘରର ଝିଅ ବୋହୂ ତାହା ପଠନ କରୁଥାନ୍ତି ଅବା ପୁରାଣର ସିଡି ବା କ୍ୟାସେଟ୍ ବାଜୁଥାଏ । ତାହା ବଳରାମ ଦାସଙ୍କ ବହୁ ଜନାଦୃତ ସାହିତ୍ୟ କୃତିର ଅନନ୍ୟ ଦୃଷ୍ଟାନ୍ତ ।

ବଳରାମ ଦାସ ଥିଲେ ପଞ୍ଚସଖା ଯୁଗର ଜଣେ ଶ୍ରେଷ୍ଠ ସାଧକ, ଭକ୍ତ କବି ଓ ଜଗନ୍ନାଥ ଭକ୍ତ। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ ଅର୍ପଣ ସମୟରେ ସେ ଖୁବ୍ ଭାବବିହ୍ୱଳ ହୋଇଉଠୁଥିଲେ । ସେତେବେଳେ ସେ ନିଜର ସ୍ଥିତିକୁ ମଧ୍ୟ ଭୁଲି ଯାଉଥିଲେ । ତେଣୁ ଲୋକେ ତାଙ୍କୁ ମତ୍ତ ବଳରାମ ବୋଲି କହୁଥିଲେ । ବଳରାମ ଦାସଙ୍କ ଜନ୍ମ ସମୟ ସମ୍ପର୍କରେ ଭିନ୍ନ ଭିନ୍ନ ମତ ଥିଲେ ମଧ୍ୟ ୧୪୭୨ ମସିହାକୁ ତାଙ୍କର ଜନ୍ମ ବର୍ଷ ବୋଲି ଧରାଯାଏ । ବଳରାମଙ୍କ ପିତା ସୋମନାଥ ମହାପାତ୍ର ଓ ମାତା ମହାମାୟା ଦେବୀ । ସୋମନାଥ ଗଜପତି ପ୍ରତାପରୁଦ୍ର ଦେବଙ୍କର ମନ୍ତ୍ରୀ ପରିଷଦରେ ସ୍ଥାନିତ ହୋଇଥିଲେ। ତେଣୁ ଶ୍ରୀକ୍ଷେତ୍ରକୁ ଅନେକେ ବଳରାମଙ୍କ ଜନ୍ମ ସ୍ଥାନ କହୁଥିବାବେଳେ ସେ ଯାଜପୁରରେ ଜନ୍ମ ହୋଇଥିବା କଥା ଆଉ କିଛି ଗବେଷକ ମତ ଦେଇଥାନ୍ତି । ତାଙ୍କର ଜନ୍ମ ସ୍ଥାନ ଯେଉଁଠି ହେଉଥାଉ ପଛେ କର୍ମ ଭୂମି ଓ ସାଧନାର ସ୍ଥଳ ଥିଲା ନୀଳାଚଳ ଧାମ । ବଳରାମ ଦାସ ଥିଲେ ଶ୍ରୀଚୈତନ୍ୟଙ୍କ ସମସାମୟିକ । ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ରହଣୀ କାଳରେ ବଳରାମ ତାଙ୍କ ସଂସ୍ପର୍ଶରେ ଆସିଥିଲେ ଓ ନିଜେ ଜଣେ ବୈଷ୍ଣବ ପାଲଟି ଯାଇଥିଲେ । ବଳରାମ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସରା ସଂସାରକୁ ଦେଖୁଥିଲେ ଓ ଅନଭବ କରୁଥିଲେ ରାମ କୃଷ୍ଣଙ୍କ ପରି ବିଷ୍ଣୁଙ୍କ ଅବତାର ମାନଙ୍କୁ ।

ବାଲ୍ୟକାଳରୁ ବଳରାମଙ୍କର ଜ୍ଞାନ ଆହରଣ ପାଇଁ ଥିଲା ଖୁବ୍ ଆଗ୍ରହ । ସେ ସଂସ୍କୃତ ସାହିତ୍ୟରେ ଥିଲେ ବେଶ୍ ପ୍ରବୀଣ । ବେଦ ବେଦାନ୍ତ, ଗୀତା ଓ ବିଭିନ୍ନ ପୁରାଣ ସାସ୍ତ୍ର ଉପରେ ଥିଲା ତାଙ୍କର ଗଭୀର ଜ୍ଞାନ । ଏହା ତାଙ୍କ ସାରସ୍ୱତ ସାଧନା ପଥକୁ ଋଦ୍ଧିମନ୍ତ କରିଥିଲା । ବଳରାମ ଲେଖିଛନ୍ତି ଅନେକ ପୁରାଣ, ଜଣାଣ ଓ ଭକ୍ତି ଗୀତ । ସେଥି ମଧ୍ୟରେ ଅମରକୋଷ ଗୀତା, କମଳଲୋଚନ ଚଉତିଶା, କାନ୍ତ କୋଇଲି, ଗଣେଶ ବିଭୂତି ଟୀକା, ଦୀପ୍ତିସାର ଗୀତା, ପଣସ ଚୋରୀ, ବଟ ଅବକାଶ, ବଉଳା ଅଧ୍ୟାୟ, ବିରାଟଗୀତା, ବେଢ଼ା ପରିକ୍ରମା, ବେଦାନ୍ତସାର ଗୁପ୍ତଗୀତା, ବ୍ରହ୍ମଜ୍ଞାନ ଏକାକ୍ଷର, ବ୍ରହ୍ମାଣ୍ଡ ଭୂଗୋଳ, ଭାବ ସମୁଦ୍ର, ମନୁ ଗୀତା, ମୃଗୁଣୀସ୍ତୁତି, ଶ୍ରୀରୋଢ଼ା, ଜ୍ଞାନ ଉଜ୍ଜ୍ୱଳମଣି ଗୀତା, ଜ୍ଞାନ ଚୁଡାମଣି ଆଦି ଅନ୍ୟତମ ।

ବଳରାମଙ୍କ ରଚନା ଗୁଡିକ ଯେମିତି ଭାବଭକ୍ତି ପୂର୍ଣ୍ଣ ସେମିତି ସରଳ । ତାଙ୍କରଚିତ ରାମାୟଣର ମୌଳିକତା ଓ ସରଳ ଶବ୍ଦ ସାଧାରଣ ପାଠକ ଓ ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁଥାଏ । ବଳରାମଙ୍କୁ ଜଣେ ସମାଜ ସଂସ୍କାରକ କହିଲେ ଅତ୍ୟୁକ୍ତି ହେବନାହିଁ । ସେ କହୁଥିଲେ ମହାପ୍ରଭୁଙ୍କୁ ପୂଜା କରିବାର ଅଧିକାର କେବଳ ବ୍ରାହ୍ମଣମାନଙ୍କର ନୁହେଁ । ସେ ସମସ୍ତଙ୍କ ଠାକୁର । ସମସ୍ତେ ତାଙ୍କୁ ପୂଜା କରିବାର ଅଧିକାର ରହିଛି । ସେଥିପାଇଁ ସେ ଅନେକ ସମୟରେ ଉଚ୍ଚ ବର୍ଗଙ୍କ ଚକ୍ଷୁଶୀଳ ମଧ୍ୟ ହୋଇଛନ୍ତି ।

ନାରୀ ସ୍ୱାଧୀନତାର ସେଥିଲେ ଜଣେ ଅନ୍ୟତମ ପ୍ରବକ୍ତା । ଯାହା ପ୍ରତିଫଳିତ ହୋଇଛି ତାଙ୍କ ରଚିତ ଲକ୍ଷ୍ମୀ ପୁରାଣରେ । ଜଣେ ଶୁଦ୍ର ଓଡ଼ିଆଣୀଙ୍କ ଭକ୍ତିରେ ବିଭୋର ହୋଇ ମାଆ ଲକ୍ଷ୍ମୀ ଯେତେବେଳେ ଶ୍ରୀମନ୍ଦିରରୁ ବାହାରି ତା ଭଙ୍ଗା କୁଡିଆରେ ପାଦ ଦେଇଛନ୍ତି, ତାହା ଲୋକଙ୍କ ଆଖିରେ ଯାଇନାହିଁ । ସେଥିପାଇଁ ମାଆଙ୍କୁ ମନ୍ଦିର ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମାଆ ମନ୍ଦିର ଛାଡିଛନ୍ତି ଓ ସମୁଦ୍ର କୂଳରେ ଅବସ୍ଥାନ କରିଛନ୍ତି । ଫଳରେ ଶ୍ରୀମନ୍ଦିରର ଶିରି ତୁଟିଯାଇଛି । ଲକ୍ଷ୍ମୀଛଡା ହୋଇ ମହାପ୍ରଭୁ ଭାଇ ବଳଭଦ୍ରଙ୍କ ସହ ବାରଦ୍ୱାର ଭୋକ ଉପାସରେ ବୁଲିଛନ୍ତି ଓ ଲାଞ୍ଛିତ ହୋଇଛନ୍ତି । ଶେଷରେ ଦୁଇ ଭାଇ ଅନୁଭବ କରିଛନ୍ତି ଘରର ବୋହୂଙ୍କୁ ଦୁଃଖ ଦେବାର ପରିଣାମ କେତେ ଭୟଙ୍କର ହୋଇପାରେ । ସେମାନେ ଅନୁତାପ କରିଛନ୍ତି, ମାଆଙ୍କୁ ଶ୍ରୀମନ୍ଦିରକୁ ଫେରାଇ ଆଣିଛନ୍ତି ଓ କଥା ଦେଇଛନ୍ତି ବଡ ଦେଉଳରେ ଭେଦଭାବ ରହିବନାହିଁ କି ମାଆଙ୍କୁ ନିଜ ଭକ୍ତଙ୍କ ପାଖରେ ପହଞ୍ଚିବାରେ ପ୍ରତିବନ୍ଧକ ରହିବନାହିଁ । ଭଗବତ ଗୀତାର ଓଡ଼ିଆ ଅନୁବାଦ ବଳରାମଙ୍କର ଅନନ୍ୟ କୃତି । ଏଥିରେ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ବର୍ଣ୍ଣନା ତାଙ୍କ ମୌଳିକତାକୁ ପ୍ରତିପାଦିତ କରେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଭାବରେ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରି ବେଦ ସହିତ ତୁଳନା କରିଛନ୍ତି । ବଳଭଦ୍ରଙ୍କୁ ସାମବେଦ ଭାବରେ ବର୍ଣ୍ଣନା କରିବାସହ ଜଗନ୍ନାଥଙ୍କୁ ଯଯୁର୍ବେଦ, ସୁଭଦ୍ରାଙ୍କୁ ଋକ୍‌ବେଦ ଓ ସୁଦର୍ଶନଙ୍କୁ ଅଥର୍ବବେଦ ଭାବରେ ବର୍ଣ୍ଣନା କରିଛନ୍ତି ।

ଦାର୍ଶନିକତା ଓ ତାତ୍ତ୍ୱିକତା ଦୃଷ୍ଟିରୁ ବଳରାମଙ୍କ ଲେଖା ଗୁଡିକ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରତିଟି ରଚନା ତାଙ୍କର ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ । ସେଥିପାଇଁ ସେ କହୁଥିଲେ ଜଣେ ମୂର୍ଖ ମଧ୍ୟ ମହାପ୍ରଭୁଙ୍କ କରୁଣା ଲାଭକରି ବେଦ ବେଦାନ୍ତକୁ ବାଖ୍ୟା କରିପାରିବ । ଜଗତର ସମସ୍ତ ବସ୍ତୁ ଓ ସାମଗ୍ରୀ ମଧ୍ୟରେ ସେ ଅନୁଭବ କରୁଥିଲେ ମହାପ୍ରଭୁଙ୍କ ସତ୍ତାକୁ । ମହାପ୍ରଭୁ ଜୀବନର ଓ ଜୀବନ ମହାପ୍ରଭୁଙ୍କର ଏହାଥିଲା ବଳରାମ ଦାଶଙ୍କ ସବୁ ଲେଖାର ସାର ମର୍ମ ।

ସେହି ମହାପୁରୁଷ, ସାରସ୍ୱତ ସାଧକ ଓ ସମାଜ ସଂସ୍କାରକ କୋଣାର୍କ ନିକଟବର୍ତ୍ତୀ ବାଲିଆଠାରୁ ଶ୍ରୀକ୍ଷେତ୍ର ଆସିବା ବାଟରେ ତାଙ୍କର ଅକାଳ ବିଓଗ ଘଟିଥିଲା । ସେହି ବାଲିଆ ଗାଁରେ ରହିଛି ବଳରାମଙ୍କ ସମାଧି ଯାହାକି ପ୍ରତି ଓଡ଼ିଆ ପାଇଁ ପବିତ୍ର କ୍ଷେତ୍ର । ବଳରାମ ଲୀନ ହୋଇଯାଇଛନ୍ତି ମହାପ୍ରଭୁଙ୍କ ଶ୍ରୀଚରଣରେ ଆଉ ଆମ ପାଇଁ ଛାଡିଯାଇଛନ୍ତି ତାଙ୍କର ଅମୂଲ୍ୟ ସାରସ୍ୱତ କୃତି ସବୁ ।



ଆଲେଖ୍ୟ: ଦିଲ୍ଲୀପ କୁମାର ସାହୁ
♥ ଶଙ୍କରପୁର, ଚାରବାଟିଆ, କଟକ, (ମୋ)୯୮୬୧୧୨୬୧୯୭

## ୨୨୩ ସ୍ମୃତି ଶତଦଳ

## ଚିନ୍ମୟ ଚିକାଗୋ-୩



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ଲେକ୍ ମିଚିଗାନ୍ ଉପରେ ଶହ ଶହ ଫୁଟ ଉଚ୍ଚର ବାଲି କୁଦ ସବୁ ତିଆରି ହୋଇଥାଏ । ବରଫ ମିଶା ଥଣ୍ଡା ପବନ ଦ୍ୱାରା ହ୍ରଦକୂଳରୁ ଉଡି ଯାଉଥିବା ବାଲି ଗୋଟିଏ ସ୍ଥାନରେ ସ୍ଥିର ହୋଇ ଗଲେ, ତା'ରି ଉପର ଦେଇ ବାଲି ସ୍ତୁପ ଗଢି ହୋଇଯାଏ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

କୋମଳ ସୂର୍ଯ୍ୟକିରଣ ଯେପରି ଧୀରେ ଧୀରେ ସବୁ ଅନ୍ଧକାରକୁ ଦୂରେଇ ଦିଏ ଠିକ୍ ସେପରି ଆମେ ଚିକାଗୋରେ ପହଞ୍ଚିଲା ବେଳକୁ ସବୁତକ କଳାବାଦଲ ପୋଛି ହୋଇଯାଇ ଆକାଶ ଆହୁରି ଫର୍ଚ୍ଚା ହୋଇଯାଇଥିଲା । ଦିଗ୍‌ବଳୟରୁ କ୍ରମେ କ୍ରମେ ଉଇଁ ଆସୁଥିଲେ ସୂର୍ଯ୍ୟ ଏବଂ ତାଙ୍କର ଅରୁଣ କିରଣରେ ସବୁ କିଛି ତୋଫା ଓ ଉଜ୍ଜ୍ୱଳ ଦେଖା ଯାଉଥିଲା । ମୁଁ ସ୍ପଷ୍ଟ ଦେଖିପାରିଲି କନକ ଓ ପ୍ରଶାନ୍ତ ର ମୁହଁ । 'ଆ' କହି କନକ ମତେ ଗାଡି ଭିତରକୁ ଟାଣି ନେଲା ଏବଂ ଆରପଟେ ରମାରମଣ ବସିଲେ । ଏଥର ପ୍ରଶାନ୍ତ ଆରମ୍ଭ କଲେ " ମାଉସୀ ଆମେ ଆଗ ମିଚିଗାନ୍ ଲେକ୍ ଦେଖିବା, ତା'ପରେ ଚିକାଗୋର ଅନ୍ୟସ୍ଥାନ ସବୁ ଦେଖିବା ।" ମିଚିଗାନ୍ ଲେକ୍ ପାଖରେ ପହଞ୍ଚିବା ବେଳକୁ ପ୍ରାୟ ଲଞ୍ଚ ଟାଇମ୍ ହୋଇ ଗଲାଣି । ଆମେ ପିଜା, ବର୍ଗର ଓ କୋଲ୍ଡ ଡ୍ରିଙ୍କସ ହାତରେ ଧରି ଗୋଟିଏ ବୋଟ୍‌ରେ ବସିଲୁ । ଉଦ୍ଦେଶ୍ୟ ଥିଲା ଆଦୌ ସମୟ ନଷ୍ଟ ନକରି ଆମେ ଖାଉ ଖାଉ ବୋଟ୍ ଉପରେ ବସି ପୂରା ଚିକାଗୋକୁ "ବାର୍ଡସ ଆଏ ଭିଉ"ରେ ଦେଖିନେବୁ ଏବଂ ବୋଟ୍ ରାଇଡିଂ ସହ ଆମେରିକାର ସବୁଠାରୁ ଜନବହୁଳ ଓ ପ୍ରସିଦ୍ଧ ସହର ଦେଖିବାର ସୁଯୋଗ ଆମକୁ ମିଳିବ ।

ଚିକାଗୋରେ ଭାରି ଥଣ୍ଡା ହୁଏ, ଅଧିକାଂଶ ସମୟ ତା'ର ଉତ୍ତାପ ମାଇନସ୍ ତିନି କି ଚାରି ଡିଗ୍ରୀ ଫାରେନହାଇଟ୍ । ବେଳେବେଳେ ସାରା ମିଚିଗାନ ଲେକ୍ ବରଫ ପାଲଟି ଯାଏ । ଅନେକ ସମୟରେ କୁଆ ପଥର ବର୍ଷା ମଧ୍ୟ ହୁଏ ବା' ବରଫ ବର୍ଷାର ଝଡ ହୁଏ । ଶୀତ ଦିନ କଥାଛାଡ, ବେଳେବେଳେ ବସନ୍ତ ଋତୁର ଆରମ୍ଭରେ ମଧ୍ୟ ବରଫ ପଡିଥାଏ ଏବଂ ଏଇ ସମୟରେ କେହି ମିଚିଗାନ୍ ଲେକ୍ ଦେଖିବାର ସୁଯୋଗ ପାଇନଥାନ୍ତି । ଶୀତ ଦିନରେ ଏତେ ଥଣ୍ଡାରେ ଆମର ଆମେରିକା ଯିବାର ପ୍ରଶ୍ନ ହିଁ ନଥିଲା । ତେଣୁ ଆମେ ଜୁନ୍‌ରେ ଯାଇ ଜୁଲାଇରେ ଫେରି ଆସିବୁ ବୋଲି ସ୍ଥିର କରିଥିଲୁ । ପ୍ରାୟ ସେଠାରେ ଜୁନ୍‌ରେ ହିଁ ଟିକିଏ ଥଣ୍ଡା କମିଯାଏ ଏବଂ ଜୁଲାଇ, ଅଗଷ୍ଟରେ ବି ସେମିତି ଶୀତ ନଥାଏ କି ବରଫ ପଡିନଥାଏ ।

କିଛି ସମୟର ଡ୍ରାଇଭ ପରେ ଆମେ ସମସ୍ତେ ଯାଇ ଲେକ୍ ମିଚିଗାନ୍ କୂଳରେ ପହଞ୍ଚିଲୁ । କି ଆଶ୍ଚର୍ଯ୍ୟ ! ଏତେ ବିରାଟ ହ୍ରଦ ଆମ ଆଗରେ ବିପୁଳ ଐଶ୍ବର୍ଯ୍ୟର ଭଣ୍ଡାର ନେଇ ଠିଆ ହୋଇଥିଲା । ଅବଶ୍ୟ ଚିଲିକା ହ୍ରଦର ବିରାଟ ଜଳ ଶୋଭା ଓ 'କାଳିଜାଇ' 'ଭାଲେରୀ' ଓ "ସୋଲେରୀ"ର ମନଲୋଭା ଛବି ଆଉ ବିଚିତ୍ର ବର୍ଣ୍ଣର ବିଭା ଏବେ ମଧ୍ୟ ଖୁବ୍ ରମଣୀୟ ଲାଗେ । ସେମିତି ମିଚିଗାନ ଗୋଟିଏ ବଡ ହ୍ରଦ । ପଶ୍ଚିମ ତଟରୁ ପୂର୍ବତଟ ଯାଏ ଏହା ଚାରୋଟି ରାଜ୍ୟର ସୀମାରେଖାକୁ ସ୍ପର୍ଶ କରିଛି ଯଥା ୱିସ୍‌କନସିନ, ଇଲିନଇସ, ଇଣ୍ଡିଆନା ଏବଂ ମିଚିଗାନ । ଏହା କୂଳରେ ଥିବା ବନ୍ଦର ଗୁଡିକର ନାମ ମିଲୱାକି, ଗ୍ରୀନ୍‌ବେ, ଚିକାଗୋ, ଗ୍ୟାରି ଏବଂ ମସ୍କିଗନ୍ । ମିଚିଗାନର ସୁନ୍ଦର ନାଁ ଟି ମିଚିଗାନ୍ ବା ମିଶିବାମିରୁ ଆସିଛି, ଯାହାର ଅର୍ଥ ହେଉଛି 'ଗ୍ରେଟ୍ ୱାଟର' । ମିଚିଗାନ ହ୍ରଦର ସୀମାରେଖା କେବଳ ଉତ୍ତର ଆମେରିକାର ସୀମାରେଖା ମଧ୍ୟରେ ହିଁ ସୀମିତ ଯାହାର ଉପକୂଳରେ ୧୨୦ ଲକ୍ଷ ଲୋକ ବାସ କରନ୍ତି । ଚିକାଗୋ ଏବଂ ମିଲୱାକି ସହରରେ ପର୍ଯ୍ୟଟନ ହିଁ ସେମାନଙ୍କର ସବୁଠାରୁ ବଡ ରୋଜଗାରର ପନ୍ଥା ।


ମିଚିଗାନ୍ ଲେକ୍ ଇଲିନଇସ୍ ୱାଟରୱେ ଦ୍ୱାରା ଇଲିନଇସ୍ ଓ ମିସିସିପି ନଦୀ ସହ ଯୋଡି ହୋଇ ମେକ୍ସିକୋ ଉପସାଗରରେ ମିଶିଛନ୍ତି । ଆଟ୍‌ଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗରର ବେଳାଭୂମିକୁ ତୃତୀୟ ବେଳାଭୂମି ବୋଲି କୁହାଯାଏ ଏହାର ଉପକୂଳରେ ଥିବା ସରୁବାଲିକୁ 'ଗୀତ ଗାଉଥିବା ବାଲି' ବାଲି ବୋଲି କୁହାଯାଏ । କାରଣ ଏହା ଖୁବ୍ ସରୁ ଏବଂ ତା' ଉପର ଦେଇ ଚାଲିଲେ ଏଥିରୁ ଗୋଟିଏ ସୁନ୍ଦର ଶବ୍ଦ ନିର୍ଗତ ହୁଏ । ଲେକ୍ ମିଚିଗାନ୍ ଉପରେ ଶହ ଶହ ଫୁଟ ଉଚ୍ଚର ବାଲି କୁଦ ସବୁ ତିଆରି ହୋଇଥାଏ । ବରଫ ମିଶା ଥଣ୍ଡା ପବନ ଦ୍ୱାରା ହ୍ରଦକୂଳରୁ ଉଡି ଯାଉଥିବା ବାଲି ଗୋଟିଏ ସ୍ଥାନରେ ସ୍ଥିର ହୋଇ ଗଲେ, ତା'ରି ଉପର ଦେଇ ବାଲି ସ୍ତୁପ ଗଢି ହୋଇଯାଏ । ଏଥିରେ ଫେରିବୋଟ ର ବହୁଳ ବ୍ୟବହାର ହୁଏ । ଏବେ ମଧ୍ୟ ଏହାର ସୌନ୍ଦର୍ଯ୍ୟ ଓ ବିପୁଳ ଜଳରାଶିରେ ଆକୃଷ୍ଟ ହୋଇ ବହୁ ପର୍ଯ୍ୟଟକ ଏଠିକି ଆସି ମିଚିଗାନ ଲେକ୍‌କୁ ପରିଦର୍ଶନ କରୁଛନ୍ତି ଏବଂ ତାଙ୍କ ଜୀବନ ଡାଏରୀରେ ସବୁ ଲିପିବଦ୍ଧ କରି ରଖୁଛନ୍ତି । ମିଚିଗାନ୍ ଲେକ୍‌ରେ ବୋଟ୍ ରାଇଡିଂରୁ ଆସି ଆମେ ୱିଲସ୍ ଟାୱାର, ନେଭି ପିଅର ମ୍ୟୁଜିୟମ ଏବଂ ଫାଉଣ୍ଟେନା ଦେଖିଥିଲୁ ଏବଂ ସଂଧ୍ୟା ସୁଦ୍ଧା ଆମେ କନକ ଘରକୁ ଫେରି ଆସିଥିଲୁ ।

କନକ ଘରକୁ ପଶି ଆସିଲା ମାତ୍ରେ ଗୋଟିଏ ରାଜକୀୟ ପ୍ରାସାଦରେ ରହିଲା ପରି ଲାଗିଲା । ସେଦିନ ସଂଧ୍ୟାରେ ତାର ପୁଅ, ବୋହୂ, ନାତି ଓ ନାତୁଣୀଙ୍କ ମେଳରେ ସଂଧ୍ୟାଟି ଏକ ବିଚିତ୍ର ଓଡିଆ ମହକରେ ପୁରିଯାଇଥିଲା । ନାତି ଅତି ସୁନ୍ଦର ଭାବରେ ଭାଗବତ ଗୀତାର ଏକ ଅଧ୍ୟାୟ ସ୍ପଷ୍ଟ ଉଚ୍ଚାରଣ ସହ ବୋଲିଲେ କେଉଁଠି ଟିକିଏ ବି ଭୁଲ ନାହିଁ । ବ୍ରତ ହେବା ପରେ ପଇତା ରହିଛି କାନ୍ଧରେ, ଏହାଦେଖି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ । ଓଡିଆ ସଂସ୍କୃତିର ଏ ଅନୁପମ ସମ୍ମାନ । ପାଶ୍ଚାତ୍ୟ ସଭ୍ୟତା ଭିତରେ ଆମେରିକାନମାନଙ୍କ ଭିତରେ ରହି ମଧ୍ୟ ଓଡିଆ ଭାଷାର ବିଶୁଦ୍ଧ ଓ ନିର୍ଭୁଲ ଉଚ୍ଚାରଣ । ରାତିରେ ଡିନର ଟେବୁଲରେ ଓଡିଆ ଖାଦ୍ୟର ବି ସୁନ୍ଦର ପରିବେଷଣ । ଅନେକ ସମୟ ଧରି ପ୍ରାୟ ବର୍ଷ ବର୍ଷ ର ଗପପେଡି ଆମେ ଖୋଲି ଦେଲୁ ।

ତା' ଆରଦିନ ଆମେ ପ୍ରସ୍ତୁତ ହେଲୁ ଦିନ ୧୧ଟାରେ ଚିକାଗୋ ରୁ ଇଣ୍ଡିଆନ ଏଆରଲାଇନସ୍‌ରେ ଭାରତକୁ ଫେରିବା ପାଇଁ । ସକାଳୁ ଅତି ଶାନ୍ତଶିଷ୍ଟ ସ୍ୱରରେ କନକ ପଚାରିଲା କ'ଣ ଖାଇବ ? ମୁଁ ଉତ୍ତର ଦେବା ପାଇଁ ଭାବୁ ଭାବୁ ସେ ସ୍ୱାଦଯୁକ୍ତ ନରମ ନରମ ଗରମ ଇଡଲି, ସମ୍ବର ଓ ନଡିଆ ଚଟଣି ପରଷି ଦେଲା ଯାହା ଖୁବ୍ ସୁସ୍ୱାଦୁକର ହୋଇଥିଲା । ଆସିଲା ବେଳକୁ କନକ ମତେ ସିଲ୍‌କ ଶାଢୀଟିଏ ଉପହାର ମଧ୍ୟ ଦେଇଥିଲା ଏବଂ ଏଆରପୋର୍ଟକୁ ଆସିଥିଲା ଛାଡିବାକୁ । ଆମେ କନକ ଓ ପ୍ରଶାନ୍ତଙ୍କ ଠାରୁ ବିଦାୟ ନେଇ ଆସିଲାବେଳକୁ କିଛି କିଛି ଭସା ମେଘ ସୂର୍ଯ୍ୟ କିରଣକୁ ଢାଙ୍କି ଦେଇଥିଲା । କନକର ଗୋରା ମୁହଁରେ ବିଷାଦର ବାଦଲ ଏବଂ ମୋ ଆଖିରେ ତରଙ୍ଗାୟିତ ଲୁହର ଧାର । ସଂପର୍କର ରଙ୍ଗ ସତରେ କେତେ ଚମତ୍କାର । ତଥାପି ଏକ ମଧୁର ଭାବରେ ମଧୁର ମହକରେ ଯେପରି କିଏ ଆମ ମନ ଭିତରୁ ଗାଇ ଉଠୁଥିଲା "ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱ ଦେଖ ମଧୁମୟ ।" ସତରେ ହୃଦୟ ଭିତରେ ଏକ ମନ୍ତ୍ର ମୁଗ୍ଧ ମଧୁର ସ୍ମୃତି ନେଇ ଆମେ ଇଣ୍ଡିଆ ଫେରି ଆସିଲୁ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୧)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ






ଅନୁବାଦ- ନନ୍ଦିତା ମହାନ୍ତି

ସେତେବେଳେ ମୁଁ ଆମ ଛୋଟ ସହରରେ ଥିବା ଏକମାତ୍ର ସରକାରୀ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର ଥାଏ । ମୁଁ ଅକସ୍ମାତ, କେବେ କେମିତି ସ୍କୁଲକୁ ଯାଏ । ଆଉ ଯେବେ ବି ସ୍କୁଲକୁ ଯାଏ ସିଧା ଯାଇ ବସିଯାଏ ଶ୍ରେଣୀର ସବୁଠାରୁ ପଛ ବେଞ୍ଚରେ । ଆଉ ତାପରେ ଶ୍ରେଣୀରେ ବସିଥିବା ଅନ୍ୟ ଛାତ୍ରମାନଙ୍କୁ ଓ ଅକାଳେ ସକାଳେ ଦିନେ ଅଧେ ଶ୍ରେଣୀ ଭିତରକୁ ଗଡୁଥିବା ଶିକ୍ଷକମାନଙ୍କୁ ଘୃଣାପୂର୍ଣ୍ଣ ନଜରରେ ଚାହେଁ । ଶ୍ରେଣୀର ପିଲାମାନେ ପୁରୁଣା , ମଇଳା–ଘୋଷରା ପ୍ୟାଣ୍ଟ-ସାର୍ଟ ପିନ୍ଧି ବୋକାଙ୍କ ବୋକଚାବୁହା ପରି ଲାଗନ୍ତି, ଯେଉଁମାନଙ୍କର ସାରାଟା ସମୟ ନିଜର ରଶି ପରି ରୁକ୍ଷ ମଇଳା-କହରା କେଶକୁ କୁଣ୍ଡାଇବାରେ ଓ ଓଠ ଯାଏଁ ବୋହି ଆସୁଥିବା ସିଙ୍ଘାଣିକୁ ଶୋଷାଡ଼ି ନେଇ ପାଟି ଭିତରକୁ ପଶିବାକୁ ନ ଦେବାର ଅପଚେଷ୍ଟାରେ ବିତୁଥାଏ ।

ସ୍କୁଲର ମାଷ୍ଟରମାନେ, ପୁରୁଣା, ମଇଳା ଧୋତି-କୁର୍ତ୍ତା କିମ୍ବା ମରହଟ୍ଟିଆ ଯୁଗର ବେଲବଟମ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥାଆନ୍ତି ଯେଉଁମାନଙ୍କର ଦାନ୍ତ ପାନ , ଖଇନି , ବିଡିର ନିରନ୍ତର ସେବନ ଦ୍ୱାରା ଘୋରି ହେଇ, ସଢି କଳା ପଡି ଯାଇଥିଲା । ଯେତେବେଳେ ଶିକ୍ଷକମାନେ ନିଜ ପ୍ରକୋଷ୍ଠରେ ବସି ବସି ବିରକ୍ତ ହୋଇ ଯାଆନ୍ତି ସେତେବେଳେ ମୋଡିଭିଡି ହେଇ ହାଇ ମାରି ମାରି ପ୍ରବେଶ କରନ୍ତି ଶ୍ରେଣୀଗୃହ ଭିତରକୁ । ସେମାନଙ୍କ ଚେହେରାରେ ଛାଇଥିବା ନିରସତା, ଆଖି କୋଣରେ ଲାଖିଥିବା ନେଞ୍ଜେରା ଓ ଅସଜଡା ନିଶ-ଦାଢିକୁ ଦେଖି ଏମିତି ଲାଗେ ଯେମିତି ଶୋଇ ଉଠି ନିତ୍ୟକର୍ମ ନ ସାରି ସିଧା ଚାଲି ଆସିଛନ୍ତି ସ୍କୁଲକୁ .....ଏସବୁ ଦେଖି ମୋତେ ବହୁତ ଘୃଣା ଲାଗେ ।

ସେହି ଛୋଟ ସହରର ଏକ ପୁରୁଣା ବଙ୍ଗଳାରେ ମୁଁ ମୋର ମାତା-ପିତାଙ୍କ ସହିତ ରହୁଥିଲି । ଏହି ବଙ୍ଗଳା ଜେଜେବାପାଙ୍କ ପାଇଁ ସେତେବେଳେ ତିଆରି କରା ଯାଇଥିଲା, ଯେତେବେଳେ କୋଲିଆରିର ରାଷ୍ଟ୍ରୀୟକରଣ ହୋଇ ନ ଥିଲା ଓ ଏହି ଛୋଟ ସହରର କୋଇଲାଖଣି ଉପରେ ଏକ ନିଜସ୍ୱ କମ୍ପାନୀର ମାଲିକାନା ଥିଲା । ଜେଜେବାପା ଥିଲେ ସେହି କମ୍ପାନୀରେ ଜଣେ ବଡ ଅଫିସର । ସେହି ବଙ୍ଗଳା କମ୍ପାନୀ ତିଆରି କରେଇଥିଲା ହେଲେ ଜେଜେବାପା ସେଇ ଜମିକୁ ଏହାର ମୂଳ ବାସିନ୍ଦା ଆଦିବାସୀ ଲୋକଙ୍କ ଠାରୁ କିଣିଥିଲେ । ତେଣୁ ରାଷ୍ଟ୍ରୀୟକୃତ କୋଇଲା କମ୍ପାନୀ, ସେଇ ଅଞ୍ଚଳର କୋଇଲାଖଣି ଯାହାଙ୍କ ଅଧୀନରେ ଥିଲା, ସିଏ ଯେତେବେଳେ ଏହି ବଙ୍ଗଳା ଉପରେ ତାଙ୍କର ଅଧିକାର ସାବ୍ୟସ୍ତ କରିବାକୁ ଚାହିଁଲେ ସେତେବେଳେ ତାଙ୍କୁ ମକଦ୍ଦମାରେ ହରାଇ ଆମେ ବହୁତ ଗର୍ବିତ ହୋଇଥିଲୁ ଓ ଏହା ଆମ ମନର ଆତ୍ମବିଶ୍ୱାସକୁ ମଧ୍ୟ ଫେରେଇ ଆଣିଥିଲା ।

ଆମ ବଙ୍ଗଳାର ଆଖପାଖରେ ଥିଲା କୋଲିଆରିରେ କାମ କରୁଥିବା ଅଫିସରମାନଙ୍କର ବଙ୍ଗଳା । ଯଦିଓ ଜେଜେବାପାଙ୍କର ମୃତ୍ୟୁ ପରେ ବାପା କୋଲିଆରିରେ ଏକ ସାଧାରଣ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ, କିନ୍ତୁ ଜେଜେବାପାଙ୍କର ପୂଣ୍ୟବଳ ଓ ଆଉ କିଛି ତାଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ବ୍ୟକ୍ତିତ୍ୱର ପ୍ରଭାବ ଥିଲା ଯେ ସେହି ଛୋଟ ସହରରେ ଆମର ଖୁବ୍ 'ନାଁ ଡାକ' ଥିଲା । ମୋର ପିତାଙ୍କର କୋଲିଆରିର ଅଫିସରମାନଙ୍କ ସହିତ ଖୁବ ଭଲ ସମ୍ପର୍କ ଥିଲା ଆଉ ପାଖାପାଖି ରହିବା ଦ୍ୱାରା ସେହି ଅଫିସରଙ୍କ ପିଲାମାନଙ୍କ ସହ ମୋର ମଧ୍ୟ ଭଲ ସମ୍ପର୍କ ହୋଇ ଯାଇଥିଲା । ଯଦିଓ ମୋର ଓ ସେମାନଙ୍କର ପାରିବାରିକ ପୃଷ୍ଠଭୂମିରେ ଥିଲା ଆକାଶ-ପାତାଳ ଫରକ୍ । ସେମାନେ ଇଂରାଜୀ କନଭେଣ୍ଟ ସ୍କୁଲର ଛାତ୍ର ଥିଲେ । ପ୍ରତିଦିନ ସକାଳେ ଇସ୍ତ୍ରୀକରା ଚିକ୍ ଚିକ୍ ସ୍କୁଲ ଡ୍ରେସ ପିନ୍ଧି, ପିଠିରେ ସ୍କୁଲ ବ୍ୟାଗ ଓ ପାଣି ବୋତଲ ଟଙ୍ଗେଇ ପାଖରେ ଥିବା ସଡକ କଡରେ ଯାଇ ଛିଡା ହୋଇଯାଆନ୍ତି । ସେମାନଙ୍କୁ ସ୍କୁଲ ନେଇ ଯିବା ପାଇଁ ଆସୁଥିଲା ନୀଳ, ଧଳା ରଙ୍ଗର ବସ । ଯଦି କେବେ କାଳେ ବିକାଳେ ସେମାନେ ବସ ଧରି ନ ପାରନ୍ତି କିମ୍ବା ବସ ନ ଆସେ ତେବେ କୋଲିଆରିର ସରକାରୀ ଜିପ ସେମାନଙ୍କୁ 'କୃତାର୍ଥ-ଭାବ' ନେଇ ସ୍କୁଲରେ ନେଇ ଛାଡି ଆସେ, ଯାହା ସେମାନଙ୍କ ବାପାମାନଙ୍କର 'ଜାଗିରି' ଥିଲା ।

ସେମାନଙ୍କୁ ଗଭୀର ପ୍ରତ୍ୟାଶା ଓ ଅବସୋସ ଭରା ନଜରରେ ଚାହିଁ ଚାହିଁ ମୁଁ ଯେତେବେଳେ ମୋର ପୁରୁଣା, ଧତଡା ସ୍କୁଲର ପିଲା ଓ ମାଷ୍ଟରମାନଙ୍କ ବିଷୟରେ ଚିନ୍ତା କରେ ସେତେବେଳେ ଦେହରେ କଣ୍ଟା ପରି ଫୋଡି ହେଉଥିବା ବିରକ୍ତି ଓ ହୀନମନ୍ୟତାର ବିଷରେ ମନ, ଦେହ ସବୁ ବିଷାକ୍ତ ହୋଇଯାଏ । ତା ସହିତ ବାପାଙ୍କ ଉପରେ ଭାରି ରାଗ ହୁଏ, କାରଣ ସିଏ ଅଫିସର ହୋଇ ପାରିଲେ ନାହିଁ, ଯେତେବେଳେ କି ତାଙ୍କର ବାପା ଅଫିସର ଥିଲେ....

ଜେଜେବାପାଙ୍କ ପାଇଁ ମୋ ମନରେ ବହୁତ ଶ୍ରଦ୍ଧା ଓ ଭଲପାଇବା ସୃଷ୍ଟି ହୁଏ, କାରଣ ଏହି ବଙ୍ଗଳା, ଯେଉଁଠି ଆମେ ରହୁଥିଲୁ, ଯାହା ଜେଜେଙ୍କର ଅବଦାନ ଥିଲା, ତାହା ହିଁ ଏକମାତ୍ର ଏପରି କଡି ଥିଲା, ଯାହା ମୋତେ ସେଇ ପିଲାମାନଙ୍କର ଦୁନିଆ ସହିତ ଯୋଡୁଥିଲା, ଯାହା କଦାଚିତ ମୋର ନ ଥିଲା ହେଲେ ତାହା ବିଷୟ-ସମୃଦ୍ଧି ଓ ବିଭିନ୍ନ କିସମର ଚାକଚକ୍ୟରେ ଭରପୁର ଥିଲା ।

ତାହା ଏପରି ଏକ ଦୁନିଆ ଥିଲା, ଯେଉଁଠାରେ ପହଞ୍ଚି ମୋର ମୁଣ୍ଡ ଘୁରେଇବାକୁ ଲାଗୁଥିଲା, ହୃଦୟ ଚିରି ବାହାରି ଆସୁଥିଲା ଏକ ଯନ୍ତ୍ରଣାଦାୟକ 'ଆଃ', ହେଲେ ମୁଁ ସେଠାରୁ ଫେରି ଆସିବାକୁ ମୁଁ ପ୍ରସ୍ତୁତ ନ ଥିଲି । ମୁଁ ସବୁବେଳେ ନିଜ ଉପରେ ଗର୍ବ ଅନୁଭବ କରୁଥିଲି ଯେ ସେମାନଙ୍କ ପରି ନ ହୋଇ ମଧ୍ୟ ମୁଁ ସେମାନଙ୍କ ମଧ୍ୟରେ ନିଜ ପାଇଁ ସ୍ଥାନ ସୃଷ୍ଟି କରି ପାରିଛି ।

ସେଇ ଅଫିସର-ପିଲାମାନଙ୍କର ଏକ କ୍ରିକେଟ ଟିମ ଥିଲା – ଇଲେଭେନ ଷ୍ଟାର, ଯେଉଁଥିରେ ଅଫିସରଙ୍କ ପିଲାଙ୍କୁ ଛାଡି ସେହି ଛୋଟ ସହରର ଆଉ କୌଣସି ପିଲାର ପ୍ରବେଶ ବର୍ଜିତ ଥିଲା । ଅପବାଦ ସ୍ୱରୂପ ସେମାନଙ୍କ ଟିମରେ ମୁଁ ସାମିଲ ଥିଲି ଆଉ ଏତେ ବେଶୀ ପ୍ରଭାବ ବିସ୍ତାର କରି ଦେଇଥିଲି ଯେ ଟିମରେ ସାମିଲ ହେବାର ମାତ୍ର ଛଅ ମାସ ମଧ୍ୟରେ ହିଁ ମୁଁ ଦଳର କପ୍ତାନ ହୋଇଗଲି ।

ଟିମରେ ମୋର ପ୍ରଭାବ କେବଳ ଏମିତି ଜମି ନ ଥିଲା । ତାର ମଧ୍ୟ ଅନେକ କାରଣ ଥିଲା । ପ୍ରଥମ କାରଣ ଥିଲା ଅଫିସର ପିଲାମାନଙ୍କର କୃପଣତା । ସେମାନେ ଟିକେ କୁଟିଳ ପ୍ରକୃତିର ଥିଲେ । ସେମାନେ ଭଲ ଭଲ ପୋଷାକ ପିନ୍ଧୁଥିଲେ, ଭଲ ସ୍କୁଲରେ ପାଠ ପଢୁଥିଲେ ଆଉ ଭଲ ଖାଉଥିଲେ । ହେଲେ ପଇସା କିମ୍ବା କୌଣସି ଜିନିଷ ଖର୍ଚ୍ଚ କରିବା କଥା ଆସିଲେ ସେମାନଙ୍କର ଜୀବନ ବାହାରି ଯାଉଥିଲା । ସେମାନଙ୍କ ପାଖରେ ନିଜର ବ୍ୟାଟ-ବଲ୍ ଥିଲା, ହେଲେ ସେହି ବ୍ୟାଟ-ବଲରେ ସେମାନେ ନିଜ ବଙ୍ଗଳାର ଲନ୍‌ରେ ନିଜ ଭାଇଭଉଣୀଙ୍କ ସହିତ କ୍ରିକେଟ ଖେଳୁଥିଲେ ।

ଯେତେବେଳେ ଅଫିସର ଷ୍ଟାଡିୟମରେ ଇଲେଭେନ ଷ୍ଟାରର ଟିମ ଏକଜୁଟ ହେଉଥିଲେ, ସେତେବେଳେ ମୋତେ ହିଁ ନିଜର ବ୍ୟାଟ-ୱିକେଟ ବାହାର କରିବାକୁ ପଡୁଥିଲା, ଯାହାକୁ ମୁଁ ବହୁତ ଜିଦି କରି ବାପାଙ୍କୁ କିଣିବାକୁ ବାଧ କରିଥିଲି । ଗୋଟେ ପଟେ ମୋର ତିନୋଟି ୱିକେଟ ପୋତା ଯାଉଥିଲା, ଅନ୍ୟ ପଟେ ପୋତା ଯାଉଥିଲା ପୁଟୁସ ଝାଡିର ବଙ୍କା ତେଢା ଡାଙ୍ଗ..... ଯେତେବେଳେ ବି ବଲ ଷ୍ଟାଡିୟମ ବାହାରେ ଥିବା ଝାଡି-ଜଙ୍ଗଲରେ କିମ୍ବା ଖାଦାନ ଭିତରେ ଯାଇ ପଡିଯାଏ, ବଲ କିଣିବା ପାଇଁ ଅଧାରୁ ଅଧିକ ପଇସା ମୁଁ ହିଁ ଦିଏ । ତାଛଡା ମୁଁ ଅଲରାଉଣ୍ଡର ଥିଲି । ଟିମର ଓପନର ବ୍ୟାଟ୍ସମ୍ୟାନ ଓ ଓପନର ବୋଲର ବି ।

ଅନ୍ୟ ଟିମ ସହିତ ପ୍ରତିଯୋଗିତାତ୍ମକ ଖେଳ ହେଲା ବେଳେ ମୁଁ ଆଉଟ ହୋଇଗଲା ପରେ ହିଁ ଖେଳାଳିମାନଙ୍କର ଆସିବା ଆଉ ଆଉଟ ହୋଇ ପାଭିଲିଅନକୁ ଫେରିବାର କ୍ରମ ଆରମ୍ଭ ହୋଇଯାଏ । ମୁଁ ଯଦି ପ୍ରଥମ ଓଭରରେ ଜିରୋ ରନରେ ଆଉଟ ହୋଇଯାଏ ତେବେ ପୁରା ଟିମ ପନ୍ଦରରୁ କୋଡିଏ ରନ ଭିତରେ ହିଁ ସୀମିତ ହୋଇଯାଏ । ଯଦି ମୁଁ ପିଚ ଉପରେ ପଚାଶ ରନ ଯାଏଁ ରହିଯାଏ ତେବେ ଟିମର ମନୋବଳ ବଢିଯାଏ ଆଉ ସ୍କୋର ଶହେ ଉପରେ ପହଂଚିଯାଏ । ବୋଲିଂରେ ବି ସେଇ ଅବସ୍ଥା ଥିଲା । ମୋର ପ୍ରଥମ ଓଭରରେ ଯଦି ସାମ୍ନା ଦଳ ଦଶ କିମ୍ବା ବାର ରନ ପିଟି ଦିଅନ୍ତି ତେବେ ଚତୁର୍ଥ-ପଞ୍ଚମ ଓଭର ଯାଏଁ ଆମ ଟିମ ମ୍ୟାଚ ହାରିଯାଏ । ଆଉ ଯଦି ମୁଁ ପ୍ରଥମ ଓଭରରେ ଏକ କିମ୍ବା ଦୁଇ ରନ ଦେଇ ଗୋଟିଏ ୱିକେଟ ନେଇଯାଏ ତେବେ ମୋ ପରବର୍ତ୍ତୀ ବୋଲର ଧଡାଧଡ ୱିକେଟ ନେବା ଆରମ୍ଭ କରିଦିଅନ୍ତି ......ହେଲେ ନିଜ ଟିମର ଏହି 'ପରଜୀବୀ' ଗୁଣ ପାଇଁ ମୋତେ ବହୁତ ବଡ ଦାମ ଦେବାକୁ ପଡିଥାଏ ।

ଧୀରେ ଧୀରେ ଏହା ପ୍ରଭୁତ୍ୱ ନୁହେଁ ଟିମରେ ନିଜର ଅସ୍ତିତ୍ୱ ବଞ୍ଚେଇବା ପାଇଁ ଲଢେଇରେ ପରିଣତ ଯାଇଥିଲା । (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

# ଚା' ଦୋକାନରୁ ମୋବାଇଲ ଲୁଟ

ବସ୍ତା, ୦୧/୦୧ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ପୁଟୁରା ଗ୍ରାମର ଅଜୟ କୁମାର ପାଳଙ୍କ ଦାମୀ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅଭିଯୋଗକାରୀ ଅଜୟ କୁମାର ପାଳ ଜଳସେଚନ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ଅଟନ୍ତି । ସେ ଦକ୍ଷିଣ ପୁଟୁରା ଛକ ଠାରେ ଏକ ଚା ଦୋକାନରେ ଚା ପିଉଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କ ଠାରୁ ଏହି ମୋବାଇଲ ଟି ଲୁଟ କରି ଚମ୍ପଟ ମାରିଥିବା ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲେ ହେଁ ଏଯାବତ ଚୋରି ମୋବାଇଲର ସନ୍ଧାନ ମିଳିନାହିଁ । ମୋବାଇଲରେ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥବାରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# ନବବର୍ଷ ଓ ଆଜାଦି ଅମୃତ ମହୋତ୍ସବ ଅବସରରେ ଶତାୟୁଙ୍କ ସମ୍ବର୍ଦ୍ଧନା

ଜଳେଶ୍ୱର, ୦୧/୧(ନିପ୍ର): ଇଂରାଜୀ ନବବର୍ଷ ଓ ଆଜାଦିର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ ସ୍ୱାଧିନତା ସଂଗ୍ରାମୀ ତଥା ଶତାୟୁ ପୁରୁଷ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ପରିଷଦର ଉପଦେଷ୍ଟା କମଳା ଚକ୍ରବର୍ତ୍ତୀ, ସଭାପତି ଚନ୍ଦ୍ରମୋହନ ରାଉଳ, ସଂପାଦକ ମନୋରଂଜନ ଦାସ, ହାଡିବଂଧୁ ବେହେରା, ମୃତ୍ୟୁଞ୍ଜୟ ଦାସ, ସାଇ ଈଶାନ ଦାସ, ସରୋଜ ରଂଜନ ସେନାପତି ପ୍ରମୁଖ ଅଂଗବସ୍ତ୍ର, ଉତ୍ତରୀୟ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ସେହିପରି ନାମ୍ପୋ ଗ୍ରାମର ଲୋକକଳା ସାଧକ ରାଧାକୃଷ୍ଣ ରଣାଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ପରିଷଦର କର୍ମକର୍ତ୍ତା ବାଣିଦାସ ମହାପାତ୍ର, ସୁଶିଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ନିୟମିତ ହେବେ ୮୧୦୨ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ଆଜି ନୂତନ ବର୍ଷ ଅବସରରେ ରାଜ୍ୟ ସରକାର ୮୧୦୨ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କ ଚାକିରିକୁ ନିୟମିତ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପଦୋନ୍ନତି ନିମନ୍ତେ ଉଦ୍ଦିଷ୍ଟ ସମୟସୀମାକୁ କୋହଳ କରିଥିବାରୁ ୪୦ ହଜାର ୫୨ ଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ପାରିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଛନ୍ତି ।

# ଲୋଧା ସମ୍ପ୍ରଦାୟର ଜମି ପଟା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା, ୦୧/୦୧ (ନି.ପ୍ର): ଆଦିମ ଜନଜାତି ଲୋଧା ସମ୍ପ୍ରଦାୟର ଲୋକଙ୍କ ଉନ୍ନତି ପାଇଁ ସରକାର ବହୁ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେଥିପାଇଁ ସରକାର ମାଇକ୍ରୋ ପ୍ରକଳ୍ପ ମଧ ଚଳାଇଛନ୍ତି । ହେଲେ ଏହି ଆଦିମ ଜନଜାତିର ଲୋକଙ୍କର ଯେଉଁ ଭଳି ଭାବରେ ବିକାଶ ହେବା କଥା ତାହା ହୋଇ ପାରୁନାହିଁ । ସରକାର ଲୋଧା ଜନଜାତିର ପରିବାର ମାନଙ୍କୁ ଯୋଗାଇ ଦେଇଛନ୍ତି ଜମି ପଟ୍ଟା, ହେଲେ ଦୀର୍ଘ ଦିନ ଧରି ସ୍ଥାନୀୟ ପ୍ରଶାସନ ସେମାନଙ୍କୁ ଯୋଗାଇ ଦେଇ ପାରୁନି ଜମି । ବିଭିନ୍ନ କାର୍ଯ୍ୟାଳୟ ଯାଇ ଅଭିଯୋଗ କଲେ ମଧ ଫଳ ଶୁନ । ଏହିପରି ଅଭିଯୋଗ ମିଳିଛି ଶୁଳିଆପଦା ଥାନା ଅନ୍ତର୍ଗତ ଧାନସୁଲା, ପଥରନେସା ଓ ତାଡକ ଗ୍ରାମରୁ । ସରକାର ଏହିସବୁ ଗ୍ରାମରେ ବାସ କରୁଥିବା ଜନଜାତିର ଲୋକଙ୍କୁ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଲୋଧା ମାନଙ୍କୁ ଦଖଲ ଦଖଲ ଜମୀର ପଟ୍ଟା କରାଇ ଦେବେ କହିଥିଲେ । ଲୋକେ ମଧ ଉକ୍ତ ଜମୀକୁ ଦଖଲ କରି ଆସୁଥିଲେ । ମାତ୍ର ପଟ୍ଟା ପାଇବାରୁ ବଂଚିତ ରହିଛନ୍ତି ଲୋଧା ସମ୍ପ୍ରଦାୟର ଗରିବ ଲୋକେ । ସେମାନଙ୍କ କହିବା ଅନୁଯାୟୀ ବିଡିଓ ବୈଠକ କରିଥିଲେ ଏବଂ କହିଥିଲେ ଯୋଉଠି ଲୋଧା ଲୋକମାନଙ୍କର ଦଖଲ ଜମିଥିବ ସେଇଠି ସେମାନଙ୍କୁ ଜମିପଟ୍ଟା ଯୋଗାଇ ଦିଆଯିବ । ଏବଂ କିଛି ଦିନ ପରେ ଜମୀର ପଟା ମଧ ଦିଆଗଲା ଏବଂ ଲୋକେ ସେଇଠି ଚାଷ ମଧ କରିଥିଲେ । କିଛି ଦିନ ପରେ ଫରେଷ୍ଟ ଯାଇ ଲୋଧା ଲୋକଙ୍କର ସେହି ପଟ୍ଟା ପାଇଥିବା ଦଖଲ ଜମିରେ କରିଥିବା ଚାଷକୁ ଉଜାଡି ପୋଖରୀ ଖୋଳିଥିଲେ । ଲୋକେ ଆପତ୍ତି କରିବାରୁ ବନ ବିଭାଗ ଅଧିକାରୀ ଏହି ପଟ୍ଟା କାମ ଦେବନାହିଁ , ଏହା ଫୋରେଷ୍ଟ ଜାଗା ବୋଲି କହିଥିଲେ । ଏହାପରେ ଲୋଧା ସମ୍ପ୍ରଦାୟର ଲୋକମାନେ ପାଇଥିବା ପଟା ଗୁଡିକୁ ନେଇ ତହସିଲଦାରଙ୍କୁ ମଧ ସାକ୍ଷାତ କରି ଅଭିଯୋଗ କରିଥିଲେ । ତହସିଲଦାର ଏବାବଦରେ କିଛି କରିପାରିବେ ନାହିଁ ବୋଲି କହିବା ସହିତ ଯଦି ବନ ବିଭାଗୀୟ ଜମି ଥିବ ତାହେଲେ ସେ ଜମି ତୁମକୁ ମିଳିବ ନାହିଁ ବୋଲି କହିଥିଲେ । ତେବେ ଆଜି ଲୋଧା ସମ୍ପ୍ରଦାୟର ବହୁ ଲୋକ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ସମସ୍ୟାର ସମାଧାନ ପାଇଁ ଦାବୀ କରିଥିବାର ଜଣା ଯାଇଛି ।

# ମୃତ ଶିକ୍ଷକ ପରିବାର ବେସାହାରା : ଜୋର ଧରିଲା ସହାୟତା ଦାବି

ଜଳେଶ୍ୱର ୧/୧(ନିପ୍ର): ଗତ ୨୦ ଦିନ ତଳେ ହଠାତ୍ ଜଣେ ଯୁବ ଶିକ୍ଷକଙ୍କର ମୃତ୍ୟୁ ଘଟିଥିବାରୁ ଏବେ ତାର ପରିବାର ପୁରୁଷ ଶୂନ୍ୟ ଓ ବେସାହାରା ହୋଇଛନ୍ତି । ବୃଦ୍ଧା ମା, ସ୍ତ୍ରୀ ଓ ୩ବର୍ଷର ଝିଅକୁ ସରକାରୀ ସହାୟତା ଯୋଗାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଜଳେଶ୍ୱର ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗାଁର ପ୍ରଦୀପ ଘୋଷ ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ଅଂଚଳର ବେଲଗାଁ ବିଦ୍ୟାଳୟରେ ଶିକ୍ଷକତା କରି ଆସୁଥିଲେ । କିନ୍ତୁ ଡିସେମ୍ବର ୧୦ ତାରିଖରେ ବିଦ୍ୟାଳୟରୁ ଫେରୁଥିବା ବେଳେ ମହୁମାଛି ଆକ୍ରମଣର ଶୀକାର ହୋଇଥିଲେ । ଘରେ ପହଞ୍ଚିଥିଲେ ମଧ୍ୟ ଯନ୍ତ୍ରଣା ଓ ଅସୁସ୍ଥତା ଯୋଗୁଁ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ନେବାବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । କୌଣସି ସରକାରୀ ସହାୟତା ମିଳିନଥିବାରୁ ଅମର୍ଦ୍ଦାରୋଡସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟର ୧୯୮୫-୮୭ ମସିହା +୨ ବିଜ୍ଞାନ ଛାତ୍ରଛାତ୍ରୀ ତଥା ତାଙ୍କ ସହପାଠୀମାନେ ଆଜି ସ୍ୱର୍ଗତ ଘୋଷଙ୍କ ବିଧବାପତ୍ନୀ ଓ ମାଙ୍କୁ ସାକ୍ଷାତ କରିଥିଲେ । ଝାଟିମାଟି ଭଂଗା ଘରେ ସେମାନେ ମୁଣ୍ଡ ଗୁଞ୍ଜିଥିବା ବେଳେ କୌଣସି ସରକାରୀ ସହାୟତା ମିଳିନାହିଁ । କୁଂଜ ବିହାରୀ ଦାସ, ସଂଗ୍ରାମ ପଟ୍ଟନାୟକ, କ୍ଷିତିଶ ଘୋଷ, ଦୀପକ ଗିରି, ପ୍ରଶାନ୍ତ ଦିବେଦୀ ପ୍ରମୁଖ ୨୫ହଜାର ଟଙ୍କା ସହାୟତା ଦେଇଥିଲେ । ସେମାନଙ୍କ ସହିତ ଶ୍ରୀରମପୁର ପଂଚାୟତ ସରପଂଚ ପ୍ରତିନିଧି ଆଲୋକ ଗିରି, ଦକ୍ଷିଣପ୍ରହରାପୁର ସରପଂଚ ସତ୍ୟରଂଜନ ଦାସ, ଗ୍ରାମମୁଖ୍ୟ ରାମଚନ୍ଦ୍ର ଘୋଷ, ପୂର୍ବତନ ସଦସ୍ୟ ଅମୂଲ୍ୟ ବେହେରା ପ୍ରମୁଖ ମୃତ ପ୍ରଦୀପ ଘୋଷଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରୀ, ଆବାସ ଯୋଜନାରେ ଘର ଓ ବିଧାବଭତ୍ତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି । ଅନ୍ୟଥା ଏହି ବେସାହାରା ପରିବାର ଭୋକ ଉପାସରେ ଦିନ କାଟିବେ ବୋଲି କହିଛନ୍ତି ।

# ନୂତନ ବର୍ଷରେ ସାଧନା ଫାଉଣ୍ଡେସନ ତରଫରୁ କମ୍ବଳ ବଣ୍ଟନ

ବାଲେଶ୍ୱର, ୦୧/୦୧ (ନି.ପ୍ର): ନୂତନ ବର୍ଷର, ନୂତନ ଆଶା, ନୂତନ ଉଦ୍ଦୀପନା, ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ପୂର୍ଣ୍ଣ ହେଉ ସବୁରି ମନସ୍କାମନା । ଏହିଭଳି ଏକ ଉଦ୍ଦୀପନା ଓ ଆଶାର ସମ୍ଭାର ନେଇ ସାଧନା ଫାଉଣ୍ଡେସନ ତରଫରୁ ନୂତନ ବର୍ଷର ପାଛୁଡ଼ିଆ ବସ୍ତିରେ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଏଥିରେ ସଂହିତା ଦାସ, ମିନତୀ କର, ମୋନାଲିସା ଅପା, ଯୋଗେନ୍ଦ୍ର ପ୍ରସାଦ ସେନାପତି, ତିଲୋତ୍ତମା ଦାସ, ପୁଷ୍ପଶ୍ରୀ ରାଉତ, ଉମାଶଙ୍କର ରାଉତ ଆଦି ସହଯୋଗ କରିଥିଲେ ।




ନୂତନ ବର୍ଷରେ ମହତ୍ କାର୍ଯ୍ୟ କରିବାର ସଂକଳ୍ପ ନେଇ ସାଧନା ଫାଉଣ୍ଡେସନ ଆଗାମୀ ଦିନରେ ଆହୁରି କିଛି କାମ ହାତକୁ ନେଇ ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସମ୍ପାଦିକା ସୁଜାତାରାଣୀ ପଣ୍ଡା ସଭା ସାଙ୍ଗ କରିଥିଲେ । ଏହି ପ୍ରଫେସନ୍ଟି ସଦର ବ୍ଲକ୍‌ର ପାଛୁଡ଼ିଆ ବସ୍ତିରେ ହୋଇଥିଲା ।

# କଳା, ସଂସ୍କୃତି ସମ୍ପନ୍ନ ଶତାୟୁ ପୁରୁଷ ଭଜହରି ଘୋଷଙ୍କ ପରଲୋକ ଓ ଶୋକସଭା

ଜଳେଶ୍ୱର ୧/୧(ନିପ୍ର): ବିଶିଷ୍ଟ ପାଲା ଗାୟକ, କଳା ସଂସ୍କୃତିର ପୂଜାରୀ ତଥା ଶତାୟୁ ପୁରୁଷ ଭଜହରି ଘୋଷଙ୍କ ଗତ ୨୨ ତାରିଖରେ ପରଲୋକ ଘଟିଛି । ମୃତ୍ୟୁବେଳେ ପୁଅ ପ୍ରାଧ୍ୟାପକ ବିଜୟ କୁମାର ଘୋଷ, ଅଜୟ କୁମାର ଘୋଷ, ସଂଜୟ କୁମାର ଘୋଷ, ପୁତ୍ରବଧୂ, କନ୍ୟା ରେବତୀ, ମାହେଶ୍ୱରୀ, ରାସେଶ୍ୱରୀ, ନିଳିମା ଓ ନାତିନାତୁଣୀ ପରିବାରବର୍ଗ ଉପସ୍ଥିତ ଥିଲେ । ସେ ଜଣେ ଲୋକକଳାର ବରିଷ୍ଠ କଳାକାର ଥିବାରୁ ବସ୍ତାସ୍ଥିତ କଳା, ସଂସ୍କୃତି ସଂଘ ପକ୍ଷରୁ ପାଲାଗାୟକ ପିତାମ୍ବର ଦାସଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଜୟ ଘୋଷ, ଚନ୍ଦ୍ରମୋହନ ରାଉଳ, ଜଗଦିଶ୍ୱର ଜେନା, ହରିଶ୍ଚନ୍ଦ୍ର ବେହେରା, ଅଶୋକ ସାହୁ, ପ୍ରଫୁଲ୍ ଘୋଷ, ବିଜୟ ଜେନା, ଭଜହରି ଦାସ, ଅଦୈତ୍ୟ ଦାସ, ପର୍ଶୁରାମ ପରିଡା, ସୁରେନ୍ଦ୍ର ରାଉତ, ପିତାମ୍ବର ଦାସ, ପୂର୍ଣ୍ଣଚନ୍ଦ ଜ୍ୟୋତି, ଚନ୍ଦ୍ରକାନ୍ତ ପରିଡା, ପଂଚାନନ ପରିଡା, ପର୍ଶୁରାମ ପରିଡା, ଅଂଜଳି ବିଶ୍ୱାଳ, ରାଧାକୃଷ୍ଣ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ କରିଥିଲେ ।

# ବନ ମହୋତ୍ସବ ଓ ଆଧ୍ୟାତ୍ମିକ ସଭା



ବସ୍ତା, ୦୧/୦୧ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଜଙ୍ଗଲୀ ପରିବେଶରେ ନୂଆବର୍ଷ ଉପଲକ୍ଷେ ବନ ମହୋତ୍ସବ ଓ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି । ଭକ୍ତ ହରପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ପୂଜାର୍ଚ୍ଚନା ହୋଇଥିଲା । କରମଳା ସ୍ଥିତ ଶାନ୍ତି ଆନନ୍ଦାଶ୍ରମର ସାଧୁ ଶ୍ରୀ ଶ୍ରୀ ଜଗବନ୍ଧୁ ଦାସ ବାବାଜୀ ମହାରାଜ ଯୋଗ ଦେଇ ଭଗବାନଙ୍କ ସେବା ହିଁ ଜୀବନ ର ପ୍ରକୃତ କର୍ତ୍ତବ୍ୟ ବୋଲି ବକ୍ତବ୍ୟ ରେ କହିଥିଲେ । ଆଞ୍ଚଳିକ ଭକ୍ତଗୋଷ୍ଠୀଙ୍କ ଦ୍ୱାରା ଭଜନ, କୀର୍ତ୍ତନ କରାଯାଇଥିଲା । ଶିକ୍ଷକ ରାଜକିଶୋର ଦାସ, ଆଧ୍ୟାତ୍ମିକପ୍ରେମୀ ଦିନକୃଷ୍ଣ ମହାନ୍ତି, ଅଭିରାମ ମହାନ୍ତି, ସୁବଳ ଚନ୍ଦ୍ର ଦାସ ଅଧିକାରୀ ପ୍ରମୁଖ ଆଧ୍ୟାତ୍ମିକ ଚେତନା ରେ ବିଶ୍ଳେଷିତ କରାଇଥିଲେ । ଉଭୟ ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ ଶ୍ରଦ୍ଧାଳୁ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ନବବର୍ଷରେ ୧୦୦ ଦିବସୀୟ....

ରାଷ୍ଟ୍ରୀୟ ଶିକ୍ଷା ନୀତିରେ ପିଲାମାନଙ୍କୁ ନିଜ ବୟସ ଅନୁସାରେ ନିଜ ମାତୃଭାଷା ବା ଆଂଚଳିକ ଭାଷାରେ ବହି ପଢ଼ିବା ପାଇଁ ପ୍ରୋତ୍ସାହନ ଦେବାକୁ ଗୁରୁତ୍ୱ ଦିଆଯାଇଛି । ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାରା ଜୀବନ ଶିକ୍ଷା ଗ୍ରହଣକୁ ବିକଶିତ କରିବା ଦିଗରେ ପୁସ୍ତକ ପଢ଼ିବାର ବିଶେଷତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅଳ୍ପ ବୟସରୁ ପୁସ୍ତକ ପଢ଼ିବା ଅଭ୍ୟାସ କଲେ ଏହା ଶିଶୁଙ୍କ ମାନସିକ ବିକାଶ କରିବ । ସେମାନଙ୍କ ସୃଜନଶୀଳତାକୁ ବୃଦ୍ଧି କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ଏକ ସୁସ୍ଥ ବାତାବରଣ ତିଆରି କରିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ବହି ପଢ଼ିବା ଏକ ଭଲ ଅଭ୍ୟାସ ଏବଂ ଜ୍ଞାନ, ଭାଷା ଏବଂ ସାମାଜିକ ଦକ୍ଷତାର ବିକାଶ କରିବାରେ ଏକ ଭଲ ଉପାୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନାଗରିକଙ୍କୁ ନିୟମିତ ପୁସ୍ତକ ପଢ଼ିବା ପାଇଁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରେରଣାରେ ପୁସ୍ତକ ପଢ଼ିବାକୁ ସାରା ଜୀବନ ଅଭ୍ୟାସରେ ପରିଣତ କରିବା ନେଇ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । 'ପଢ଼େ ଭାରତ' ଅଭିଯାନ ଅନ୍ତର୍ଗତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୫ଟି ପୁସ୍ତକ ପଢ଼ିବା ଆରମ୍ଭ କରିଛନ୍ତି । ଏଥିରେ ୨ଟି ଓଡ଼ିଆ ପୁସ୍ତକ କବିବର ରାଧାନାଥ ରାୟଙ୍କ 'ଚିଲିକା', ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ପ୍ରାୟଶ୍ଚିତ' ରହିଛି । ସେହିପରି ଅନ୍ୟ ତିନୋଟି ପୁସ୍ତକ ଜେମ୍ସ କ୍ଲିୟରଙ୍କ 'ଆଟୋମିକ୍ ହାବିଟ୍ସ', ରସକିନ୍ ବଣ୍ଡଙ୍କ 'ଏ ଲିଟିଲ୍ ବୁକ୍ ଅଫ୍ ହାପିନେସ୍', ସ୍ୱାମୀ ବିବେକାନନ୍ଦଙ୍କ 'ରିଫ୍ଲେକ୍ସନ୍ସ' ମଧ୍ୟ ରହିଛି । ଏହି ଅଭିଯାନ ଅନ୍ତର୍ଗତ ପାଠକ ପାଠକାମାନେ ନିଜେ ପଢୁଥିବା ପୁସ୍ତକ ସହ ଆଗକୁ କେଉଁ ପୁସ୍ତକ ପଢିବା ଉଚିତ୍, ସେ ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ତାଙ୍କ ମତାମତ ଦେବାକୁ କହିଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ପଢ଼େ ଭାରତ' ଅଭିଯାନରେ ସମସ୍ତଙ୍କ ମଧ୍ୟରେ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏହି ଅଭିନବ ପଦକ୍ଷେପ ନିଆଯାଇଛି ।

## ଗୋଛାୟତ ମଧୁସୂଦନ ବିଦ୍ୟାପୀଠରେ....

ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା । ଶ୍ରୀ ପଣ୍ଡା ପୁରାତନ ଛାତ୍ରଛାତ୍ରୀଙ୍କ ଆୟୋଜିତ ବନ୍ଧୁମିଳନ ଓ ଗୁରୁପୂଜନ ନୂତନ ଛାତ୍ରଛାତ୍ରୀଙ୍କୁ ଖୁବ୍ ପ୍ରେରଣା ଦେଇଥିଲେ ଏବଂ ଅତୀତର ସ୍ମୃତିମନ୍ଥନ ଭିତରେ ଶିକ୍ଷାନୁଷ୍ଠାନ ପ୍ରତି ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କର ସର୍ବଦା ଯେଉଁ ମୌଳିକ କର୍ତ୍ତବ୍ୟ ରହିବାର କଥା ସେଦିଗରେ ଯତ୍ନବାନ୍ ହେବାକୁ ଏଭଳି ଉତ୍ସବ ଯଥେଷ୍ଟ ପ୍ରାସଙ୍ଗିକତା ରଖିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବର୍ତ୍ତମାନର ପ୍ରଧାନଶିକ୍ଷକ ଗୋପୀନାଥ ବେହେରା ଯୋଗଦେଇଥିବାବେଳେ କାର୍ଯ୍ୟକ୍ରମର ଅୟୋଜକ ଇଂ ଜଗଦୀଶ ମିଶ୍ର, ଗୌରଶ୍ୟାମ ନାୟକ, ସମ୍ବିତ ଗୋଛାୟତ ପ୍ରମୁଖ ପୁରାତନ ଛାତ୍ର ପରିଚାଳନା କରିଥିଲେ । ଶିଳ୍ପୀ ଶଙ୍କର ଦାଙ୍କ ସୁଲଳିତ କଣ୍ଠରେ ବିବିଧ ସଂଗୀତ ପରିବେଷଣ ଉତ୍ସବକୁ ଖୁବ୍ ମୁଖରିତ କରିଥିଲା । ୧୯୯୭ ବର୍ଷର ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜ ପରିବାରବର୍ଗଙ୍କ ସହ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ, କର୍ମଚାରୀ ଓ ସ୍ଥାନୀୟ ଅଧିବାସୀ ଏଥିରେ ଉପସ୍ଥିତ ଥିଲେ ।

## ଗୋଟିଏ ପଟେ ଓମିକ୍ରନ....

ରାଲିରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ତେବେ କେବଳ ବିଜେପି ନୁହେଁ ଆଗାମୀ ବିଧାନସଭା ନିର୍ବାଚନକୁ ନଜରରେ ରଖି ବିଭିନ୍ନ ରାଜନୈତିକ ଦଳ ଉତ୍ତରପ୍ରଦେଶରେ ବଡ ବଡ ନିର୍ବାଚନ ପ୍ରଚାର ରାଲି କରୁଛନ୍ତି । ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ବିଜୟ ଯାତ୍ରା ଜରିଆରେ ନିର୍ବାଚନ ରାଲି କରୁଛନ୍ତି । ସେପଟେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ମଧ ନିର୍ବାଚନ ପ୍ରଚାର ପାଇଁ ରାଲି କରୁଛନ୍ତି । ଯେଉଁଥିରେ କୋଭିଡ୍ ନିୟମ ଖୁଲମ୍ ଖୁଲା ଭଙ୍ଗ ହେଉଥିବା ଦେଖିବାକୁ ମିଳୁଛି । ଆଗକୁ ଉତରପ୍ରଦେଶ ସମେତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହାଭିତରେ ଦେଶକୁ ଓମିକ୍ରନ ଆତଙ୍କ ଘାରିଲାଣି । ଯାହାକୁ ନେଇ ଲୋକଙ୍କ ପାଇଁ କଟକଣା ଲଗାଯାଉଛି ସତ । ହେଲେ ନେତା ମାନେ ହିଁ ନିୟମକୁ ବେଖାତିର କରୁଥିବା ଏହି ନିର୍ବାଚନ ରାଲି ସ୍ପଷ୍ଟ କରୁଛି ।

## ବୈଷ୍ଣୋଦେବୀ ଯାତ୍ରାରେ ଦଳାଚକଟାରେ ....

ତଳେ ପଡିଯାଇଥିଲେ । ଯେଉଁ କାରଣରୁ ସେମାନେ ପ୍ରାଣ ହରାଇଥିବା ଜଣାପଡିଛି । ତେବେ ଏହା ବଡ ଅଘଟଣ ଆଗକୁ ବଢିବା ପୂର୍ବରୁ ପୁଲିସ ପ୍ରଶାସନର ତ୍ୱରିତ ପଦକ୍ଷେପ ବିବାଦକୁ ପ୍ରଶମିତ କରିଥିବା ଜଣାପଡିଛି । ଅନ୍ୟପଟେ ପରିଚାଳନାର ଭୁଲ୍ ପାଇଁ ଏପରି ଏକ ଅଘଟଣ ଘଟିଥିବା କୁହାଯାଉଛି । ଅନ୍ୟପଟେ ଏହି ଅଘଟଣକୁ ସମ୍ବେଦନଶୀଳ ବୋଲି ଦର୍ଶାଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଗୃହ ମନ୍ତ୍ରାଳୟର ପ୍ରିନସିପାଲ ସେକ୍ରେଟେରୀ, ଜମ୍ମୁର ଏଡିଜିପି ଏବଂ ଡିଭିଜନାଲ କମିଶନରଙ୍କୁ ନେଇ ଏହି ତଦନ୍ତ ହେବ ।

## ଓମିକ୍ରନ ଭୟ ଭିତରେ ....

ବେଳେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି । ଏଭଳି ପରିସ୍ଥିତିରେ ଏହି ଆକଳନ କେତେ ଲୋକଙ୍କୁ ଓମିକ୍ରନ ସଂକ୍ରମିତ କରିବ, ସେନେଇ ସମସ୍ତଙ୍କୁ ଆଶଙ୍କା ଭିତରକୁ ଠେଲିଦେଲାଣି । ୧୫ଟି ରାଜ୍ୟରେ ଏବେ ଓମିକ୍ରନର ପ୍ରଭାବ ଦେଖିବାକୁ ମିଳିଲାଣି । ବିହାର, ଛତିଶଗଡ, ଗୁଜୁରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଭଳି ୧୨ ରାଜ୍ୟରେ ଆର୍-ଭାଲ୍ୟୁ ୧.୨ ଅତିକ୍ରମ କରିସାରିଲାଣି । ଏପରିକି କିଛି ରାଜ୍ୟରେ ସଂକ୍ରମଣ ଦୁଇଗୁଣାରୁ ଅଧିକ ହୋଇସାରିଲାଣି । ଦେଶରେ ଏବେ କରୋନାର ଯେଉଁ ସଂଖ୍ୟା ଦେଖିବାକୁ ମିଳୁଛି, ତାହା ଓମିକ୍ରନର ଲହର୍ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।

# ଅରୁଣ ଦେଙ୍କ ସ୍ମୃତିରେ ତାଙ୍କ ବାସଭବନରେ ନୂଆବର୍ଷ ବନ୍ଧୁମିଳନ

ବାଲେଶ୍ୱର,୦୧/୦୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ରାଜନେତା ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେଙ୍କ ସ୍ୱର୍ଗବାସ ପରେ ମଧ୍ୟ ନୂଆବର୍ଷ ଅବସରରେ ଶନିବାର ମଲିକାଶପୁରସ୍ଥିତ ତାଙ୍କ ବାସଭବନରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଛି । ସ୍ୱର୍ଗତ ଦେଙ୍କ ସମୟରେ ପ୍ରତି ନୂଆବର୍ଷର ପ୍ରଥମ ଦିବସରେ ଶହ ଶହ ସଂଖ୍ୟାରେ କର୍ମୀ, ସମର୍ଥକ ଓ ସହଯୋଗୀ ଆସି ତାଙ୍କୁ ଶୁଭେଚ୍ଛା ଜଣାଉଥିଲେ । ତାଙ୍କର ଏହି ପରମ୍ପରା ଓ ସ୍ମୃତିକୁ ବଜାୟ ରଖିବା ପାଇଁ ସ୍ୱର୍ଗତ ଦେଙ୍କ ଅନୁଗାମୀ ତଥା ଅରୁଣ ଦେ ସ୍ମୃତି କମିଟିର କର୍ମକର୍ତ୍ତାମାନେ ଆଜି ତାଙ୍କ ବାସଭବନରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ସ୍ମୃତି କମିଟି ପକ୍ଷରୁ ଏଠାରେ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ଅରୁଣ ଦେଙ୍କୁ ଭଲ ପାଉଥିବା ତଥା ଅତୀତରେ ତାଙ୍କର ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର ଲୋକେ ପହଞ୍ଚିଥିଲେ । ବିଷ୍ଣୁ ପ୍ରସାଦ ମହାନ୍ତି, ରଞ୍ଜନ ବାଗ, ବିନୋଦ ଜୀ, ଅନସୂୟା ନାୟକ, ଶରତ ଦାସ, ଅଭିଜିତ ଦାସ, ଜୟନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ଗୋପୀନାଥ ରାଉତ ପ୍ରମୁଖ ସ୍ମୃତି କମିଟିର କର୍ମକର୍ତ୍ତାମାନେ ଏହି ବନ୍ଧୁ ମିଳିନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସ, ଶିକ୍ଷାବିତ ଶତ୍ରୁଘ୍ନ ମଲିକ, ପୂର୍ବତନ ପୌରପାଳ ତପନ ଚକ୍ରବର୍ତ୍ତୀ, ନିକୁଞ୍ଜ କିଶୋର ଦାସ, ଗୋପୀନାଥ ସେନାପତି, ପ୍ରଦୀପ କୁମାର ଦାସ, ମାୟାଧର ପଣ୍ଡା, ଅନୀଲ କୁମାର ଶର୍ମା, ପ୍ରିୟବ୍ରତ ସାହୁ, ସୁଧାକର ପଣ୍ଡା, ସୌମ୍ୟ ରଞ୍ଜନ ଯାଦବ, ବଂଶୀଧର ପଣ୍ଡା, ମଧୁସୂଦନ ମହାପାତ୍ର, ବିଶ୍ୱଜିତ ମହାପାତ୍ର, ଉମାକାନ୍ତ ଶତପଥୀ, ସନତ କୁମାର ଦାସଙ୍କ ସମେତ ଅରୁଣ ଦେଙ୍କୁ ଭଲ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ୱର୍ଗତ ଦେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କୁ ମନେ ପକାଇଥିଲେ । ପରେ ଜନ ସମସ୍ୟା ଓ ଅନ୍ୟାୟ ବିଷୟ ଉପରେ ଆଲୋଚନା କରାଯାଇଥିଲା । ସ୍ୱର୍ଗତ ଦେଙ୍କ ସ୍ମୃତିରେ ପ୍ରତି ନୂଆବର୍ଷରେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମସ୍ତେ ସମ୍ମତି ପ୍ରଦାନ କରିଥିଲେ ।

# 'ଆମ ପ୍ରମିୟର ଲିଗ' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : 'ହବିବ ଲାୟନ୍ସ' ଚମ୍ପିଅନ

ବାଲେଶ୍ୱର,୦୧/୦୧ (ନି.ପ୍ର): ବାଲେଶ୍ୱର ସହରର ଚାନ୍ଦମାରୀପଡ଼ଆରେ ଚାଲିଥିବା 'ଆମ ପ୍ରିମିୟର ଲିଗ କ୍ରିକେଟ' ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । କ୍ରିକେଟ କ୍ଲବର ସଭାପତି ସୁଶାନ୍ତ କୁମାର ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଟି୍ ଅଂଶଗ୍ରହଣ କରିଥିଲେ । ହବିବ ଲାୟନ୍ସ ଓ ଷ୍ଟ୍ରାଇକର-୧୧ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଷ୍ଟ୍ରାଇକର ଇଲେଭେନ ଟସ୍ ଜିଣି ହବିବଲାୟନ୍ସକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ହବିବ ଲାୟନ୍ସ ୧୫ ଓଭରରେ ୮ ୱିକେଟ ବିନମୟରେ ୨୦୯ ରନ୍ ସଂଗ୍ରହ କରିଥିଲା । ଜବାବରେ ଷ୍ଟ୍ରାଇକର-୧୧ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୨ ରନ କରିବାକୁ ସକ୍ଷମ ହୋଇଥିଲା । ଫଳରେ ହବିବ୍ ଲାୟନ୍ସ ୮୭ ରନରେ ବିଜୟୀ ହେବା ସହ ଟୁର୍ଣ୍ଣାମେଣ୍ଟର ଚମ୍ପିଆନ ଘୋଷିତ ହୋଇଥିଲା । ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ରେବତୀ ପତ୍ରିକାର ସମ୍ପାଦିକା ତଥା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ସୃଷ୍ଟିରେ ସହାୟକ ହୋଇପାରିଛି ବୋଲି କହିଥିଲେ । ପୂର୍ବତନ ପୌର ସଦସ୍ୟା ଶକୁନ୍ତଳା ସିଂ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ କ୍ରିକେଟ ଖେଳାଳିଙ୍କ ଟୁର୍ଣ୍ଣାମେଣ୍ଟ ଆୟୋଜନକୁ ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଗବାନ ମୋହିନୀ, ଗୌରାଙ୍ଗ ପାଣିଗ୍ରାହୀ, ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଅମିତ ଅମିତାଭ ମହାକୁଡ ପ୍ରମୁଖ ଏଥିରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଉତୋରତୋର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଚମ୍ପିଆନ ଓ ରନର୍ସ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ଏହା ସହିତ ମ୍ୟାନ ଅଫ ଦି ମ୍ୟାଚ ସାଗର ସାହୁ, ମ୍ୟାନ ଅଫ ଦି ସିରିଜ୍ ପ୍ରକାଶ କୁମାର ବାରିକ, ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ପରମାନନ୍ଦ ମହାପାତ୍ର, ଶ୍ରେଷ୍ଠ ବୋଲର ସାହିଲ ଖାନ୍, ଶ୍ରେଷ୍ଠ ଫିଲଡର ଜୀବନ ବାରିକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ପାଦକ ପରମାନନ୍ଦ ମହାପାତ୍ର, ଦେବାଶିଷ ବାରିକ, କମଳଲୋଚନା ଦାସ, ଗୋପାଳ ମାନ୍ନା, ପ୍ରିତମ ଟୁଡୁ ପ୍ରମୁଖ ସଂଗଠନର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱର୍ଗତ ଡା.ହରିଶ୍ଚନ୍ଦ୍ର ଜେନାଙ୍କ ଜୟନ୍ତୀ

ବାଲେଶ୍ୱର,୦୧/୦୧ (ନି.ପ୍ର): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତ ଡା. ହରିଶ୍ଚନ୍ଦ୍ର ଜେନାଙ୍କ ୮୮ତମ ଜୟନ୍ତୀ ଶନିବାର ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମମତା ମହାପାତ୍ର ଅଧକ୍ଷତା କରିଥିଲେ । କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ୱର୍ଗତ ଡା. ଜେନାଙ୍କ ଫଟୋଚିତ୍ର ଓ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କମିଟିର ୧୬ ବାର୍ଷିକ ସମ୍ମିଳନୀ ବାତିଲ ସମ୍ପର୍କରେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ସମସ୍ତଙ୍କୁ ଅବଗତ କରିଥିବା ବେଳେ କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ୨୦୨୧ ମସିହାର ମୁଖପତ୍ର ଉନ୍ମୋଚନ କରାଯାଇଥିଲା । ସଂପାଦନା ମଣ୍ଡଳୀର ମୁଖ୍ୟ ନିରଞ୍ଜନ ରାଉତ ସମ୍ପାଦକୀୟ ପାଠ କରିଥିଲେ । ପୃଷ୍ଠପୋଷକ ଓ ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ବର୍ଷକ ମଧ୍ୟରେ ଇହଧାମ ପରିତ୍ୟାଗ କରିଥିବା ସଦସ୍ୟ-ସଦସ୍ୟାଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଉପ ସଭାପତି ଭଗବାନ ଚନ୍ଦ୍ର ରାଉତ, ପୂର୍ବତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ ଓ ଦିଲୀ କମିଟିର ସଭାପତି ପ୍ରଫେସର ଅଜୟ ପଟ୍ଟନାୟକ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପ-ସଭାପତି ପ୍ରଭାକର ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ସୁବ୍ରତ କର ପ୍ରମୁଖ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ସ୍ୱର୍ଗତ ଜେନାଙ୍କ ପରିବାରଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ । ଜିଲାର ସରକାରୀ ଡାକ୍ତରଖାନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଉପସ୍ଥିତ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ । ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତର ନରହିବା, ନିର୍ମାଣାଧୀନ ଏମସ ବହିର୍ବିଭାଗ କାର୍ଯ୍ୟକ୍ଷମ ନହେବା, ନର୍ସିଂ କଲେଜ ଓ ଆୟୁଷ ହସପିଟାଲ୍ ନିର୍ମାଣ ଆରମ୍ଭ ନହେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭୁବନେଶ୍ୱର କମିଟିର ସଭାପତି ଡ. ଅଦୈତ୍ୟ ପାତ୍ର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଶ୍ରଦ୍ଧାଞ୍ଜଳି ରାୟ, ଡ. କେଶବ ଚନ୍ଦ୍ର ପଣ୍ଡା, ଆଇନଜୀବୀ କରୁଣାକର ରଥ, ମାୟାଧର ନାୟକ, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଦୁଷ୍ମନ୍ତ ଦାସ, କୁମୁଦରଞ୍ଜନ ଗିରି, ସାମ୍ବାଦିକ ଅଜିତ ମହାନ୍ତି, କବି ଜଳଧର ପଣ୍ଡା, ବନ୍ଦନା ପାଳ, ଫକୀରମୋହନ ମେଡିକାଲ୍ କଲେଜ୍ ଛାତ୍ରସଂସଦ ସଭାପତି କୀର୍ତ୍ତିମାନ ସାହୁ, ପ୍ରମିତା ଦାସ, ଅନିମା ଜେନା, ଓକିଲ ସଂଘର ସଭାପତି ମନୋଜ ନାୟକ, ଇଂ. ବନମାଳି ନାୟକ, ଯଶୋଦା ନନ୍ଦନ ଆସ୍, ଯୋଗେନ୍ଦ୍ର ମାହାର୍ଣ୍ଣା, ସେକ୍ କରିମ୍, ବେଣୁଧର ପାଳ, ଦୀନବନ୍ଧୁ ଲେଙ୍କା, ଅଖିଳ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ଡ. ସମାପିକା ପରିଡ଼ା, ଶଚିନ୍ଦ୍ର ଦାସ, ଅନିଲ୍ ପଟ୍ଟନାୟକ, ବିଜୟ ଦାସ ଅଧିକାରୀ, ଇଂ. ବିନୋଦ ଦାସ, ଶଶାଙ୍କ ଶେଖର ଦଣ୍ଡ ଓ ପ୍ରଜ୍ଞାପାରମିତା ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ଡ. କ୍ଷୀତିଶ୍ୱର ଦାଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନବବର୍ଷ ସାରସ୍ୱତ ସମାରୋହ ଓ ପୁସ୍ତକ ଲୋକାର୍ପିତ

ଜଳେଶ୍ୱର,୦୧/୧(ନିପ୍ର): ସାମ୍ପ୍ରତିକ ସଙ୍କଟବେଳେ ସାହିତ୍ୟକାରଙ୍କ ଅର୍ଥନୈତିକ, ଆଧ୍ୟାତ୍ମିକ, ମାନବିକ ଓ ନୈତିକ ମୂଲ୍ୟବୋଧ ପରବର୍ତ୍ତୀ ସମୟରେ ଇତିହାସ ପାଲଟିଯାଏ । କିନ୍ତୁ ତତ୍‌କାଳୀନ ଘଟଣାବଳି, ଲୋକକଥା, ଲୋକକଳା ଓ ସଂସ୍କୃତି ହଜି ଯାଉଥିବାରୁ ଆଗାମୀ ପିଢୀପାଇଁ ଏହାର ସଂରକ୍ଷଣ ଅତି ଆବଶ୍ୟକ ଯାହାକୁ ଏବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଇତି ରଖିବା ପ୍ରଚେଷ୍ଟା କରି ସୃଷ୍ଟି କରିଛନ୍ତି ଓଡ଼ିଆ ଲୋକ କଳା ଓ ଲୋକ ସଂସ୍କୃତି ବୋଲି ବିଶିଷ୍ଟ ସାହିତ୍ୟକାରମାନେ ଏଠାରେ ମତବ୍ୟକ୍ତ କରିଛନ୍ତି । ପୁସ୍ତକକୁ ଉନ୍ମୋଚନ କରି ଡ. ସିରିଶ ଚନ୍ଦ୍ର ଜେନା ଓଡିଆ ଲୋକ ସଂସ୍କୃତିରୁ ହଜି ଯାଉଥିବା ବିଷୟବସ୍ତୁକୁ ଜନମାନସରେ ଉଦ୍‌ଜିବୀତ କରିବାର ଏହା ସେ ପ୍ରୟାସ କରିଛନ୍ତି । ଏଥିରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଭରତ ଚନ୍ଦ୍ର ଦାଶ ଓ କାଳିପଦା ପଣ୍ଡା ପ୍ରମୁଖ ଏହି ପୁସ୍ତକରେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଲୋକ ସଂସ୍କୃତିର ତତ୍ତ୍ୱଗତ ଓ ବସ୍ତୁଗତ ପରିଚୟ ଲିପିବଦ୍ଧ କରିଛନ୍ତି । ଦୂରଦୃଷ୍ଟି ସମ୍ପନ୍ନ ସାହିତ୍ୟକାରମାନେ ଧର୍ମ ଦର୍ଶନ, ଇତିହାସ, ସାହିତ୍ୟ, ଚାରୁ ଓ କାରୁକଳା ଆଦି ସହିତ ଲୋକ ସଂସ୍କୃତିର ସଂପର୍କକୁ ଯୋଡିଥାନ୍ତି ବୋଲି ସେମାନେ କହିଛନ୍ତି । କବି ବ୍ରଜେନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ସର୍ବେଶ୍ୱର ଜେନା, ସୁକାନ୍ତ ଗିରି, ନିବାରଣ ଜେନା, ସନ୍ତୋଷ ନାୟକ, ଡ. ସିପ୍ରା ସରକାର, ଦୟାନିଧି ସାହୁ, ସୁକୁମାର ଦାସ ପ୍ରମୁଖ ତାରୁଣ୍ୟ ମିଳନି କକ୍ଷରେ ଇଂରାଜୀ ନବବର୍ଷ ସାରସ୍ୱତ ସମାରୋହ ଓ ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସ୍ୱାଗତ ଓ ଦୀର୍ଘ ୪୨ବର୍ଷଧରି ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ନବବର୍ଷ ପାଳିତ ହୋଇ ଆସୁଛି । ପଶ୍ଚିମବଂଗ ଓ ଓଡିଶା ସାରସ୍ୱତ ସାଧକ ମାନେ ଯୋଗ ଦେଇ ଆସୁଥିବାର କହିଥିଲେ । ଯୋଗେଶ ଚନ୍ଦ୍ର ରାଉଳ ମଂଚ ଆହ୍ୱାନ କରିଥିବା ବେଳେ ଭୁଗୁରାମ କର ବେଦପାଠ କରିଥିଲେ । ପ୍ରଥମ ଅଧିବେସନରେ ଡ. ରମାକାନ୍ତ ଭଂଜ ଅଧ୍ୟକ୍ଷତା କରିଥିବା ବେଳେ ବଂଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# କାଠଗୋଛି ପଥର ଖାଦାନକୁ ନେଇ ଭୁଲତଥ୍ୟ ଦେବା ମହଂଗା ପଡ଼ିଲା

## ୨୫ହଜାର ଟଙ୍କା ଅର୍ଥଦଣ୍ଡ ଶୁଣାଇଲେ ଜାତୀୟ ଗ୍ରୀନ ଟ୍ରିବୁନାଲ

ନୀଳଗିରି, ୦୧/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲଦ ଅଧିନ କାଠଗୋଛି ପଥର ଖାଦାନ ଲିଜକୁ ନେଇ ବିବାଦ ଦେଖା ଯାଇଥିଲା । ବେଆଇନ ଭାବେ ଉକ୍ତ ପଥର ଖାଦାନ ଚାଲିବା ଓ ପରିବେଶ ଦୂଷିତ ହେବା ନେଇ ଜଣେ ବ୍ୟକ୍ତି ପ୍ରଶାସନ ବିରୁଦ୍ଧରେ ଜାତୀୟ ଗ୍ରୀନ୍ ଟ୍ରିବୁନାଲର ଦ୍ୱାରସ୍ଥ ହୋଇଥିଲେ । ଶେଷରେ ମିଥ୍ୟା ସତ୍ୟାପାଠ ଦାଖଲ କରିବା ନେଇ ତଦନ୍ତ ପରେ ଜଣାପଡ଼ିବାରୁ ଜାତୀୟ ଗ୍ରୀନ୍ ଟ୍ରିବୁନାଲ ପୂର୍ବାଂଚଳ ଶାଖା ବେଂଚ ସଂପୃକ୍ତ ବ୍ୟକ୍ତିଙ୍କୁ ୨୫ହଜାର ଟଙ୍କା ଅର୍ଥଦଣ୍ଡ ଶୁଣାଇବା ସହ ଅନାଦେୟ ସଂପତି ଜବତ କରି ଆଦାୟ କରିବାକୁ ଶୁଣାଣି କରିଛନ୍ତି । ସୂଚନାଯୋଗ୍ୟ ନୀଳଗିରି ତହସିଲ ଅଧିନରେ ପୂର୍ବରୁ ବହୁ ପଥର ଖାଦାନ ଚାଲୁଥିଲା ହେଲେ ଜାତୀୟ ଗ୍ରୀନ୍ ଟ୍ରିବୁନାଲ କଟକଣା ସମେତ କୁଲଡିହା ସୀମାରୁ ଇକୋ ସେନସଟିଭି ଜୋନ ପାଇଁ ଖାଦାନ ଗୁଡ଼ିକ ବନ୍ଦ ପଡ଼ିଥିଲା । ହେଲେ ପଥର ଶିଳ୍ପ ସଂଗଠନ ତରଫରୁ କାଠଗୋଛି ଖାଦାନ ଆବେଦନ କରାଯିବା ପରେ ମେଜର ମାଇନର ମିନୋରାଲ ଧାରା ଅନୁସାରେ ଡିଏଲସି ଏବଂ ସିଆ କମିଟିର ତଦନ୍ତ ପରେ ସଂଗଠନର ସଭାପତି ଶାନ୍ତନୁ ମହାପାତ୍ରଙ୍କ ନାମରେ ୫ବର୍ଷ ପାଇଁ ଲିଜ୍ ସୂତ୍ରରେ ଦିଆଯାଇଥିଲା । ହେଲେ ପଥର ଖାଦାନ ଅପରେସନ ବେଳକୁ ଆରମ୍ଭ ହୋଇଥିଲା ତୁମ୍ବି ତୋଫାନ । କିଛି ଅଂଚଳବାସୀ ଏହାକୁ ବିରୋଧ କରିବା ପରେ ଖନ୍ତାପଡ଼ା କସବାଜୟପୁର ଅଂଚଳର ଛତ୍ରପୁର ଅଂଚଳର ବିନୟ କୁମାର ମଳିକ ସତ୍ୟପାଠ ପୂର୍ବକ ଜାତୀୟ ଗ୍ରୀନ ଟ୍ରିବୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ । ବେଆଇନ ପଥର ବ୍ଲାଷ୍ଟିଂ, ସଂରକ୍ଷିତ ଜଙ୍ଗଲରେ ହେବା, ପଥର ଗଚ୍ଛିତ ପାଇଁ ପରିବେଶ ଦୂଷିତ ହେବା, ବିଜୁ କୃଷକ ବିକାଶ ଯୋଜନାରେ ଗଭୀର ନଳକୂପ ର ଜଳସ୍ତର ଖସିଯିବା, ପଥର ଖାଦାନ ୧୦୦ ଫୁଟ ଗଭୀର ହେବା, ୨୭ମିଟର ଦୂରରେ କାଠଗୋଛିଣି ମନ୍ଦିର ରହିବା, କୁଲଡିହା ଅଭୟାରଣ୍ୟ ଠାରୁ ଇକୋସେନସିଟିଭ ଜୋନ ପଡ଼ିବା, ଏଭଳି ଅନେକ ଅଭିଯୋଗ ନେଇ ସେ ଗ୍ରୀନ ଟ୍ରିବୁନାଲର ଦ୍ୱାରସ୍ଥ ହୋଇଥିଲେ । ୨୦୨୧ଡିସେମ୍ବର ମାସ ୨୩ତାରିଖରେ ଜାତୀୟ ଗ୍ରୀନ ଟ୍ରିବୁନାଲ ପୂର୍ବାଂଚଳ ଜୋନର ବେଂଚ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ପରେ ଖାଦାନକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହୋଇଥିଲା । ଡିଏଲସି ଓ ସିଆ କମିଟିର ତଦନ୍ତ ରିପୋର୍ଟ, ପଲ୍ୟୁସନ କଂଟ୍ରଲବୋର୍ଡର ତଦନ୍ତ ରିପୋର୍ଟ, ଆଧାରରେ ଅଭିଯୋଗ କରିଥିବା ବିନୟ କୁମାର ମଳିକଙ୍କୁ ଭୁଲ ତଥ୍ୟ ଦେଇ ଅଭିଯୋଗ କରିଥିବା ଆଧାରରେ ୨୫ହଜାର ଟଙ୍କା ଆର୍ଥିକ ଦଣ୍ଡ ଯାହାକୁ ୧୫ଦିନ ଭିତରେ ଜାତୀୟ ଗ୍ରୀନ୍ ଟ୍ରିବୁନାଲ ଙ୍କ ପାଖରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନଚେତ୍ ତାଙ୍କ ସଂପତିରୁ ଏହା ଆଦାୟ କରାଯିବା ସହ ଜିଲ୍ଲାପାଳଙ୍କୁ ଘଟଣାର ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି । ତେବେ ଏଭଳି ନିର୍ଦ୍ଦେଶ ଆସିବା ପରେ ପଥର ଖାଦାନ ଏବେ ଶତପ୍ରତିଶତ ଚାଲିବା ଆଶା ଉଜ୍ଜିବିତ ହେବା ସହ ପଥର ମାଲିକ, କ୍ରସର ମାଲିକ ସଂଘକୁ ଆଶ୍ୱସ୍ତି ମିଳିଛି ।

# ଦିବ୍ୟାଙ୍ଗ ପିଲାଙ୍କ ଗହଣରେ ନୂଆବର୍ଷ ପାଳିଲେ ପର୍ଯ୍ୟଟନ ମନ୍ତ୍ରୀ



ଖଇରା, ୦୧/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନ କଣ୍ଟାବଣିଆସ୍ଥିତ କେଶବପୁରସ୍ଥମ ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ପିଲାଙ୍କ ସହ ନୂଆବର୍ଷ ପାଳିଛନ୍ତି ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ । ଶନିବାର ଅପରାହ୍ନରେ ସେ ବିଦ୍ୟାଳୟକୁ ଯାଇ ପ୍ରଥମେ ଦିବ୍ୟାଙ୍ଗ ପିଲାଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସହ ସେମାନଙ୍କୁ ଉଷ୍ଣରୀୟ ପ୍ରଦାନ କରିବା ସହ ଫଳ, ଚକୋଲେଟ ଏବଂ ମାସ୍କ ବଣ୍ଟନ କରିଥିଲେ ।ଏହି ଅବସରରେ ମନ୍ତ୍ରୀ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଉକ୍ତ ବିଦ୍ୟାଳୟର ଅନ୍ତେବାସୀଙ୍କ ପାଇଁ ସହାନୁଭୂତି ପ୍ରଦର୍ଶନ କରି ସୁରକ୍ଷା ପାଚେରୀ, ଶ୍ରେଣୀଗୃହ, ପାନୀୟ ଜଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶୃତି ଦେଇଥିଲେ । ପରେ ମନ୍ତ୍ରୀ ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମୀତ ହେବାକୁ ଥିବା ଶ୍ରେଣୀ କକ୍ଷର ଭିତ୍ତି ପ୍ରସ୍ତର ସ୍ଥାପନା କରିଥିଲେ । ଗୋବିନ୍ଦପୁର ପଞ୍ଚାୟତର ଯୁବ ସଙ୍ଗଠକ ଅନନ୍ତ ପ୍ରସାଦ ବାରିକ, ପୂର୍ବତନ ସମବାୟ ବ୍ୟାଙ୍କ ପରିଚାଳକ ରବିନ୍ଦ୍ର କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଷ୍ଠାତା କେଶବ ମହାପାତ୍ର ଓ ପ୍ରଧାନଶିକ୍ଷୟତ୍ରୀ ମମତା କର ପ୍ରମୁଖ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।

# ‘ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ’ ପୁସ୍ତକ ଲୋକାର୍ପିତ



ଭଦ୍ରକ, ୦୧/୦୧ (ନି.ପ୍ର): ‘ବନ୍ଦେ ଉତ୍କଳ ଜନନୀ’ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ସଂଗୀତର ମାନ୍ୟତା ପାଇବା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନୀକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ଥାନିତ କରିବା ଓଡ଼ିଶା ରାଜ୍ୟ ପାଇଁ ଗର୍ବ ଓ ଗୌରବ ବୋଲି ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ରଚିତ ‘ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ’ ପୁସ୍ତକକୁ ଲୋକାର୍ପଣ କରି ବିରୋଧୀ ଦଳର ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ନିଜର ବକ୍ତବ୍ୟରେ କହିଥିଲେ । ଏହି ପୁସ୍ତକ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଓ ସ୍ମରଣୀୟ ପୁସ୍ତକ ହୋଇରହିବ ବୋଲି ବକ୍ତାମାନେ ନିଜ ନିଜର ମତ ରଖିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ଶ୍ରୀ ମହାପାତ୍ର ଅନେକ ପୁସ୍ତକ ରଚନା କରି ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତଥା ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ଓ ସ୍ୱବାଗ୍ମୀତା ପାଇଁ ତାଙ୍କୁ ରାଜଧାନୀରେ ‘ବୀର କଳିଙ୍ଗ ରତ୍ନ’ ଉପାଧିରେ ଭୂଷିତ କରାଯାଇଛି । ସେଥିପାଇଁ ଭଦ୍ରକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧନା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଶ୍ରୀ ମହାପାତ୍ରଙ୍କୁ ଭୂୟସୀ ସମ୍ବର୍ଦ୍ଧନା କରାଯାଇଥିଲା । ସାଧନା ସାହିତ୍ୟ ଏକାଡେମୀର ସ୍ଥାୟୀ ସଭାପତି ବିଷ୍ଣୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରାଚୀନ କବିତା ଏକ ଜୀବନାଦର୍ଶୀ ମାର୍ଗୀ ବୋଲି ନିଜ ବକ୍ତବ୍ୟରେ କହିଥିବାବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ଇଂ ଅଭୟ ସୂତାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଦ୍ରକର ଅନାଲୋଚିତ୍ୟ ପ୍ରତିଭା ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଏହି ଅବସରରେ ସାଧନା ସାହିତ୍ୟ ଏକାଡେମୀର ବର୍ଷାନ୍ତେ କବିତା ଆସରରେ ଭଦ୍ରକର କବି ତଥା ସ୍ତମ୍ଭକାର ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଶିଶୁ ସାହିତ୍ୟିକ ହରମୋହନ କୁଅଁର, ପ୍ରାବନ୍ଧିକ କିରଣ ଚନ୍ଦ୍ର ଗୁଇଁ, କଳା ଗୌରବ ଗୌରାଙ୍ଗ ଚନ୍ଦ୍ର ବାରିକ, ଆଦର୍ଶ ଶିକ୍ଷକ ମୁସ୍ତାକ ଗୌହ୍ୱର, ନିରଂଜନ ବାରିକ, ପ୍ରଶାନ୍ତ କୁମାର ମହଲ, ଅବଦୁଲ ଦୟାନ, ଶିଶୁ ସାହିତ୍ୟିକ ଦୟାନିଧି ବେହେରା, କବି ବସନ୍ତ କୁମାର ପାତ୍ର, କବୟିତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର, ଆଦର୍ଶ ଶିକ୍ଷୟିତ୍ରୀ ରଶ୍ମିତା ଦାଶ, ମନସ୍ମିତା ଦାସ, ମେଘମାଳା ପଣ୍ଡା ପ୍ରମୁଖ ନିଜ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଆଦର୍ଶ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ଆନୁଷ୍ଠାନିକ ଭାବେ ଅତିଥି ପରିଚୟ ଦେଇଥିବାବେଳେ ଆଦର୍ଶ ଶିକ୍ଷକ ନିରଂଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୬୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୨ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ସମାଜସେବୀଙ୍କ ବିୟୋଗରେ ଶୋକ

ଜଳେଶ୍ୱର, ୦୧/୧(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ପଂଚାୟତର କାଶିଡିହା ଗ୍ରାମର ସମାଜସେବୀ, ସଂଗଠକ, ଶିକ୍ଷାବିତ୍ ଅକ୍ଷୟକ କୁମାର ରାଜ ୭୪ ବର୍ଷ ବୟସରେ ନିଜ ଘରେ ଗତ ୨୪ ତାରିଖ ରାତି ୧୨ ତାରିଖରେ ପରଲୋକ ଘଟିଥିଲା । ସେ ବହୁମୂତ୍ର, ମୂତ୍ର, ଯକୃତ ଇତ୍ୟାଦି ରୋଗରେ ପିଡିତ ଥିଲେ । ତାଙ୍କ ମୃତ୍ୟୁରେ ସେ ଅଂଚଳର ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ମୃତ୍ୟୁଶଯ୍ୟାଠାରେ ୩ପୁଅ, ବୋହୂ, ନାତିନାତୁଣୀ, ଭାଇ, ପୁତୁରା ଓ ସ୍ତ୍ରୀ ରାଧାରଶରୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ସରପଂଚ ଦିନେଶ ଜେନା, ଅହିନ୍ଦ୍ର ନାଥ ରାଜ, ହରିଶଂକର ରାଜ, ଅମୂଲ୍ୟ ରାଜ, ରାମଶଂକର ରାଜ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁ ମିଳନ

ଖଇରା, ୦୧/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଠାରେ ବରିଷ୍ଠ ନାଗରିକ ମଞ୍ଚ ର ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଶରତ କୁମାର ବିଶ୍ୱାଳ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ଦିବଂଗତ ସଦସ୍ୟ ଭିମସେନ ରାମ ଓ କୃଷ୍ଣଚନ୍ଦ୍ର ହାତୀ ଙ୍କ ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ କରିଥିଲେ । ସଭ୍ୟମାନଙ୍କର ପରିଚୟ ପତ୍ର ଫେବୃଆରୀ ମାସ ପ୍ରଥମ ସପ୍ତାହରେ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଖଇରା, କୁପାରୀ, ଡୁଙ୍ଗୁରା, ଅନ୍ତରା, ଗଣ୍ଡିବେଡ ଓ ତୁଡିଗଡିଆ ଜୋନ ମାନଙ୍କରେ ମାସିକ ବୈଠକ, ଖଇରା ଜୋନର ଦାୟିତ୍ୱ ବୁଦ୍ଧିରାମ ପାଣିଗ୍ରାହୀ, କୁପାରୀ ଜୋନ ଦାୟିତ୍ୱ ରତ୍ନାକର ସେଣ୍ଠ, ଡୁଙ୍ଗିରା ଜୋନ ଦାୟିତ୍ୱ ମାୟାଧର ନାୟକଙ୍କୁ ଦେବାକୁ ସ୍ଥିର କରାଯାଇଥିଲା । ନିରାଶ୍ରୟ ବରିଷ୍ଠ ନାଗରିକ ମାନଙ୍କୁ ଚିହ୍ନଟ କରାଯାଇ ଥାନା ମାଧ୍ୟମରେ ପରିଚୟ ପତ୍ର ଦେବା ସଂକ୍ରାନ୍ତରେ ଥାନା ଆଇଆଇସିଙ୍କୁ ଭେଟିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ତର୍ଯାମୀ ପାତ୍ର, କୃଷ୍ଣଚନ୍ଦ୍ର ପତ୍ରୀ, ଅନାମଚରଣ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ବିଷ୍ଣୁମୋହନ ଶତପଥି, ଡା ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସନ୍ତୋଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳାରେ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ



ଉଦଳା, ୦୧/୦୧ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ନାବରା ଗ୍ରାମ ଠାରେ ଆଜି ଜାନୁଆରୀ ୧ ତାରିଖ ଶନିବାର ଦିନ ସ୍ୱେଚ୍ଛାସେବୀ ସଂଗଠନ ବନସାଥୀ କେନ୍ଦ୍ର ଉଦ୍ୟମରେ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇ ଯାଇଛି । ପ୍ରାରମ୍ଭରେ ବନସାଥୀ କେନ୍ଦ୍ରର ପ୍ରତିଷ୍ଠାତା ପ୍ରକୃତିବନ୍ଧୁ ନରୋତ୍ତମ ଦାସ ଆଜି ହେଉଛି ବନସାଥୀ କେନ୍ଦ୍ରର ୩୬ତମ ପ୍ରତିଷ୍ଠା ଦିବସ, ତେଣୁ ଉପସ୍ଥିତି ଅତିଥି ମାନଙ୍କୁ ଗ୍ରାମରେ ଥିବା ଶାଳ ଜଙ୍ଗଲ ମଧ୍ୟରେ ୩୬ଟି ପ୍ରଦୀପ ପ୍ରଜ୍ୱଳନ କରିବାକୁ ଆମନ୍ତ୍ରଣ କରିଥିଲେ । ଗ୍ରାମବାସୀ ମାନେ ଶଙ୍ଖ, ଘଣ୍ଟା, ହୁଳହୁଳି ସହିତ ବେଦମନ୍ତ୍ର ଉଚ୍ଚାରଣ କରି ଶାଳଗଛକୁ ପୂଜାର୍ଚ୍ଚନା କରିଥିଲେ । ଏହାପରେ ବନସାଥୀ କେନ୍ଦ୍ରର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଦାସ ଦିର୍ଘ ୩୬ ବର୍ଷ ପୁର୍ବେ ବନସାଥୀ କେନ୍ଦ୍ରର ଜନ୍ମ ଇତିହାସ ବର୍ଣ୍ଣନା କରିବା ସହିତ ପ୍ରତିବର୍ଷ କିପରି ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇ ଆସୁଛି ସୂଚନା ପ୍ରଦାନ କରିଥିଲେ । ପରେ ଶିକ୍ଷାବିତ ତଥା ସାହିତ୍ୟିକ କିଶୋରଚନ୍ଦ୍ର ଦାସବାବୁଙ୍କ ଅଧ୍ୟକ୍ଷତାରେ ମୟୂରଭଞ୍ଜ ମିଶ୍ରଣ ଦିବସ ସମ୍ପର୍କିତ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୟୂରଭଞ୍ଜରେ ଓଡ଼ିଶା ହାଇକୋର୍ଟର ସର୍କିଟବ୍ୟାଞ୍ଚ ସ୍ଥାପନ କଥା ଉଠାଇବା ସହିତ ଏଥିପାଇଁ ଆନ୍ଦୋଳନ ଜୋରଦାର ହେବାର ଆବଶ୍ୟକତା ଅଛି ବୋଲି ବ୍ୟକ୍ତ କରିଥିଲେ । ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମୟୂରଭଞ୍ଜରୁ ଅଲଗା ହୋଇ ଯାଇଥିବା ଖରସୁଆଁ, ସରେଇକଳା ଅଞ୍ଚଳ ଯାହାକି ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟ ଅନ୍ତର୍ଗତ , ସେଠାକାର ଅଧିବାସୀ ମାନେ କିପରି ଓଡ଼ିଆ ଭାଷା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବିସ୍ତୃତ ବର୍ଣ୍ଣନା କରିବା ସହିତ ଏଥିପାଇଁ ମଧ ଆନ୍ଦୋଳନର ଚେତାବନୀ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠକ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସାମାଜିକ କର୍ମୀ ଆଶିଷ ମଲ୍ଲିକ, କବି ସନ୍ତୋଷ କୁମାର ସାହୁ ଓ ସାମାୟ ଚରଣ ମାର୍ଣ୍ଡି ଆଲୋଚନାରେ ଅଂଶ ଗ୍ରହଣ କରି ମୟୂରଭଞ୍ଜର ଅତିତ ଓ ବର୍ତ୍ତମାନକୁ ତୁଳନା କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବଜେଟ୍ ପ୍ରସ୍ତୁତି ପାଇଁ ମତାମତ ଦେଇପାରିବେ ଜନସାଧାରଣ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ୨୦୨୨-୨୩ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି ପୂର୍ବରୁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି ରାଜ୍ୟ ସରକାର । ସୋସିଆଲ ମିଡ଼ିଆ ଟ୍ୱିଟ୍‌ର, ଫେସବୁକ, ହ୍ୱାଟ୍‌ଆପ୍ ଓ ଇ-ମେଲ୍ ମାଧ୍ୟମରେ ମତାମତ ଆହ୍ୱାନ କରାଯାଇଛି । ନାଗରିକମାନେ ଜାନୁଆରୀ ୧ରୁ ୩୧ ତାରିଖ ଭିତରେ ନିଜର ମତାମତ ପଠାଇପାରିବେ । ୨୦୨୨-୨୩ ବର୍ଷର ବଜେଟ ପ୍ରସ୍ତୁତି ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଜନସାଧାରଣଙ୍କଠାରୁ ପରାମର୍ଶ ଆହ୍ୱାନ କରିଛନ୍ତି । ଯାହାକି ୱେବ୍ ପୋର୍ଟାଲ୍ https://budget.odisha.gov.in/ ରେ ଉପଲବ୍ଧ ରହିବ । ଏହି ପରାମର୍ଶ ଗୁଡ଼ିକ ଇ-ମେଲ୍ ଦ୍ୱାରା odisha.budget@gov.in ଠିକଣାରେ ପଠାଇ ପାରିବେ । ଏହାଛଡ଼ା ବଜେଟ୍ ସମ୍ବନ୍ଧୀୟ ମତାମତ ହ୍ୱାଟ୍ସଆପ୍ ମୋବାଇଲ ନମ୍ବର (+୯୧) ୯୪୩୮୧୬୧୧୧୧, Twitter(FdOdisha) ଓ Facebook(@FinanceOdisha) ରେ ଜନସାଧାରଣ ପଠାଇ ପାରିବେ । ୨୦୨୨ ଜାନୁଆରୀ ୧ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ ।

# ରାଜ୍ୟ ବିଜେପି ସଭାପତିଙ୍କ ନୀଳଗିରି ଗସ୍ତ

ନୀଳଗିରି, ୦୧/୦୧ (ନି.ପ୍ର): ଆଜି ନୂତନ ବର୍ଷରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ନୀଳଗିରି ଗସ୍ତ କରିଛନ୍ତି । ଦ୍ୱିପ୍ରହରରେ ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗେଶ୍ୱର କୁ ଯାଇ ମହାଦେବଙ୍କୁ ଦର୍ଶନ କରିବା ସହିତ ନୀଳଗିରି ବାସୀ ତଥା ରାଜ୍ୟବାସୀଙ୍କ ଶୁଭ ମନାସିଛନ୍ତି । ପରେ ନୀଳଗିରି ଡାକବଙ୍ଗଳାରେ ଆଜି ନିଜ ଦଳର କର୍ମୀ ତଥା ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସହିତ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲେ । ଗୋପିନାଥପୁର ଠାରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଆସନ୍ତା ୭ତାରିଖରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀବୈଷ୍ଣବଙ୍କ ଗସ୍ତ ଓ ଶିଳାନ୍ୟାସ ଉତ୍ସବକୁ ସଠିକ ରୂପାୟନ କରିବାକୁ ଆହ୍ୱାନ ଦେଇଥିଲେ । ଅଂଚଳବାସୀଙ୍କ ପାଇଁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବାରେ ଖାଲି ନୀଳଗିରି ବାସୀ ନୁହଁ ପଡ଼ୋଶୀ ଜିଲ୍ଲା ମଧ ବେଶ ଉପକୃତ ହେବେ ବୋଲି କହିଛନ୍ତି । ଏହି ଗସ୍ତରେ ବିଧାୟକ ଇଂ. ସୁକାନ୍ତ ନାୟକ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ, ସୋର ବିଧାୟକ ପ୍ରାର୍ଥୀ ରାକେଶ ମଲିକ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନପ୍ରଦୀପ ଦାସ, ଶୁଭଙ୍କର ମହାପାତ୍ର, ପର୍ଶୁରାମ ପରିଡ଼ା, ଉମାକାନ୍ତ ମହାପାତ୍ର, ଈଶ୍ୱର ଚନ୍ଦ୍ର ବେହେରା, କମଳା ବିନ୍ଧାଣୀ, ଜିଲ୍ଲା ଉପସଭାପତି ଗଂଗାଧର ମିଶ୍ର, ଚନ୍ଦ୍ରଶେଖର ନନ୍ଦ, ସିପ୍ରା ବାଜପେୟୀ, ସମରଶଙ୍କର କାନୁନଗୋ, କରୁଣାକର ପଣ୍ଡା, ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ ଦଳେଇ, ରାଧାଗୋବିନ୍ଦ ଖଟୁଆ, ତାପସ ମହାନ୍ତି ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହନ୍ତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥



(ତିରୋଧାନ ୨/୧/୨୦୦୮)

ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ଆମ ସମସ୍ତଙ୍କ ପ୍ରିୟ ଲିଲୁଭାଇଙ୍କ ୧୪ତମ
ଶ୍ରାଦ୍ଧବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ

## ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ନୂଆବର୍ଷରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୨୦୨୨ ଓଡ଼ିଶା ପାଇଁ ସମୃଦ୍ଧିର ବର୍ଷ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଓମିକ୍ରନ ମୁକାବିଲା ପାଇଁ ରାଜ୍ୟବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଏହାସହ କୋଭିଡ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି । ଏହାପରେ ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କର ଏକ ଭିଡ଼ିଓ ଆସିଥିଲା , ଯେଉଁଥିରେ ନବୀନଙ୍କର ଏକ ନିଆରା ଅନ୍ଦାଜ ଦେଖିବାକୁ ମିଳିଛି । କରୋନା କଟକଣା କାରଣରୁ ପୁରୀ ଶ୍ରୀମନ୍ଦିର ଭକ୍ତଙ୍କ ପାଇଁ ବନ୍ଦ ରହିଥିବା ବେଳେ ନବୀନ ନିବାସରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ । କାରଣ ପ୍ରତିବର୍ଷ ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ସହ ବର୍ଷର ଆରମ୍ଭ କରିଥାନ୍ତି ନବୀନ । ଭାଇରାଲ ହୋଇଥିବା ପ୍ରାୟ ଦେଢ ମିନିଟର ଭିଡ଼ିଓରେ ନବୀନ ଏକ ଧଳା ଟି-ସାର୍ଟ ପିନ୍ଧି ରୁମରୁ ବାହାରୁଥିବାର ଦେଖିବାକୁ ମିଳିଛି । ଆଉ ପରେ ଅନ୍ୟ ଏକ ରୁମର ଦ୍ୱାର ଖୋଲିବା ସହ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛନ୍ତି ।

# ନିମାପଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

### - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାପ୍ତ ବିଶିଷ୍ଟ କବି ଡ. ହୃଷିକେଶ ମଲ୍ଲିକ ସମ୍ମାନିତ
### - ସୁରେନ୍ଦ୍ର ପାଣିଗ୍ରାହୀଙ୍କର କବିତା ପୁସ୍ତକ ‘କବଂଧ ହେଇଯାଉଥିବା ସମୟ’ ଉନ୍ମୋଚିତ



ନିମାପଡ଼ା, ୦୧/୦୧ (ନି.ପ୍ର): ଆଜି ନିମାପଡ଼ା ସାହିତ୍ୟ ସଂସଦର ୮ମ ବାର୍ଷିକ ଉତ୍ସବ ଅବସରରେ କବି ସୁରେନ୍ଦ୍ର ପାଣିଗ୍ରାହୀଂକର କବିତା ପୁସ୍ତକ ‘କବଂଧ ହେଇଯାଉଥିବା ସମୟ’କୁ ଉନ୍ମୋଚନ କରିଥିଲେ ଶାସ୍ତ୍ରୀୟ ଭାଷା ଓଡ଼ିଆ ଉତ୍କର୍ଷ କେଂଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବରିଷ୍ଠ ସମାଲୋଚକ ପ୍ରଫେସର ଡ. ବସଂତ କୁମାର ପଣ୍ଡା ଓ ‘ସରିଯାଇଥିବା ଅପେରା’ ପାଇଁ କେଂଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ରେ ସମ୍ମାନିତ ପ୍ରଖ୍ୟାତ କବି,ସମାଲୋଚକ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକ । କବିତା ପୁସ୍ତକଟିର ସୁଂଦର ସମୀକ୍ଷା କରିଥିଲେ ବିଶିଷ୍ଟ କବି ଡ. ଦେବେନ୍ଦ୍ର କୁମାର ପତି ଓ ଉପସ୍ଥିତ ଥିଲେ ପୁସ୍ତକଟିର ପ୍ରକାଶକ ବିଶିଷ୍ଟ କବି ଶ୍ରୀ ରାଜକିଶୋର ଦାସ ।ଏହି ଅବସରରେରେ କେଂଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାପ୍ତ ବରିଷ୍ଠ କବି ଡ. ହୃଷିକେଶ ମଲ୍ଲିକଂକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଂକୁ ମଧ୍ୟ କବିତା ରଚନା ନିମଂତେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ଏକ କବି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ବରିଷ୍ଠ କବି ଦୁର୍ଗା ଷଡ଼ଂଗୀ ଓ ଅତିଥି କବି ଥିଲେ କବି ସୁରେନ୍ଦ୍ର ପାଣିଗ୍ରାହୀ ଓ କବି ଉମାକାଂତ ରାଉତ । କବି ସମ୍ମିଳନୀରେ ସଂଯୋଜନା କରିଥିଲେ ବିଶିଷ୍ଟ କବି ପ୍ରସନ୍ନ ସ୍ୱାଇଁ ଓ କବି ପ୍ରଭାତୀ ଜେନା ।ଏହି ସୁଂଦର ଉତ୍ସବ ଟିରେ ସଭାପତିତ୍ୱ କରିଥିଲେ ବରିଷ୍ଠ ସମାଲୋଚକ ଡ. ବସଂତ କୁମାର ପଂଡା ଓ ଉତ୍ସବଟିକୁ ଆୟୋଜନ କରିଥିଲେ ଅନୁଷ୍ଠାନର ସଭାପତି ଶ୍ରୀ ଶୁଭେଂଦୁ ରାଉତରାୟ ଏବଂ ସଂପାଦିକା ଡ. ପ୍ରମୋଦିନୀ ଜେନା । ଏହି କବି ସମ୍ମିଳନୀରେ ବିଶିଷ୍ଟ କବି ଶ୍ରୀ ଶରତ କୁମାର ନାୟକ, କବି ସୂର୍ଯ୍ୟ ମିଶ୍ର, କବି ଦୁର୍ଗା ଷଡ଼ଂଗୀ,କବି ପ୍ରସନ୍ନ ସ୍ୱାଇଁ, କବି ପ୍ରେମଚାନ୍ଦ ମହାଂତି, କବି ଉମାକାଂତ ରାଉତ, କବି ପ୍ରଭାତୀ ଜେନା, କବି ଡ. ଦେବେନ୍ଦ୍ର ପତି, କବି ଡ. ନିବେଦିତା ମହାଂତି, କବି ଜନ ରଂଜନ ପ୍ରଧାନ ଆଦି ବହୁ କବି କବିତା ପାଠ କରିଥିଲେ ଓ ସମସ୍ତ କବି ମାନଂକୁ ସଂବର୍ଦ୍ଧିତ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo